
# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୪/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, March 14/2023 | Page 16 | ₹ 7.00 | DHENKANAL

୪୯ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 49 ISSUE 108 | ମୂଲ୍ୟ ₹୭/-

**ଡବ୍ଲ୍ୟୁଟିସି ଫାଇନାଲରେ ଭାରତ**

ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିଛି।

୧୫

୦୨

**'ନାଟୁ ନାଟୁ'କୁ ଓସ୍କାର ଆୱାର୍ଡ**

୯୫ତମ ଓସ୍କାର ଆୱାର୍ଡ ହାତେଇଛି ପାନ୍ ଇଣ୍ଡିଆ ଫିଲ୍ମ 'ଆରଆରଆର୍'ର ନାଟୁ ନାଟୁ ଗୀତ। ଏହି ଗୀତକୁ ବେଷ୍ଟ ଅରିଜିନାଲ ସଙ୍ଗ୍ ବର୍ଗରେ ପୁରସ୍କୃତ କରାଯାଇଛି।



# ସ୍କୁଲ୍‌ରେ ପଶି କଟୁରି ଚୋଟ

## ୨ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଆହତ



ଆକ୍ରମଣକାରୀ ଯୁବକ କଟୁରି ଧରି ସ୍କୁଲ ପିଲାଙ୍କୁ ଗୋଡ଼ାଉଛନ୍ତି।

**କେନ୍ଦୁଝର, ୧୩।୩(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ୍ ଦନାର୍ଦ୍ଦନପୁର ପଞ୍ଚାୟତ ଭାଲିଆଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଶି ଜଣେ ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଙ୍କୁ ହାଣିବାକୁ ଗୋଡ଼ାଇଥିବା ବେଳେ କଟୁରି ଆକ୍ରମଣରେ ୨ଜଣ ଶିଶୁଙ୍କ ସମେତ ଜଣେ ଶିକ୍ଷୟିତ୍ରୀ ଆହତ ହୋଇଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନ ୧୨ଟା ୪୫ରେ ସ୍କୁଲ ଚାଲିଥିବା ବେଳେ ଭାଲିଆଡ଼ିହି ଗ୍ରାମର ନାରଣ କାର୍ଜୀ ନାମକ ଯୁବକ ଏକ କଟୁରି ଧରି ସ୍କୁଲ ଭିତରେ ପ୍ରବେଶ କରିଥିଲେ। ଶିକ୍ଷୟିତ୍ରୀ ଝୁନୁ ବେହେରା ପଢ଼ାଉଥିବା ଶ୍ରେଣୀଗୃହରେ ପଶି ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଛାତ୍ରୀଛାତ୍ର ଭୟରେ ଶ୍ରେଣୀ କକ୍ଷ ଛାଡ଼ି ଦୌଡ଼ି ପଳାଇଥିଲେ। ଯୁବକ ଛାତ୍ରୀଛାତ୍ରଙ୍କୁ ସ୍କୁଲ ହତାରେ ଗୋଡ଼ାଉଥିବା ବେଳେ ପ୍ରଥମ ଶ୍ରେଣୀର ଛାତ୍ରୀ ଶ୍ରୀମତୀ ଦେହୁରୀ ପଡ଼ିଯାଇଥିଲେ। ସେହି ସମୟରେ ନିଶାସକ୍ତ ଯୁବକ ତାଙ୍କ ପିଠିକୁ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା। ତାଙ୍କୁ କାବୁ କରିବାକୁ ଉଦ୍ୟମ ବେଳେ ଶିକ୍ଷୟିତ୍ରୀ ବେହେରା ଆକ୍ରମଣର ଶିକାର ହୋଇଥିଲେ। ତୃତୀୟ ଶ୍ରେଣୀ ଛାତ୍ର ଅନିଲ ନାଏକଙ୍କୁ ମଧ୍ୟ ସେ ମାଡ଼ ମାରିବା ସହ କଟୁରିରେ ଆକ୍ରମଣ କରିଥିଲେ। ବିଦ୍ୟାଳୟର କେତେକ ସାମଗ୍ରୀ ଭାଙ୍ଗି ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ☞ ପୃଷ୍ଠା-୪

# କଫ ସିରପ୍ ନିଶାର ଲମ୍ବା ନେଟୱର୍କ

*କଫ ସିରପ୍‌ରେ ମିଶାଯାଉଥିବା କେତେକ କେମିକାଲ ଯୋଗୁ ଆଫ୍ରିକୀୟ ଦେଶ ଗାମ୍ବିଆ ସମେତ ପାନାମା, ଉଜ୍ବେକିସ୍ତାନରେ ବହୁ ଶିଶୁଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ କଫ ସିରପ୍ ଭାରତର କେତେକ ଫାର୍ମା କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇଥିବାରୁ ଚିନ୍ତା ବଢ଼ିଛି। ହେଲେ ଓଡ଼ିଶାରେ କେତେକ କଫ ସିରପ୍‌ର ବ୍ୟାପକ ବେଆଇନ କାରବାର ଚାଲିଛି। ଏହାର କାରଣ ହେଲା ଏଥିରେ ଥିବା ନିଶା। ଅନେକେ ଏହାକୁ ନିଶା ଭାବେ ପିଉଛନ୍ତି। ଶସ୍ତାରେ ଏବଂ ସହଜରେ ଉପଲବ୍ଧ ହେଉଥିବା ଏହି ନିଶା ପାଇଁ ଆନ୍ତଃରାଜ୍ୟ ରାକେଟ୍ କାର୍ଯ୍ୟ କରୁଛି। ଏହାକୁ ନେଇ ବଡ଼ଧରପଗଡ଼ କରାଯାଇ ୩୭ଜଣଙ୍କୁ ଗିରଫ କରାଯାଇଛି।*




ଜବତ କଫ ସିରପ୍ ସହ ଏସ୍‌ପି ନୀତିନ କୁଶଲକର ଓ ସ୍କ୍ୱାଡ୍ ସଦସ୍ୟ।

**ବଲାଙ୍ଗୀର ଅଫିସ, ୧୩।୩**

ଏକ ବଡ଼ଧରଣର ଆଣ୍ଟିଡ୍ରଗ୍ସ ଅପରେଶନ୍ ବଳରେ ବଲାଙ୍ଗୀର ପୋଲିସ ଆନ୍ତଃ ରାଜ୍ୟ କଫ ସିରପ୍ ନେଟୱର୍କକୁ ଭେଦ କରିଛି। ଏହି ଆନ୍ତଃରାଜ୍ୟ ଡ୍ରଗ୍ସ କାରବାର ସୁଦୂର ହିମାଚଳପ୍ରଦେଶ, ହରିୟାଣା ଏବଂ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଲମ୍ବିଛି। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଆନ୍ତଃ ରାଜ୍ୟ ଆଣ୍ଟିଡ୍ରଗ୍ସ ଅପରେଶନ୍ ଟିମ୍ ପ୍ରଥମ ଦଫାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ହଜାର ୯୬୦ବୋତଲ କଫ ସିରପ୍ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ଲକ୍ଷ ଟଙ୍କା ହେବ। ଏହାସହିତ ବେଆଇନ କଫ ସିରପ୍ କାରାବାରରେ ସମ୍ପୃକ୍ତ ୩୭ଜଣଙ୍କୁ ଏକକାଳୀନ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଉତ୍ତରପ୍ରଦେଶର ୨ଜଣ, କଟକ ଜିଲାର ୫, ବରଗଡ଼ ଜିଲାର ୬ ଏବଂ ବଲାଙ୍ଗୀର ଜିଲାର ୨୪ ଜଣ ରହିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବନ୍ଧୁକ, ଦୁଇଟି ଖଣ୍ଡା, ସୁନାଚେନ୍, ୧୭ଟି ମୋବାଇଲ ଫୋନ୍, ଗୋଟିଏ ଏକ୍ସୟୁଭି ୭୦୦ ବ୍ରାଣ୍ଡର ଗାଡ଼ି, ତିନୋଟି ପିକ୍‌ଅପ ଭ୍ୟାନ୍, ଦୁଇଟି ବାଇକ ଓ ୭୫୦୦


- **୪୦ଲକ୍ଷ ଟଙ୍କାର କଫ ସିରପ୍ ଜବତ, ୩୭ ଗିରଫ**
- **ହିମାଚଳ ପ୍ରଦେଶ, ହରିୟାଣା, ପଶ୍ଚିମବଙ୍ଗରୁ ଲମ୍ବିଛି କାରବାର**
- **ଡାଫୋଡିଲ୍ସ ଡ୍ରଗ୍ସ କମ୍ପାନୀର ଆକାଉଣ୍ଟ ବାଜ୍ୟାପ୍ତି**

ନଗଦ ଟଙ୍କା ଜବତ କରାଯାଇଛି। କୋଲକାତାରୁ ଏସ୍‌କଫ ବ୍ରାଣ୍ଡର କଫ ସିରପ୍ ଯୋଗାଣକାରୀ କମ୍ପାନୀ ମେସର୍ସ ଡାଫୋଡିଲ୍ସ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅର୍ଥକରୀ ଫସଲ ଅଫିମ**

**ସାମ୍ବିଧାନିକ ପୀଠରେ ହେବ ସମଲିଙ୍ଗୀ ବିବାହ ଆବେଦନର ଶୁଣାଣି** ପୃଷ୍ଠା-୨




**ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର**

ଗୁରଗାଁଓର ସୋହନା ଅଞ୍ଚଳରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର ଅଭିଯୋଗ ହୋଇଛି। ରବିବାର ସ୍କୁଲ ପରିସରରେ କ୍ରୀଡା କାର୍ଯ୍ୟକ୍ରମବେଳେ ଛାତ୍ରୀଙ୍କୁ ଯୁବକମାନେ ଅପହରଣ କରିନେଇଥିଲେ। ଅଭିଯୁକ୍ତ ଛାତ୍ର ନାବାଳିକାଙ୍କର ଏକ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରି ତାକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଡିସେମ୍ବର ୧୮ରେ ୩ ଯୁବକ ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଯାତ୍ରୀଙ୍କ ମୃତ୍ୟୁ: ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ, ୧୩। ୩:** ସୋମବାର ଦିଲ୍ଲୀରୁ ଦୋହା ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ ପାକିସ୍ତାନର କରାଚିରେ ଜରୁରୀ ଅବତରଣ କରିଛି। ବିମାନରେ ଜଣେ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କ ଚିକିତ୍ସା ପାଇଁ ବିମାନକୁ କରାଚିରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। କିନ୍ତୁ ଚିକିତ୍ସା ପାଇଁ ନେବା ସମୟରେ ଉକ୍ତ ଯାତ୍ରୀଙ୍କୁ ବିମାନ ବନ୍ଦରର ମେଡିକାଲ ଷ୍ଟାଫ୍ ମୃତ ଘୋଷଣା କରିଥିଲେ। ୫ ଘଣ୍ଟାର ଅପେକ୍ଷା ପରେ କରାଚି କର୍ତ୍ତୃପକ୍ଷ ମୃତ୍ୟୁ ପ୍ରମାଣ ପତ୍ର ଦେଇଥିଲେ। ଏହାପରେ ବିମାନଟି ପୁଣିଥରେ ଦିଲ୍ଲୀ ଫେରିଆସିଲା। ମୃତ ଯାତ୍ରୀ ଜଣକ ନାଇଜେରିଆର ଅବଦୁଲ୍ଲାହ (୬୦)। ଯାତ୍ରୀଙ୍କ ମୃତ୍ୟୁ ନେଇ ଇଣ୍ଡିଗୋ ବିମାନ କର୍ତ୍ତୃପକ୍ଷ ଶୋକବ୍ୟକ୍ତ କରିଛନ୍ତି। ଅନ୍ୟଯାତ୍ରୀଙ୍କ ବିମାନ ଯାତ୍ରା ସଫଳ କରିବା ଲାଗି ଇଣ୍ଡିଗୋ ପକ୍ଷରୁ ବନ୍ଦୋବସ୍ତ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

### ରାଷ୍ଟ୍ରପତି ଭାବେ ଶପଥ ନେଲେ ରାମ ଚନ୍ଦ୍ର ପୌଡେଲ



**କାଠମାଣ୍ଡୁ, ୧୩। ୩:** ନେପାଳ କଂଗ୍ରେସର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲ ସୋମବାର ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି କାର୍ଯ୍ୟାଳୟରେ ଥିବା ଶୀତଳ ନିବାସରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନେପାଳର ପ୍ରଧାନ ବିଚାରପତି ହରି କ୍ରିଷ୍ଣା କାରକି ପୌଡେଲଙ୍କୁ ସତ୍ୟ ଓ ଗୋପନୀତାର ଶପଥପାଠ କରାଯାଇଥିଲେ। ଗୁରୁବାର ରାମଚନ୍ଦ୍ର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ପୌଡେଲଙ୍କୁ ୩୩,୮୦୨ ଇଲେକ୍ଟୋରାଲ ଭୋଟ୍ ମିଳିଥିଲା।

### ଆଇପିଏସ୍ ଜ୍ୟୋତିଙ୍କୁ ବିବାହ କରିବେ ପଞ୍ଜାବ ମନ୍ତ୍ରୀ ହରଜୋତ

**ଚଣ୍ଡିଗଡ଼, ୧୩। ୩:** ପଞ୍ଜାବର ଏଏପି ବିଧାୟକ ହରଜୋତ ସିଂ ବ୍ରେନ୍ସ ଆଇପିଏସ୍ ଅଧିକାରୀ ଜ୍ୟୋତି ଯାଦବଙ୍କୁ ବିବାହ କରିବାକୁ ଯାଉଛନ୍ତି। ପଞ୍ଜାବ ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଥିବା ହରଜୋତ ଓ ଜ୍ୟୋତିଙ୍କ ନିର୍ବନ୍ଧ ନିକଟରେ ଶେଷ ହୋଇଛି। ପଞ୍ଜାବର ଆପିଏସ୍ କାଡର ଜ୍ୟୋତି ମନ୍ସା ଜିଲାରେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି।

### ନୋବେଲ ବିଜୟୀ ସାହିତ୍ୟିକ କେଞ୍ଜାବୁରୋଙ୍କ ପରଲୋକ

**ଟୋକିଓ, ୧୩।୩:** ୧୯୯୪ରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ଜାପାନର କେଞ୍ଜାବୁରୋ ଓଏଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା।



ନୋବେଲ ପାଇବାରେ ସେ ଦ୍ୱିତୀୟ ଜାପାନୀ ସାହିତ୍ୟିକ। ଆଣବିକ ଅସ୍ତ୍ର ବିରୋଧରେ କହିଆସୁଥିବା ଶାନ୍ତି କର୍ମୀ କେଞ୍ଜାବୁରୋଙ୍କର ୩ ତାରିଖରେ ଦେହାନ୍ତ ହୋଇଥିବା ତାଙ୍କର ପ୍ରକାଶନ ସଂସ୍ଥା କୋଡାନ୍ସା ଲିଃ ପକ୍ଷରୁ ସୋମବାର କୁହାଯାଇଛି। ସେ ଜାପାନର ଯୁଦ୍ଧ ପରବର୍ତ୍ତୀ ବୃତ୍ତିକୁ ନେଇ ତାଙ୍କର ପିଲାଦିନର ସ୍ମୃତିକୁ ନେଇ ଗଦ୍ୟାତ୍ମକ ଉପନ୍ୟାସ ରଚନା କରିଥିଲେ।

### ୫ ବର୍ଷ ସହମତିରେ ଯୌନ ସମ୍ପର୍କ ବଳାତ୍କାର ନୁହେଁ: ହାଇକୋର୍ଟ

**ବେଙ୍ଗାଲୁରୁ, ୧୩।୩:** ଦୀର୍ଘ ୫ ବର୍ଷ ସହମତିରେ ଯୌନ ସମ୍ପର୍କ ରଖିବା ପରେ ଏହାକୁ ଇଚ୍ଛା ବିରୋଧରେ ବୋଲି କୁହାଯାଇପାରିବ ନାହିଁ। କର୍ନାଟକ ହାଇକୋର୍ଟ ଏହା କହିବା ସହ ଏକ ବଳାତ୍କାର ଅଭିଯୋଗ ମାମଲାକୁ ଖାରଜ କରିଦେଇଛନ୍ତି। ଅଲଗା ରହୁଥିବା ଜଣେ ପ୍ରେମିକା ତାଙ୍କର ପୂର୍ବତନ ପ୍ରେମିକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଯୁବକ ଜଣକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୫ ବର୍ଷ ଧରି ଯୌନ ସମ୍ପର୍କ ରଖିଥିଲେ ବୋଲି ଯୁବତୀ ଜଣକ ସ୍ୱୀକାର କରିଛନ୍ତି। ପରେ ଯୁବକ ଜଣକ ପ୍ରେମିକାଙ୍କୁ ଛାଡ଼ି ଚାଲିଯିବାରୁ ସେ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ।

# ନାଟୁ ନାଟୁକୁ ଓସ୍କାର ଆୱାର୍ଡ



ସଙ୍ଗୀତ ସଂଯୋଜକ ଏମ୍.ଏମ୍. କିରାବନି ଓ ଗୀତିକାର ଚନ୍ଦ୍ରବୋଷ ମଞ୍ଚରେ ପୁରସ୍କାର ଗ୍ରହଣ କରୁଛନ୍ତି।



ଓସ୍କାର ପାଇଥିବା କ୍ଷୁଦ୍ର ବୃତ୍ତ ଚିତ୍ର 'ଦି ଏଲିଫାଣ୍ଟ ହ୍ୱିସ୍ପରର୍ସ'।

## ଶ୍ରେଷ୍ଠ ବୃତ୍ତଚିତ୍ର ଭାବେ 'ଏଲିଫାଣ୍ଟ ହ୍ୱିସ୍ପରର୍ସ' ପୁରସ୍କୃତ

### ଇତିହାସ ରଚିଲା ଆର୍‌ଆର୍‌ଆର୍

**ଲସ୍‌ଏଞ୍ଜେଲ୍ସ, ୧୩। ୩**

ଓସ୍କାର ହାତେଇଛି ପାନ୍ ଇଣ୍ଡିଆ ଫିଲ୍ମ 'ଆରଆର୍‌ଆର୍'ର 'ନାଟୁ ନାଟୁ' ଗୀତ। ମନୋରଞ୍ଜନ ଜଗତର ସବୁଠାରୁ ଶ୍ରେଷ୍ଠ ପୁରସ୍କାର ଓସ୍କାର ଦ୍ୱାରା ସମ୍ମାନିତ ହେବାରେ 'ନାଟୁ ନାଟୁ' ପ୍ରଥମ ଭାରତୀୟ ଚଳଚ୍ଚିତ୍ର ସଙ୍ଗୀତ। ଗୀତକୁ ବେଷ୍ଟ ଅରିଜିନାଲ ସଙ୍ଗ୍ (ଶ୍ରେଷ୍ଠ ମୂଳ ସଙ୍ଗୀତ) ବର୍ଗରେ ପୁରସ୍କୃତ କରାଯାଇଛି। ରବିବାର ଲସ୍‌ଏଞ୍ଜେଲ୍ସଠାରେ ଆୟୋଜିତ ୯୫ତମ ଓସ୍କାର ସମାରୋହରେ ସଙ୍ଗୀତ ସଂଯୋଜକ ଏମ୍.ଏମ୍. କିରାବନି ଏବଂ ଗୀତିକାର ଚନ୍ଦ୍ରବୋଷ ମଞ୍ଚରେ ପୁରସ୍କାର ଗ୍ରହଣ କରିଥିଲେ। ଲେଡି ଗାଗାଙ୍କ 'ହୋଲ୍ଡ ମାଇଁ ହାଣ୍ଡ', ରିହାନାଙ୍କ 'ଲିଫ୍ଟ ମି ଅପ୍' ଏବଂ 'ଦିସ୍ ଇଜ୍ ଲାଇଫ୍'କୁ ପଛରେ ପକାଇ ଓସ୍କାର ହାତେଇବାରେ ସଫଳ ହୋଇଛି ନାଟୁ ନାଟୁ। ଏହି ଅବସରରେ କିରାବନି କହିଛନ୍ତି, 'ଦ କାର୍ପେଣ୍ଟର୍ସ' (ଆମେରିକୀୟ ଲଘୁ ସଙ୍ଗୀତ) ଶୁଣି ବଡ଼ ହୋଇଛନ୍ତି। ଏବେ ତାଙ୍କ ହାତରେ ଓସ୍କାର। ଆର୍‌ଆର୍‌ଆର୍ ଓସ୍କାର ଜିତୁ ବୋଲି ଆମେ ଚାହୁଁଥିଲୁ। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବର ମୁହୂର୍ତ୍ତ ଆଣିଦେଇଛି ବୋଲି କିରାବନି କହିଛନ୍ତି।

ସମାରୋହରେ ନାଟୁନାଟୁର ଗାୟକ ରାହୁଲ ସିପଲିଗୁଞ୍ଜ ଏବଂ କାଳ ଭୈରବ ଓସ୍କାର ମଞ୍ଚରେ ନାଟୁ ନାଟୁ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ପର୍ଫରମାନ୍ସ ପରେ ସେଠାରେ ଉପସ୍ଥିତ ଅତିଥି ଓ କଳାକାରମାନେ ଛିଡ଼ା ହୋଇ ସମ୍ମାନ ଜଣାଇଥିଲେ। ସେହିପରି ଶ୍ରେଷ୍ଠ ବୃତ୍ତଚିତ୍ର ଭାବେ 'ଏଲିଫାଣ୍ଟ ହ୍ୱିସ୍ପରର୍ସ'କୁ ପୁରସ୍କୃତ କରାଯାଇଛି। କାର୍ତ୍ତିକି ଗୋନସାଲ୍‌ଭେସ ଏବଂ ଗୁନୀତ ମୋଙ୍ଗାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ଡକ୍ୟୁମେଣ୍ଟାରି ଶର୍ଟଫିଲ୍ମ ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ ଦର୍ଶାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଲ୍ମ ଆର୍‌ଆର୍‌ଆର୍ ଏବଂ ଏଲିଫାଣ୍ଟ ହ୍ୱିସ୍ପରର୍ସର ପ୍ରତ୍ୟେକ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ ଏହି ବିଜୟ ଦେଶବାସୀଙ୍କୁ ଗୌରବାନ୍ୱିତ କରିଛି ବୋଲି କହିଛନ୍ତି। ଟୁଇଟ୍ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହା ଅସାଧାରଣ। ଭାରତର ପ୍ରଥମ ଚଳଚ୍ଚିତ୍ର ସଙ୍ଗୀତ ନାଟୁନାଟୁ ଓସ୍କାର ଜିତିଛି। ଆଗାମୀ ଦିନରେ ଲୋକେ ଏହି ଗୀତକୁ ମନେରଖିବେ। ତେବେ ବିଭିନ୍ନ ମହଲରୁ ଏସ୍.ଏସ୍. ରାଜାମୌଳିଙ୍କ ଦ୍ୱାରା ନିର୍ଦ୍ଦେଶିତ ଆର୍‌ଆର୍‌ଆର୍ ଫିଲ୍ମକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହାପୂର୍ବରୁ ନାଟୁନାଟୁକୁ ଶ୍ରେଷ୍ଠ ଅରିଜିନାଲ ସଙ୍ଗ୍ ବର୍ଗରେ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ମିଳିଥିଲା।

### ସୈନ୍ୟବାହିନୀକୁ 'ଗ୍ରେଟ୍ ୱାଲ୍ ଅଫ୍ ଷ୍ଟିଲ୍'ରେ ପରିଣତ କରିବି: ଜିନ୍‌ପିଙ୍ଗ



**ବେଜିଂ, ୧୩।୩ (ପି.ଟି.)**

ଚାଇନାର ସାର୍ବଭୌମତ୍ୱ ରକ୍ଷା ଲାଗି ସୈନ୍ୟବାହିନୀକୁ 'ଗ୍ରେଟ୍ ୱାଲ୍ ଅଫ୍ ଷ୍ଟିଲ୍'ରେ ପରିଣତ କରିବେ ବୋଲି ଏହାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ସୋମବାର ସଂକଳ୍ପ କରିଛନ୍ତି। ଆମେରିକା ଏବଂ କେତେକ ପଡୋଶୀ ଦେଶ ସହ ଚାଇନାର ଉତ୍ତେଜନା ବଢୁଥିବାବେଳେ ୬୯ ବର୍ଷୀୟ ଜିନ୍‌ପିଙ୍ଗ ଏଭଳି ଶପଥ ନେଇଛନ୍ତି। ସାଉଦି ଆରବ ଏବଂ ଇରାନ ମଧ୍ୟରେ କୂଟନୈତିକ ଡିଲ୍ ପରେ ବିଶ୍ୱ ବ୍ୟାପାରରେ ବେଜିଂର ବୃହତ୍ ଭୂମିକା ପାଇଁ ଜିନ୍‌ପିଙ୍ଗ ଆହ୍ୱାନ ଦେଇଛନ୍ତି। ତୃତୀୟ ଥର ପାଇଁ ଚାଇନାର ରାଷ୍ଟ୍ରପତି ହେବା ପରେ ଜିନ୍‌ପିଙ୍ଗ ତାଙ୍କର ପ୍ରଥମ ଥର ପାଇଁ ଉଦ୍‌ବୋଧନ ଦେଇ ତାଙ୍କ ନେତୃତ୍ୱରେ ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ନେତୃତ୍ୱକୁ କାଏମ ରଖିବା ଲାଗି ରାଷ୍ଟ୍ରକୁ ଆହ୍ୱାନ ଦେଇଛନ୍ତି। ସିପିସିର ପ୍ରତିଷ୍ଠାତା ମାଓ ଜେଡୋଙ୍ଗଙ୍କ ଭଳି ଜିନ୍‌ପିଙ୍ଗ ଦଳର ମୁଖ୍ୟ ନେତା। ତୃତୀୟ ଥର ରାଷ୍ଟ୍ରପତି ଏବଂ ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ମୁଖ୍ୟ ଭାବେ ଜିନ୍‌ପିଙ୍ଗଙ୍କ ନିଯୁକ୍ତିକୁ ଗତ ସପ୍ତାହରେ ପାର୍ଲାମେଣ୍ଟ ସମର୍ଥନ ଜଣାଇଥିଲା। ସେ ଗତବର୍ଷ ଅକ୍ଟୋବରରେ ତୃତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ସିପିସି ମୁଖ୍ୟ ନିର୍ବାଚିତ ହୋଇଥିଲେ।

## ଆମେରିକାର ଆଉ ଏକ ବ୍ୟାଙ୍କ ବୁଡ଼ିଲା

**ନ୍ୟୁୟର୍କ, ୧୩।୩**

ସିଲିକନ୍ ଭ୍ୟାଲି ବ୍ୟାଙ୍କ (ଏସ୍‌ଭିବି) ବନ୍ଦ ହେବାର ଦୁଇଦିନ ପରେ ନ୍ୟୁୟର୍କର ସିଗ୍‌ନେଚର ବ୍ୟାଙ୍କ ବୁଡ଼ିଛି। ଉଭୟ ବ୍ୟାଙ୍କର ଜମାକାରୀମାନେ ସେମାନଙ୍କ ଜମା ଅର୍ଥ ଯେପରି ଫେରିପାଇବେ, ସେ ଦିଗରେ ଆମେରିକା କର୍ତ୍ତୃପକ୍ଷ ପଦକ୍ଷେପ ନେଉଛନ୍ତି। ସୋମବାରଠାରୁ ଏସ୍‌ଭିବି ଜମାକାରୀଙ୍କୁ ଅର୍ଥ ଫେରାଇବା ଆରମ୍ଭ ହୋଇଥିବା ଆମେରିକା ଟ୍ରେଜେରୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆମେରିକାର ଫେଡେରାଲ ରିଜର୍ଭ କ୍ରମାଗତ ସୁଧହାର ବଢ଼ାଇବାରୁ ଏହାର




ପ୍ରତ୍ୟକ୍ଷ ପ୍ରଭାବ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ପଡ଼ିଛି। ବୃହତ୍ ଟେକ୍ନୋଲୋଜି କମ୍ପାନୀ ଓ ଷ୍ଟାର୍ଟ୍‌ଅପ୍‌ଗୁଡ଼ିକୁ ଋଣ ପ୍ରଦାନ କରିଆସୁଥିବା ଏସ୍‌ଭିବି ବୁଡ଼ିଯାଇଛି। ଏସ୍‌ଭିବିକୁ ଶୁକ୍ରବାର କାଲିଫର୍ନିଆ ବ୍ୟାଙ୍କିଙ୍ଗ୍ ରେଗୁଲେଟର୍ସ ବନ୍ଦ ଘୋଷଣା କରିଥିଲେ। ୨୦୦୮ର ବୈଶ୍ୱିକ ଆର୍ଥିକ ସଙ୍କଟ ପରେ ଏହାକୁ ରିଟେଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସବୁଠୁ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି। ସେହିପରି କ୍ରିପ୍ଟୋକରେନ୍ସି କାରବାରର ପ୍ରଘଟ ହେବା ପରେ ନ୍ୟୁୟର୍କର ଆଞ୍ଚଳିକ ଋଣପ୍ରଦାନକାରୀ ସିଗ୍‌ନେଚର ବ୍ୟାଙ୍କର ଷ୍ଟକ୍ ମୂଲ୍ୟ ହ୍ରାସ ପାଇଥିଲା। ଏହି ବ୍ୟାଙ୍କକୁ ରବିବାର ବନ୍ଦ କରିଦିଆଯାଇଛି। ତେବେ ଜମାକାରୀମାନେ ସମ୍ପୂର୍ଣ୍ଣ ଜମା ଅର୍ଥ ଫେରିପାଇବେ ବୋଲି ଆମେରିକା ଫେଡେରାଲ ରିଜର୍ଭ, ଫେଡେରାଲ ଡିପୋଜିଟ୍ ଇନ୍‌ସୁରାନ୍ସ କର୍ପୋରେଶନ ଏବଂ ଟ୍ରେଜେରି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।



ଆମେରିକାର କାଲିଫର୍ନିଆରେ ଏକ ଗଛ ପଛପଟେ ଇନ୍ଦ୍ରଧନୁର ନୈସର୍ଗିକ ଦୃଶ୍ୟ ନାସା ଦ୍ୱାରା ଉତ୍ତୋଳନ କରାଯାଇଛି।

### ଇମ୍ରାନ୍‌ଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା



**ଇସ୍‌ଲାମାବାଦ, ୧୩।୩**

ମହିଳା ବିଚାରପତି ଜେବା ଚୌଧରୀଙ୍କୁ ଧମକ ଦେବା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ସୋମବାର ଏକ ସିଭିଲ ଜଜ୍ ଡିଷ୍ଟ୍ରିକ୍ଟ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ(ପିଟିଆଇ) ଅଧ୍ୟକ୍ଷ ଇମ୍ରାନ ସୋମବାର କୋର୍ଟରେ ହାଜର ହେବାକୁ ଥିବାବେଳେ ସୁରକ୍ଷା କାରଣ ଦର୍ଶାଇ ସେ ଉପସ୍ଥିତ ହୋଇ ନ ଥିଲେ। ଫଳରେ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେବା ସହ ଗିରଫ ପରୱାନା ଜାରି କରିଛନ୍ତି। ତାଙ୍କୁ ମାର୍ଚ୍ଚ ୨୯ରେ ହାଜର କରାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗୀ ଶାହବାଜ୍ ଗିଲ୍‌ଙ୍କୁ ହାଜତରେ ନିର୍ଯାତନା ଦିଆଯାଉଥିବା ଘଟଣାରେ ସମବେଦନା ଜଣାଇବାକୁ ଗତବର୍ଷ ଅଗଷ୍ଟରେ ଇମ୍ରାନ୍ ଏକ ରାଲିରେ ଜଜ୍ ଜେବା ଚୌଧରୀଙ୍କୁ ଧମକ ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ସେ ପ୍ରସ୍ତୁତ ରହନ୍ତୁ ବୋଲି ଇମ୍ରାନ କହିଥିଲେ। ପିଟିଆଇ ନେତାଙ୍କ ଏଭଳି ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

## ପ୍ରତିରକ୍ଷା ମନ୍ତ୍ରଣାଳୟ ଆଇନ ହାତକୁ ନେଇପାରିବ ନାହିଁ

### ଓଆର୍‌ଓପି ବକେୟା ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୧୩।୩**

ଗୋଟିଏ ପାହ୍ୟା-ଗୋଟିଏ ପେନ୍‌ସନ (ଓଆର୍‌ଓପି) ବକେୟା ୪ କିସ୍ତିରେ ପୈଠ କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ନୋଟିସ୍ ଜାରି କରିଥିବାରୁ ସୁପ୍ରିମକୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଆଇନକୁ ହାତକୁ ନେଇ ପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୪ କିସ୍ତିରେ ଓଆର୍‌ଓପି ଏରିଅର ପୈଠ କରିବା ନିମନ୍ତେ ଜାନୁୟାରୀ ୨୦ରେ ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। କେନ୍ଦ୍ର ପକ୍ଷରୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଉପସ୍ଥିତ ରହି କହିଥିଲେ, ପୂର୍ବତନ ସେନା କର୍ମଚାରୀମାନଙ୍କର ଗୋଟିଏ କିସ୍ତି ଓଆର୍‌ଓପି ବକେୟା ପୈଠ ହୋଇଛି। ଅବଶିଷ୍ଟ ଅର୍ଥ ପୈଠ ଲାଗି ସେ ସମୟ ମାଗିଥିଲେ। ପ୍ରଥମେ ବିଜ୍ଞପ୍ତି ପ୍ରତ୍ୟାହାର କର, ତା' ପରେ ଆବେଦନର ବିଚାର କରାଯିବ ବୋଲି ଖଣ୍ଡପୀଠ ଭେଙ୍କଟରମଣୀଙ୍କୁ କହିଥିଲେ।

## ସିବିଆଇ ତଦନ୍ତ ଅଟକାଇଲେ ସୁପ୍ରିମକୋର୍ଟ

### ବିଆର୍‌ଏସ୍ ବିଧାୟକ ଘୋଡ଼ାବେପାର ମାମଲା

**ନୂଆଦିଲ୍ଲୀ, ୧୩।୩:** ଭାରତର ରାଷ୍ଟ୍ର ସମିତି (ବିଆର୍‌ଏସ୍)ର କେତେଜଣ ବିଧାୟକଙ୍କୁ କିଣିବା ପାଇଁ ଉଦ୍ୟମ ପଛରେ ଆପରାଧିକ ଷଡ଼ଯନ୍ତ୍ର ଥିବା ଭାଜପାର ଅଭିଯୋଗ ଉପରେ ତଦନ୍ତକୁ ସ୍ଥଗିତ ରଖିବା ନିମନ୍ତେ ସୁପ୍ରିମକୋର୍ଟ ସୋମବାର ସିବିଆଇକୁ କହିଛନ୍ତି। ଏହି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ତେଲଙ୍ଗାନା ପୋଲିସର ଅପିଲ୍ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇରେ ହେବାକୁ ଥିବାରୁ ସିବିଆଇ ତଦନ୍ତରେ ଆଗକୁ ବଢ଼ିବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ। ତେଲଙ୍ଗାନା ପୋଲିସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଉପସ୍ଥିତ ରହି ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯିବାକୁ ବିରୋଧ କରିଥିଲେ। ମାମଲା ଏପର୍ଯ୍ୟନ୍ତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇ ନାହିଁ। ମାମଲା ବିଚାରାଧୀନ ଥିବାରୁ ସିବିଆଇ ତଦନ୍ତ କରିବା ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

## ଆଇସୋଲେଶନ, ଟିକାକରଣ ପରାମର୍ଶ

### ବଢୁଛି ଏଚ୍‌୩ଏନ୍୨ ସଂକ୍ରମଣ

**ନାଗପୁର, ୧୩।୩**

ଜାତୀୟ କୋଭିଡ୍ ଟାସ୍କଫୋର୍ସର ନେତୃତ୍ୱ ନେଇଥିବା ଡ. ରଣଦୀପ୍ ଗୁଲେରିଆ ବର୍ତ୍ତମାନର ଇନ୍‌ଫ୍ଲୁଏଞ୍ଜା ଏଚ୍‌୩ଏନ୍୨ ସଂକ୍ରମଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ସଂକ୍ରମଣରୁ ବର୍ତ୍ତିବା ଲାଗି ଲୋକମାନେ ମାସ୍କ ପିନ୍ଧିବା ସହ ହାତ ଧୋଇବା ଆବଶ୍ୟକ। କୋଭିଡ୍ ସମୟର ଆଇଶୋଲେଶନ ଭଳି ବର୍ତ୍ତମାନ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣର ଅଧିକ ବିପଦ ଥିବା ଲୋକମାନଙ୍କୁ ଏକାନ୍ତ ବାସରେ ରଖିବା ଏବଂ ସମସ୍ତେ ଟିକା ନେବା ଲାଗି ଗୁଲେରିଆ ପରାମର୍ଶ ଦେଇଛନ୍ତି। ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀ ଅବସରରେ ଗୁଲେରିଆ ଗଣମାଧ୍ୟମକୁ ଏହା କହିଛନ୍ତି। ସଂକ୍ରମିତ ବ୍ୟକ୍ତିଙ୍କ ନିଶ୍ୱାସରେ ବାହାରୁଥିବା ଜଳକଣା ଏବଂ କାଶରେ ଭୂତାଣୁ ସଂକ୍ରମିତ ହେଉଥିବାରୁ ସମସ୍ତେ ମାସ୍କ



ଡ. ରଣଦୀପ୍ ଗୁଲେରିଆ

ପିନ୍ଧିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସେହିପରି ପିଲାମାନେ ସ୍କୁଲରେ ସଂକ୍ରମିତଙ୍କ ଛୁଇଁ ଅନ୍ୟମାନଙ୍କୁ ଭୂତାଣୁ ସଂକ୍ରମିତ କରାଉଛନ୍ତି। ସେଥିପାଇଁ ନିୟମିତ ହାତ ଧୋଇବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ଗୁଲେରିଆ ଗୁରୁତ୍ୱ ଦେଇଛନ୍ତି।

## ସମଲିଙ୍ଗୀ ବିବାହ ମାମଲା

# ସାମ୍ବିଧାନିକ ପୀଠରେ ହେବ ଶୁଣାଣି

### ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କହିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ପାଇଁ ଦାଏର ପିଟିଶନଗୁଡ଼ିକୁ ସୁପ୍ରିମକୋର୍ଟ ସୋମବାର ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଏପ୍ରିଲ ୧୮ରୁ ସେଗୁଡ଼ିକର ଶୁଣାଣି ସାମ୍ବିଧାନିକ ପୀଠରେ ହେବା ସହ ଏହାର ସିଧାପ୍ରସାରଣ କରାଯିବ । ସମଲିଙ୍ଗୀ ବିବାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଦର୍ଶାଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଗୋଟିଏ ପଟେ ସାମ୍ବିଧାନିକ ଅଧିକାର ଏବଂ ଅନ୍ୟ ପଟେ ସ୍ୱତନ୍ତ୍ର ବିବାହ ଆଇନ ସମେତ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରିତା ମଧ୍ୟରେ ଅନ୍ତଃକ୍ରିୟା ଏହି ପ୍ରସଙ୍ଗ ସହ ଜଡ଼ିତ। ଆମ ବିଚାରରେ ସମ୍ବିଧାନର ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ଉକ୍ତ ମାମଲା ୫



ଜଣିଆ ପୀଠରେ ସମାଧାନ କରାଯିବା ଉଚିତ ହେବ। ସେଥିପାଇଁ ଆବେଦନଗୁଡ଼ିକୁ ସାମ୍ବିଧାନିକ ପୀଠକୁ ପଠାଗଲା ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଉକ୍ତ ମାମଲାର ରାୟ ସମ୍ପୂର୍ଣ୍ଣ ସମାଜକୁ ପ୍ରଭାବିତ କରିବାକୁ ଥିବାରୁ ଉଭୟ ପକ୍ଷର ଯୁକ୍ତି ଶୁଣାଣିକୁ କାଟ୍‌ଛାଣ୍ଟ ନ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ନିବେଦନ କରିଥିଲେ।

ସମଲିଙ୍ଗୀ ବିବାହକୁ ବୈଧାନିକ ସ୍ୱୀକୃତି ମିଳିବ କି ନାହିଁ ସେ ନିଷ୍ପତ୍ତି ପାର୍ଲାମେଣ୍ଟ ନେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ରବିବାର କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ ଯେ, ସମଲିଙ୍ଗୀ ବିବାହ ଭାରତୀୟ ପରିବାର ଧାରଣା ମୁତାବକ ନୁହେଁ। ସ୍ୱାମୀ, ସ୍ତ୍ରୀ ଓ ପିଲାଙ୍କୁ ନେଇ ଭାରତୀୟ ପରିବାର ଗଠିତ, ଯେଉଁଠି ସ୍ୱାମୀ ଜଣେ ଜୈବିକ ପୁରୁଷ ଓ ସ୍ତ୍ରୀ ଜୈବିକ ମହିଳା ହେବା ଜରୁରୀ। ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର ଦଫା ୩୭୭କୁ ଅପରାଧମୁକ୍ତ କରାଯିବା ଅର୍ଥ ନୁହେଁ ଯେ, ଦେଶର ଆଇନ ଅନୁଯାୟୀ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପାଇଁ ଆବେଦନକାରୀ ମୌଳିକ ଅଧିକାର ଭାବେ ଦାବି କରିପାରିବେ। ପାର୍ଟନର ଭାବେ ଏକାଠି ରହିବା ଏବଂ ସମଲିଙ୍ଗୀ ବ୍ୟକ୍ତି ଯୌନ ସମ୍ପର୍କ ସ୍ଥାପନ କରିବା ଭାରତୀୟ ପରିବାର ଧାରଣା ସହ ତୁଳନୀୟ ନୁହେଁ। ଏଲ୍‌ଜିବିଟିକ୍ୟୁ ପ୍ଲସ୍ ଗୋଷ୍ଠୀର ଆବେଦନକୁ ବର୍ତ୍ତମାନର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଖାରଜ କରିଦେବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ସମଲିଙ୍ଗୀ ବିବାହର ପଞ୍ଜୀକରଣ ବର୍ତ୍ତମାନର ପର୍ସୋନାଲ ଆଇନ ଏବଂ ସଂହିତାବଦ୍ଧ ଆଇନ ବ୍ୟବସ୍ଥାର ଉଲ୍ଲଂଘନ ହେବ। ବିବାହ ଅର୍ଥ ଦୁଇ ବିପରୀତଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ମିଳନ ଏବଂ ଏହି ସଂଜ୍ଞା ସାମାଜିକ, ସାଂସ୍କୃତିକ ତଥା ଆଇନଗତ ଭାବେ ଦୀର୍ଘବର୍ଷ ଧରି ସ୍ୱୀକୃତି ପାଇଆସିଛି। ନ୍ୟାୟିକ ହସ୍ତକ୍ଷେପ ଦ୍ୱାରା ଏହାକୁ ପ୍ରଭାବିତ କରାଯିବା ଉଚିତ ନୁହେଁ ବୋଲି କେନ୍ଦ୍ର ସରକାର କହିଥିଲେ।

# ଗରମ ଡାଲି ପଡ଼ି ସେବାଶ୍ରମ ସ୍କୁଲ ଛାତ୍ର ମୃତ

**ଟେନ୍ସା, ୧୩।୩(ଡି.ଏନ୍.ଏ.)**

ଚୁଲିରୁ ଓହ୍ଲାଇବାବେଳେ ଗରମ ଡାଲି ଦେହରେ ପଡ଼ିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଅନ୍ତର୍ଗତ ଡେଙ୍ଗୁଲା ସେବାଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ଜିଲେଟ ହୋନହାଗା (୧୪)। ତାଙ୍କ ଘର ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳରେ। କୋଇଡ଼ା ବ୍ଲକ ସାନଇନ୍ଦୁପୁର ଓରାଘାଟ ଅଞ୍ଚଳରେ ତାଙ୍କ ବନ୍ଧୁଙ୍କ ଘର ହୋଇଥିବାରୁ ସେ ଡେଙ୍ଗୁଲା ସେବାଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡ଼ିବା ପରେ ସୋମବାର କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜ୍, ତହସିଲଦାର ଡି. ଶୁଭଦର୍ଶୀ ଯୋଶୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ସମ୍ପୃକ୍ତ ସେବାଶ୍ରମ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ଛାତ୍ରମାନଙ୍କୁ ବିଭିନ୍ନ କଥା ପଚାରି ବୁଝିଥିଲେ। ଛାତ୍ରମାନଙ୍କୁ ଝାଡୁମାରିବା, ରୋଷେଇ କରିବାକୁ କୁହାଯାଏ ବୋଲି ସେମାନେ ବିଡିଓ, ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ।

ଗତ ୬ ତାରିଖରେ ଜିଲେଟ ଚୁଲିରୁ ଡାଲି ଓହ୍ଲାଉଥିବାବେଳେ ତାଙ୍କ ହାତରୁ ଡାଲି ହୋଇଯାଇଥିଲା। ଫଳରେ ଗରମ ଡାଲି ତାଙ୍କ ଦେହରେ ଢାଳି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଅବସ୍ଥା ଅଧିକ ଗୁରୁତର ହେବାରୁ ୭ରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ରାଉରକେଲା ସରକାରୀ ଡାକ୍ତରଖାନା ତରଫରୁ ସୂଚନା ଦିଆଯିବା ପରେ ରାଉରକେଲା ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ରଘୁନାଥପାଲି ଥାନା ଆଇଆଇସି ସୁବ୍ରତ ମେହେର କହିଛନ୍ତି ଗରମ ଡାଲି ପଡ଼ିବାରୁ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଘଟଣା ନେଇ କୋଇଡ଼ା ପୋଲିସକୁ ଜଣାଇ ଦିଆଯାଇଛି। ଡାଲି ପଡ଼ିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ ଭୟରେ କାହାକୁ ଜଣାଇ ନ ଥିଲେ। ଛାତ୍ରଙ୍କ ମୃତ୍ୟୁ ପରେ ଘଟଣା ଜଣାପଡ଼ିଛି।

ଏନେଇ ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କାର୍ମିଲା ବିଲୁଙ୍ଗଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। କୋଇଡ଼ା ବିଡିଓ ରାଜ୍ କହିଛନ୍ତି, ଘଟଣା ନେଇ ଉଚ୍ଚ ଅଧିକାରୀ ତଦନ୍ତ କରୁଛନ୍ତି। ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ବିଧିବଦ୍ଧ ଭାବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ମହୁମାଛି ଆତଙ୍କ

**୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ, ୬ ଗୁରୁତର**

**କେନ୍ଦୁଝର, ୧୩।୩(ସ୍ୱ.ପ୍ର)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବାଳିକା ହାଇସ୍କୁଲ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ମହୁମାଛି ଆତଙ୍କ ଦେଖାଯାଇଛି। ଆକ୍ରମଣରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକ ଆହତ ହୋଇଛନ୍ତି। ୪ ଜଣ ଛାତ୍ରୀଛାତ୍ର ଓ ୨ ଶିକ୍ଷକଙ୍କ ଅବସ୍ଥା ଗୁରୁତର ରହିଛି। ବହୁ କଷ୍ଟରେ ପରୀକ୍ଷା ଦେବା ପରେ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ସମସ୍ତେ ଘରକୁ ଫେରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୋମବାର ମାଟ୍ରିକ୍ ସମେଟିଭ -୨ ପରୀକ୍ଷାର ଦ୍ୱିତୀୟ ଦିନ ଥିଲା। ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ଦେବାକୁ ପରୀକ୍ଷାର୍ଥୀ ଉକ୍ତ କେନ୍ଦ୍ରକୁ ଆସିଥିଲେ। ସକାଳ ପ୍ରାୟ ୭ରେ ସ୍କୁଲ ନିକଟରେ ଥିବା ହରିଚନ୍ଦନପୁର ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ସଂଲଗ୍ନ ଏକ ବରଗଛ ମୂଳେ ଛିଡ଼ା ହୋଇଥିଲେ। ବରଗଛରେ ଥିବା ମହୁମାଛି ହଠାତ ଉଡ଼ିବା ଆରମ୍ଭ କରିବା ସହ ଏକତ୍ରିତ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣ କରିବା ଦେଖି ପରୀକ୍ଷାର୍ଥୀମାନେ ଦୌଡ଼ିବା ଆରମ୍ଭ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ମନୋହରପୁରର ଛାତ୍ର ସୁମତି ମହାନ୍ତ, ସବିତା ମହାନ୍ତ, ସ୍ୱସ୍ତିକ ନାଏକ ଓ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପିଟାପିଟିର ଛାତ୍ର ବିଶ୍ୱନାଥ ଜୁଆଙ୍ଗ ଗୁରୁତର ହୋଇଛନ୍ତି। ଏଥିସହ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ପଞ୍ଚାୟତ ହାଇସ୍କୁଲ ବାଇଲୋବେଡ଼ା ଭଗାମୁଣ୍ଡାର ମନୋଜ ମହାନ୍ତ ଗୁରୁତର ହୋଇଥିଲେ। ପରୀକ୍ଷା ଶେଷ ହେବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ନେଇ ରିପୋର୍ଟ ଦେବାକୁ ପ୍ରଧାନ ଶିକ୍ଷକଙ୍କୁ କୁହାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ବରଗଛରେ ଦୀର୍ଘ ବର୍ଷ ହେବ ମହୁମାଛି ରହୁଥିବା ବେଳେ ରବିବାର ପୂର୍ବାହ୍ନରେ ଏକ ବାଜପକ୍ଷୀ ଫେଣାକୁ ଭାଙ୍ଗି ଦେଇଥିଲା। ଫଳରେ ମହୁମାଛି ଆକ୍ରମଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଥିଲେ।

# ଉତ୍ତର ଘୁମୁସର ବନଖଣ୍ଡରେ ହାତୀମୃତ୍ୟୁ

**ଭଞ୍ଜନଗର, ୧୩।୩(ଡି.ଏନ.ଏ)**



ମୃତ ହାତୀ।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଝିଲିମିଲି କ୍ଷୁଦ୍ର ଜଳସେଚନ ଭଣ୍ଡାର ନିକଟରେ ସୋମବାର ଏକ ଅଣ୍ଡିରା ହାତୀର ମୃତ୍ୟୁ ଘଟିଛି। ଅପରାହ୍ନରେ ଯୁଗ୍ମ ଟାସ୍କ ଫୋର୍ସ ଭୁବନେଶ୍ୱରରୁ ଆସି ପହଞ୍ଚିବା ପରେ ହାତୀର ବ୍ୟବଚ୍ଛେଦ ହୋଇଛି। ହାତୀମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଡିଏଫ୍ଓ ସୁଦର୍ଶନ ବେହେରା କହିଛନ୍ତି। ପ୍ରକାଶ ଯେ, ରବିବାର ରାତିରେ ୧୯ ଟିକିଆ ହାତୀପଲ ଗୁରାବାଡ଼ି, ବାହାଡ଼ାପଦର, ନନ୍ଦିନୀପଲ୍ଲୀ ଅଞ୍ଚଳରେ ଘୂରି ବୁଲିବା ସହ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ଫସଲ କ୍ଷତିଗ୍ରସ୍ତ କରିଥିଲେ। ସୋମବାର ସକାଳେ ୧୨ ବର୍ଷର ଏକ ଅଣ୍ଡିଆ ହାତୀର ମୃତଦେହ ଜଳଭଣ୍ଡାର ନିକଟରୁ ମିଳିଥିଲା। ହାତୀଟି ଜଳଭଣ୍ଡାରକୁ ପାଣି ପିଇବାକୁ ଯିବା ବାଟରେ କେଉଁଭଳି ପରିସ୍ଥିତିରେ ମୃତ୍ୟୁବରଣ କଲା ତାହାର କାରଣ ଖୋଜୁଛି ବନ ବିଭାଗ। ଅପରପକ୍ଷେ ଡିଏଫ୍ଓ ସୁଦର୍ଶନ ବେହେରା, ରେଞ୍ଜର ବିମ୍ବାଧର ସାହୁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ଅନୁପମ ବାନାର୍ଜୀ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ତଦନ୍ତ କରୁଛନ୍ତି। ହାତୀର ବ୍ୟବଚ୍ଛେଦ ସମୟରେ ମହୁଲିମଦ ପୋଚ ବାସନା ହେଉଥିଲା। ହାତୀଟି ମଦ ପୋଚ ପିଇଥିବା ଅନୁମାନ କରାଯାଉଛି। ପୋଚ ବିଷାକ୍ତ ଥିବା ଯୋଗୁ ହାତୀଟି ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି। ଏହି ହାତୀକୁ ମିଶାଇ ବିଗତ ୭ ମାସରେ ଉତ୍ତର ଘୁମୁସର ବନଖଣ୍ଡରେ ୬ଟି ହାତୀ ମୃତ୍ୟୁବରଣ କଲେଣି। ବାରମ୍ବାର ହାତୀମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

# ବାରାକ୍‌ରେ କନ୍‌ଷ୍ଟେବଲ୍‌ଙ୍କ ଆତ୍ମହତ୍ୟା



**ଫୁଲବାଣୀ ଅଫିସ/ ଟିକାବାଲି, ୧୩।୩:** କନ୍ଧମାଳ ଜିଲା ଟିକାବାଲି ଥାନାରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ସୋମବାର ବାରାକ୍‌ରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଫୁଲବାଣୀ ସହର ଡାକାପାଲାର ଶ୍ରୀନିବାସନ ଘଟାଲ। ପୂର୍ବାହ୍ନ ୧୦ଟାରେ ଥାନାରେ ଶ୍ରୀନିବାସନଙ୍କ ସେଣ୍ଟ୍ରି ଡ୍ୟୁଟି ଥିଲା। ସମୟ ଅନୁସାରେ ସେ କାର୍ଯ୍ୟରେ ଆସି ଯୋଗ ନ ଦେବାରୁ ତାଙ୍କୁ ଡାକିବା ପାଇଁ ଜଣେ ଥାନା କର୍ମଚାରୀ ବାରାକ୍ ଭିତରକୁ ଯାଇଥିଲେ। କ୍ୱାର୍ଟର୍ସ ପାଖରେ ପହଞ୍ଚିଲା ବେଳକୁ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ଶ୍ରୀନିବାସନଙ୍କୁ ଦେଖିଥିଲେ। ଏ ନେଇ କର୍ମଚାରୀ ଜଣକ ଥାନାଧିକାରୀଙ୍କୁ ଅବଗତ କରିଥିଲେ। ଥାନାଧିକାରୀ କଲ୍ୟାଣୀମୟୀ ଷଣ୍ଢ ସଙ୍ଗେ ସଙ୍ଗେ ଜି.ଉଦୟଗିରି ଏସ୍‌ଡିପିଓ ତିରୁପତି ରାଓ ପଟ୍ଟନାୟକଙ୍କୁ ଜଣାଇଥିଲେ। ଉଭୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ଥାନାରେ ନଂ. ୧/୨୩ରେ ମାମଲା ରୁଜୁ ହୋଇଛି। ଶ୍ରୀନିବାସନ କିଛି ଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ଥିଲେ। ପ୍ରାୟ ୬ ମାସ ହେବ ମାନସିକ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇ ଔଷଧ ଖାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଜି.ଉଦୟଗିରି ଏସ୍‌ଡିପିଓ ପଟ୍ଟନାୟକ କହିଛନ୍ତି। କିନ୍ତୁ ସେ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କରିଛନ୍ତି, ତାହା ତଦନ୍ତ ପରେ ଜଣାପଡିବ ବୋଲି ଥାନାଧିକାରୀ ଷଣ୍ଢ ପ୍ରକାଶ କରିଛନ୍ତି।

# ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

**ଏଚ୍‌୩ଏନ୍‌୨ ସହ କରୋନା ସଂକ୍ରମଣ ବଢୁଛି**

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

- ସର୍ଭିଲାନ୍ସ ବଢ଼ାଇବା ସହ ପ୍ରସ୍ତୁତ ରହିବାକୁ ପରାମର୍ଶ
- କିଡ୍‌ନୀ, ହାର୍ଟ ଓ ଶ୍ୱାସ ରୋଗୀ ଅଧିକ ପ୍ରଭାବିତ ହେବା ଆଶଙ୍କା

ରାଜ୍ୟରେ ଚିନ୍ତା ବଢ଼ାଉଛି ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜା। କେନ୍ଦ୍ର ସରକାରଙ୍କ ସତର୍କତା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛି। ସର୍ଭିଲାନ୍ସ ବଢ଼ାଇବା ସହ ଔଷଧ, ଅକ୍ସିଜେନ ଓ ଆଇସିୟୁ ସ୍ଥିତି ନିୟମିତ ଅନୁଧ୍ୟାନ କରିବାକୁ କୁହାଯାଇଛି। ଇନ୍‌ଫ୍ଲୁଏଞ୍ଜାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଜ୍ୱର, ଥଣ୍ଡା, କାଶ କିଛିଦିନ ରହିବ। ଏହାପରେ ଆପେ ଆପେ ଭଲ ହୋଇପାରେ। କିନ୍ତୁ କିଡ୍‌ନୀ, ହାର୍ଟ ଓ ଶ୍ୱାସ ରୋଗୀ ଏଥିରେ ଗୁରୁତର ହୋଇପାରନ୍ତି। ତେଣୁ ଲକ୍ଷଣ ଥିଲେ ନିଜକୁ ଆଇସୋଲେଟ୍ କରିବା ସହ ମାସ୍କ ପିନ୍ଧିବା ଓ ହାତ ଧୋଇବାକୁ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ରୋଗ ଭଲ ନ ହେଲେ ଡାକ୍ତରଙ୍କ ପରାମର୍ଶ ନେଇ ହସ୍ପିଟାଲରେ ଆଡ୍‌ମିଟ୍ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଏଚ୍‌୩ଏନ୍‌୨ ଭୂତାଣୁର ଭୟ ଲୋକଙ୍କ ମଧ୍ୟରେ ଥିବା ବେଳେ ସେପଟେ ଦେଶରେ ପୁଣି କରୋନା ଭୟ ଘାରିଲାଣି। ୧୧୩ ଦିନରେ ପରେ ଦେଶରେ ପୁଣିଥରେ ୫୦୦ ଟପିଛି ଦୈନିକ କରୋନା ସଂକ୍ରମଣ। ତେଣୁ କୋଭିଡ୍ ନିୟମ ପାଳନ ପାଳନ କରିବା ସହିତ ଥଣ୍ଡା, କାଶ ଥିଲେ କୋଭିଡ୍ ଟେଷ୍ଟ କରିବାକୁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ପରାମର୍ଶ ଦେଇଛି।

# ଦେଶୀ ବନ୍ଧୁକ କାରଖାନା ଠାବ, ଜଣେ ଗିରଫ

**୩ ବନ୍ଧୁକ ଜବତ**



ଗିରଫ ଅଭିଯୁକ୍ତ



ଜବତ ବନ୍ଧୁକ ଓ ପ୍ରସ୍ତୁତ ସାମଗ୍ରୀ।

**ଜଗନ୍ନାଥପ୍ରସାଦ, ୧୩।୩(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ପୋଲିସ ରବିବାର ଏକ ଦେଶୀ ବନ୍ଧୁକ କାରଖାନା ଠାବ କରିଛି। କାରଖାନାରେ ବେଆଇନ ସାମଗ୍ରୀ ରଖିବା ଅଭିଯୋଗରେ ମୋହନ ମଳିକଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଗତ ୨୬ ତାରିଖ ରାତ୍ର ପାଟ୍ରୋଲିଂ ବେଳେ ସ୍ଥାନୀୟ ପୋଲିସ ଖଇରପଟି ଗ୍ରାମର ସୁଶାନ୍ତ ନାଇକଙ୍କୁ ଧରିଥିଲା। ତାଙ୍କ ନିକଟରୁ ଗୋଟିଏ ହାତତିଆରି ବନ୍ଧୁକ ଜବତ କରିଥିଲା। ପଚରାଉଚରା ପରେ ଏହାକୁ ସେ କିଣିଥିବା କହିଥିଲେ। ଏଥିସହ ବନ୍ଧୁକ ବିକୁଥିବା ଲୋକର ଠିକଣା ମଧ୍ୟ ପୋଲିସ ଆଗରେ ପ୍ରକାଶ କରିଥିଲେ। ପୋଲିସ ୧୨ ତାରିଖ ରାତିରେ ଓଡ଼ଗାଁ ଥାନା ଗୁଡମି ଗ୍ରାମପଞ୍ଚାୟତ ଅଧୀନ ଡିମିରିପଲ୍ଲୀ ଗ୍ରାମର ମୋହନ ମଳିକଙ୍କ ଘରେ ଚଢ଼ାଉ କରି ସେଠାରେ ଚାଲିଥିବା ହାତତିଆରି ବନ୍ଧୁକ କାରଖାନା ଠାବ କରିଥିଲା। ସେଠାରୁ ୩ଟି ବନ୍ଧୁକ ଜବତ କରିଥିଲା। ପଚରାଉଚରା ବେଳେ ମୋହନ ଏଠାରେ ୩୦ ବର୍ଷ ଧରି ବନ୍ଧୁକ ତିଆରି କରୁଥିବା କହିଥିଲେ। ଏହା ନୟାଗଡ଼, ଦଶପଲ୍ଲା, ଗଞ୍ଜାମ, କନ୍ଧମାଳ ଅଞ୍ଚଳରେ ବିକ୍ରି ହେଉଥିବା ବେଳେ ଲୋକମାନେ ଏହାକୁ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହାର କରୁଥିବା କହିଥିଲେ। ସେଠାରୁ ପୋଲିସ ବନ୍ଧୁକ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଜବତ କରି ଥାନାକୁ ଆଣିଥିଲା। ଏ ନେଇ ପୋଲିସ ନଂ.୧୨୬/୨୩ରେ ମାମଲା ରୁଜୁ କରିଛି।

# ପ୍ରଚଣ୍ଡ ଶବ୍ଦ ଯୋଗୁ ଲୋକେ ଭୟଭୀତ

**ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ, ୧୩।୩:** ସୋମବାର ପ୍ରାୟ ପୂର୍ବାହ୍ନ ୧୧ଟା ବେଳେ ଆକାଶ ମାର୍ଗରେ ବିସ୍ଫୋରଣ ହେବା ପରି ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ଏହି ଶବ୍ଦରେ ଘରର କବାଟ ଝରକା ଥରି ଉଠିଥିଲା। କେଉଁଠୁ ଏବଂ କି ପ୍ରକାର ଶବ୍ଦ ଜାଣି ନ ପାରି କିଛି ସମୟ ପାଇଁ ଲୋକେ ଭୟଭୀତ ହୋଇଥିଲେ। ଭଦ୍ରକ ସମେତ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାକୁ ଏହି ଶବ୍ଦ ଶୁଭିଥିବା ଜଣାପଡ଼ିଛି। ବାଲେଶ୍ୱରର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି କିମ୍ବା ଭଦ୍ରକର ହୁଇଲର୍ ଦ୍ୱୀପରୁ କୌଣସି କ୍ଷେପଣାସ୍ତ୍ର ଆକାଶମାର୍ଗକୁ ନିକ୍ଷେପ କରାଯାଇଥିବା ଲୋକଙ୍କ ଭିତରେ ଚର୍ଚ୍ଚା ହେଉଥିଲେ ମଧ୍ୟ ଶବ୍ଦ କେଉଁଠୁ ଆସିଲା ତା'ର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପୂର୍ବରୁ ମଧ୍ୟ ଏପରି ଶବ୍ଦ ଦୁଇରୁ ତିନି ଥର ଶୁଣିବାକୁ ମିଳିଥିବାରୁ ଲୋକମାନେ ପୁଣି ନିଜ କାମରେ ବ୍ୟସ୍ତ ହୋଇଯାଇଥିଲେ। ଏନେଇ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ।









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ରାନ୍ଧେ ଆପେ ଖାଏ**
**ସୁଆଦ ସୁଆଦ ବୋଲୁଥାଏ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ପରୋକ୍ଷରେ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ, ଯାହାକୁ ସମସ୍ତେ କହିଥା'ନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖି ବଡ଼ ପେଟ ସାନ**
**ହାଣ୍ଡି କୁଣ୍ଡେଇ ପୋଛିକରି ଆଣ।**

ଖାଇବାକୁ ଚାହିଁବା ଓ ଆହାର ପେଟକୁ ନେବା ଏକା କଥା ନୁହେଁ। ଖାଦ୍ୟଲୋଭୀ ବ୍ୟକ୍ତି ଲୋଭରେ ପଡ଼ି ଅଧିକ ଖାଇବାକୁ ମନ ବଳାଇଥାନ୍ତି। ପରନ୍ତୁ ନିଜ ସାମର୍ଥ୍ୟଠାରୁ ଅଧିକ ଖାଦ୍ୟ ଗ୍ରହଣ କରିପାରି ନ ଥାନ୍ତି। ଲୋଭ ବହୁତ ଅଥଚ ଆୟତ୍ତ କରିବା ପାଇଁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମୋବାଇଲ ନ ଦେବାରୁ ସ୍ୱାମୀଙ୍କୁ ହାଣିଲେ ସ୍ତ୍ରୀ

- ଗୁରୁତର ଅବସ୍ଥାରେ ସ୍ୱାମୀ ମେଡିକାଲରେ ଭର୍ତ୍ତି
- ଆକ୍ରମଣ ପରେ ଛୋଟ ଝିଅକୁ ଧରି ସ୍ତ୍ରୀ ଫେରାର

**ବଲାଙ୍ଗୀର ଅଫିସ, ୧୩।୩**

ମୋବାଇଲ ଫୋନ୍ ଦେଲେନି ବୋଲି ସ୍ୱାମୀଙ୍କୁ ପନିକିରେ ମରଣାନ୍ତକ ଆକ୍ରମଣ କରିଛନ୍ତି ଜଣେ ମହିଳା। ଆକ୍ରମଣ କରିବା ପରେ ସ୍ୱାମୀଙ୍କୁ ଛାଡ଼ିଦେଇ ନିଜ ଛୋଟ ଝିଅକୁ ଧରି ଫେରାର ହୋଇଯାଇଛନ୍ତି ସେଇ ମହିଳା ଜଣକ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାରକରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ରବିବାର ରାତିରେ ଏଭଳି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କେଶେରକେଲା ଗାଁରେ।


ଆହତ ଗଣେଶ୍ୱର ସୁନା

ମିଳିଥିବା ସୂଚନା ମୁତାବକ କେଶେରକେଲା ଗାଁର ଗଣେଶ୍ୱର ସୁନା (୩୫) ଛତିଶଗଡ଼ ବିଳାସପୁର ଅଞ୍ଚଳରେ କାମ କରନ୍ତି। ୬ବର୍ଷ ତଳେ ଛତିଶଗଡ଼ ବିଳାସପୁର ଅଞ୍ଚଳର ଈଶ୍ୱରୀ କୁମାରୀ ନାମକ ଜଣେ ଯୁବତୀଙ୍କୁ ସେ ବିବାହ କରିଥିଲେ। ସେମାନଙ୍କର ୪ବର୍ଷର ଏକ ଝିଅ ଅଛି। କିଛିଦିନ ତଳେ ଛତିଶଗଡ଼ରୁ ସେମାନେ କେଶେରକେଲା ଆସିଥିଲେ। ରବିବାର ରାତିରେ ଗଣେଶ୍ୱରଙ୍କୁ ଈଶ୍ୱରୀ ମୋବାଇଲ ଫୋନ୍ ମାଗିଥିଲେ। ତେବେ ଡାଟା ଶେଷ ହୋଇଯିବ କହି ସେ ଫୋନ୍ ଦେଇ ନ ଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ବିଳମ୍ବିତ ରାତିରେ ଗଣେଶ୍ୱର ଶୋଇଥିବା ବେଳେ ହଠାତ୍ ଈଶ୍ୱରୀ ଏକ ପନିକି ଆଣି ତାଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ଗଣେଶ୍ୱର ପ୍ରତିରୋଧ କରିବାରୁ ଉଦ୍ୟମ କରିବା ବେଳେ ତାଙ୍କ ହାତକୁ ହାଣି ପକାଇଥିଲେ। ସ୍ୱାମୀଙ୍କୁ ଲହୁଲୁହାଣ କରିବା ପରେ ନିଜ ଛୋଟ ଝିଅକୁ ଧରି ଈଶ୍ୱରୀ ଘରୁ କୁଆଡ଼େ ପଳାଇଯାଇଛନ୍ତି। ଘଟଣା ସମ୍ପର୍କରେ ପୁଇଁତଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (୬୨/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ କହିଛନ୍ତି। ମୋବାଇଲ ଫୋନ୍‌ରୁ ବିବାଦର ସୂତ୍ରପାତ ହେଲା ନା ଆଉ କ'ଣ କାରଣ ରହିଛି ତାକୁ ନେଇ ତଦନ୍ତ କରାଯିବ ବୋଲି ଥାନାଧିକାରୀ ପ୍ରଧାନୀ କହିଛନ୍ତି।

## କଫ ସିରପ୍ ନିଶାର...

ପ୍ରଥମ ପୃଷ୍ଠାରୁ...



ଡ୍ରଗ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରାୟ ୨ କୋଟି ଟଙ୍କାର ଆକାଉଣ୍ଟକୁ ବାଜ୍ୟାପ୍ତି କରିଦିଆଯାଇଥିବା ଏସ୍‌ପି କୁଶଲକର ସୋମବାର ଆଦର୍ଶ ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପି କୁଶଲକର କହିଛନ୍ତି , ଗତ ପ୍ରାୟ ୧ ମାସ ଧରି ଅତ୍ୟନ୍ତ ଗୋପନରେ ଏକ ସ୍ୱତନ୍ତ୍ର ଆଣ୍ଟିଡ୍ରଗ୍ସ ସ୍କ୍ୱାଡ୍ ଗଠନ କରାଯାଇ ଆନ୍ତଃ ରାଜ୍ୟ ବେଆଇନ ଚୋରା କାରବାର ନେଟ୍‌ୱର୍କ ଉପରେ ନଜର ରଖାଯାଇଥିଲା। କେଉଁଠାରୁ ଏବଂ କିଭଳି ଢଙ୍ଗରେ କଫ ସିରପ୍ ଆସୁଛି ଏବଂ କେଉଁ ସ୍ଥାନରୁ କେଉଁ ନିର୍ଦ୍ଦିଷ୍ଟ ସ୍ଥାନକୁ ଚାଲାଣ ହେଉଛି ସେ ସମ୍ପର୍କରେ ଏହି ସ୍କ୍ୱାଡ୍ ଅନୁଧ୍ୟାନ କରିଥିଲା। ହିମାଚଳପ୍ରଦେଶର ମୂଳ ଉତ୍ପାଦକ କମ୍ପାନୀର ଏହି ଏସ୍‌କଫ ବ୍ରାଣ୍ଡ ହରିୟାଣା, ପଶ୍ଚିମବଙ୍ଗ ଦେଇ ଓଡ଼ିଶାକୁ ଆସୁଛି। ପଶ୍ଚିମବଙ୍ଗର ମେସର୍ସ ଡାଫୋଡିଲ୍ସ ଡ୍ରଗ୍ସ କମ୍ପାନୀ ଯୋଗାଣକାରୀ ସଂସ୍ଥା ଭାବେ ଓଡ଼ିଶାର ବିଭିନ୍ନ ଜିଲାକୁ କଟକ ଦେଇ ଯୋଗାଣ କରୁଛି। ବଲାଙ୍ଗୀର ଓ ବରଗଡ଼ ପଶ୍ଚିମ ଓଡ଼ିଶାର ଡିପୋ ପାଲଟିଛି। ଏଠାରୁ କିଭଳି ଭାବେ ବିଭିନ୍ନ ଜିଲାକୁ ତାହା ଚାଲାଣ ହେଉଛି ସେ ଉପରେ ସ୍କ୍ୱାଡ୍ ଅନୁଧ୍ୟାନ କରିଥିଲା। ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ କଫ ସିରପ୍ ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି। ଏସ୍‌ପି କୁଶଲକର ଏହି ସଫଳତା ପାଇଁ ଆଣ୍ଟିଡ୍ରଗ୍ସ ଅପରେଶନ୍ ସ୍କ୍ୱାଡ୍ ସଦସ୍ୟ ଏସ୍‌ଡିପିଓ ତୋଫାନ୍ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ଇନ୍ସପେକ୍ଟର କେ.ପ୍ରିୟଙ୍କା ରାଉତରାୟ, ସବ୍‌ଇନ୍ସପେକ୍ଟର କିରନ୍ କୁମାର ଜାନି, ରାକେଶ ବେହେରା, ସାଇବର ସେଲ୍ ଏବଂ ଡିଭିଏଫ୍ ଷ୍ଟାଫ୍‌ଙ୍କୁ ପ୍ରଶଂସା କରିଛନ୍ତି।

## ସ୍କୁଲ୍‌ରେ ପଶି...

ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖି ଅନ୍ୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀମାନେ ସ୍କୁଲରୁ ଦୌଡ଼ି ପଳାଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଆସିବା ଦେଖି ଯୁବକ ଜଣଙ୍କ ପଳାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରିତା ମୁର୍ମୁ ଏ ନେଇ ସଦର ପୋଲିସକୁ ସୂଚନା ଦେବା ସହ ଲିଖିତ ଏତଲା ଦେଇଛନ୍ତି। ସଦର ଥାନା ଅଧିକାରୀ ସୁଶାନ୍ତ ଦାଶ କହିଛନ୍ତି, ଅଭିଯୁକ୍ତଙ୍କୁ କାବୁ କରି ତଦନ୍ତ କରାଯାଉଛି। ବିଦ୍ୟାଳୟର ପାଚେରି ନ ଥିବାରୁ ସ୍କୁଲ ହତା ମଧ୍ୟକୁ ନିଶାସକ୍ତ ଯୁବକ ଅବାଧରେ ପ୍ରବେଶ କରୁଥିବା ଅଭିଭାବକ ଅଭିଯୋଗ କରିଛନ୍ତି।

# ୫୦ ହଜାରରୁ ଊର୍ଦ୍ଧ୍ୱ ନୂତନ ନିଯୁକ୍ତି ଦେବ ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

## ୨୨,୫୨,୭୮୦.୨୩ ଲକ୍ଷ ଟଙ୍କାର ବଜେଟ୍

ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ର ଓ ଶିକ୍ଷାଦାନ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ୨୨,୫୨,୭୮୦.୨୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ପାଇଁ ୧୨,୮୬,୨୮୪.୨୩ ଲକ୍ଷ ଓ କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦକୁ ୯,୬୬,୪୯୬ ଲକ୍ଷ ଟଙ୍କା ରହିଛି। ସୋମବାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ୍ ବିଷୟରେ ସୂଚନା ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ସେ କହିଛନ୍ତି, ଚଳିତ ବଜେଟ୍ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୫% ଅଧିକ ରହିଛି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ୫୦ ହଜାରରୁ ଊର୍ଦ୍ଧ୍ୱ ନୂତନ ନିଯୁକ୍ତି ପ୍ରଦାନ କରାଯିବ। ଏଥିସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଉ ୨୩୬ଟି ଛାତ୍ରନିବାସ ନୂତନ ଭାବେ ନିର୍ମାଣ ହେବ। ଗତ ଆର୍ଥିକ ବର୍ଷରେ ସ୍କୁଲ ୟୁନିଫର୍ମ ଓ ଅନ୍ୟାନ୍ୟ ସହାୟକ ସାମଗ୍ରୀ ପାଇଁ ପୂର୍ବରୁ ପ୍ରତି ଛାତ୍ରୀଛାତ୍ରଙ୍କୁ ୬୦୦ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବା ବେଳେ ଏବେ ତାହାକୁ ୧୦୦୦ଟଙ୍କା କରିବାକୁ ପ୍ରସ୍ତାବ ରହିଛି। ଏହି ଯୋଜନା ନିମନ୍ତେ ୨୩,୪୪୬ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ସରକାରୀ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ନୋଟ୍‌ବୁକ୍‌ର ବ୍ୟବସ୍ଥା କରାଯାଇଛି। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିରେ ସର୍ବାଙ୍ଗୀନ ଉନ୍ନତି ପାଇଁ ୨୦୨୩-୨୪ ବଜେଟ୍‌ରେ ୨୭୭୮.୨୫ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ପ୍ରାଥମିକ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ନିମନ୍ତେ ୧୭୦୦ଲକ୍ଷ, ସୈନିକ ସ୍କୁଲ ନିର୍ମାଣ ପାଇଁ ୮୫୦ଲକ୍ଷ, ମାଧ୍ୟମିକ ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ପାଇଁ ୨,୬୫୦ଲକ୍ଷ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ପାଇଁ ୬,୮୦୦ଲକ୍ଷ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ପାଇଁ ୧୦୦ଲକ୍ଷ ଟଙ୍କାର ବ୍ୟୟବରାଦ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷ ପାଇଁ ଗଣଶିକ୍ଷା ବିଭାଗ ଅଧୀନରେ ୫୧,୫୩୫ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧,୦୭୦ ଶିକ୍ଷକ ନିଯୁକ୍ତି ନିମନ୍ତେ ୧୦୪୫.୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମରେ ୭୧୫.୬୨ଲକ୍ଷ ଟଙ୍କାର ବ୍ୟୟବରାଦ କରାଯିବା ସହ ୧୦୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ଭାବେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗୀୟ ସଚିବ ଅଶ୍ୱଥୀ ଏସ୍. ନୂଆ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୦ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ମାଧ୍ୟମରେ ଖାଲିଥିବା ପଦବୀ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଥିବା ସଚିବ କହିଛନ୍ତି।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ବିଭାଗୀୟ ସଚିବ ଅଶ୍ୱଥୀ ଏସ୍.

# ଯୁକ୍ତ୨ ପାସ୍ କରାଇବା ନାଁରେ ଟଙ୍କା ଠକେଇ

**ବାଲେଶ୍ୱର ଅଫିସ, ୧୩।୩**

## ନକଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କର୍ମଚାରୀ ଗିରଫ

ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପରୀକ୍ଷା ମାର୍କ ବଢ଼ାଇବା ଓ ପାସ୍ କରାଇଦେବାର ପ୍ରତିଶ୍ରୁତି ଦେଇ ବହୁ ଲକ୍ଷ ଟଙ୍କା ଲୁଟୁଥିବା ବାଲେଶ୍ୱର ସଦର ଥାନା ଖାନ୍‌ନଗର ଅଞ୍ଚଳର ପ୍ରଦୀପ ଦାସ ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ନିଜକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବରିଷ୍ଠ କର୍ମଚାରୀ ପରିଚୟ ଦେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ ବୋଲି ସୋମବାର ଏସ୍‌ପି ଅଫିସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ଠକେଇ ମାମଲା (ନଂ. ୪୫/୨୩) ରୁଜୁ କରାଯାଇଛି। ପ୍ରଦୀପଙ୍କଠାରୁ ନଗଦ ୫୭ ହଜାର ଟଙ୍କା, ୯ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଏକ ଦାମୀ କାର୍ ସହ ବ୍ୟାଙ୍କ ଏଟିଏମ୍ କାର୍ଡ ଜବତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଟଙ୍କାରେ ପ୍ରଦୀପ ଅୟସ କରୁଥିବା ଜଣାପଡିଛି।

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ସମେତ ବିଭିନ୍ନ ଜିଲାର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଏଭଳି ମିଥ୍ୟ ପ୍ରତିଶ୍ରୁତିର ଶିକାର ହୋଇଛନ୍ତି। ସେ କାହା ପାଖରୁ ହଜାରେ ତ କାହା ପାଖରୁ ୫ହଜାର, ଏମିତିକି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିଲେ। ଯେଉଁମାନେ ଡିଲ୍ କରି ସମ୍ପୂର୍ଣ୍ଣ ଟଙ୍କା ଦେଉ ନ ଥିଲେ ସେମାନଙ୍କ ଭବିଷ୍ୟତ ନଷ୍ଟ କରିଦେବାର ଧମକ ମଧ୍ୟ ଦେଉଥିଲେ। ଘଟଣାକ୍ରମରେ ପ୍ରଦୀପ ରବିବାର ସନ୍ଧ୍ୟା ସମୟରେ କେତେକ ଯୁକ୍ତ ୨ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ପୋଲିସ ଲାଇନ୍ ଛକସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟକୁ ଡାକିଥିଲେ। କୌଣସି ସୂତ୍ରରୁ ଛାତ୍ରୀଛାତ୍ର ଓ ଅଭିଭାବକ ପ୍ରଦୀପ ଜଣେ ଦଲାଲ ବୋଲି ଜାଣିପାରି ପୋଲିସକୁ ଖବର ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ପ୍ରଦୀପଙ୍କୁ ଥାନାକୁ ଆଣିଥିଲେ। ଛାତ୍ରୀଛାତ୍ରଙ୍କ ଟଙ୍କାରେ ସେ ଦାମୀ ଘଣ୍ଟା, ସୁନାଚେନ୍, ସୁନା ବ୍ରେସଲେଟ୍, ଦାମୀ କାର୍ ବ୍ୟବହାର କରୁଥିବା ସେଠାରେ ପୋଲିସ ଜାଣିବାକୁ ପାଇଥିଲା। ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଏହାର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ସେନେଇ ତଦନ୍ତ ଜାରି ରହିଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେହେରା ଓ ଶିଳ୍ପାଞ୍ଚଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଉପସ୍ଥିତ ଥିଲେ।


ଗିରଫ ଅଭିଯୁକ୍ତ ପ୍ରଦୀପ ଦାସ

# 'ଭୂମି ନାହିଁ ତ ଭୋଟ ନାହିଁ'

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

'ଭୂମି ନାହିଁ ତ ଭୋଟ ନାହିଁ' ନାରାବାଜିରେ ସୋମବାର ଭୁବନେଶ୍ୱର ଗାନ୍ଧୀମାର୍ଗ କମ୍ପିଛି। ଭୂମି ଅଧିକାର ପ୍ରମାଣପତ୍ର ସହ ପକ୍କାଘର ପ୍ରଦାନ ଦାବିରେ ବିଭିନ୍ନ ସହରରୁ ଆସିଥିବା ବସ୍ତିବାସିନ୍ଦା ଏପରି ନାରାବାଜି କରି ଦାବି ଉପସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବସ୍ତି ଏକତା ମଞ୍ଚ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ଧାରଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ମଞ୍ଚର ରାଜ୍ୟ ସଭାପତି ଶେଖ୍ ଅବଦୁଲ୍ଲା ସଭାପତିତ୍ୱ କରି କହିଲେ, ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ୨୦୨୨ ସୁଦ୍ଧା ରାଜ୍ୟର ସମସ୍ତ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ମିଳିବା କଥା। ହେଲେ ତାହା ହୋଇନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣାକୁ ଶୀଘ୍ର କାର୍ଯ୍ୟ କରିବା ପାଇଁ 'ପଟ୍ଟା' ସମ୍ପର୍କିତ ଆଇନ୍ ପାସ୍ କରିବା ଦାବି ରହିଥିବା ମଞ୍ଚର ସାଧାରଣ ସମ୍ପାଦକ ହେମେନ୍ଦ୍ର ସାମଲ କହିଛନ୍ତି।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ବସ୍ତି ଏକତା ମଞ୍ଚର ବିରାଟ ଶୋଭାଯାତ୍ରା।

ତେବେ ଦାବି ପୂରଣ ନ ହେଲେ ବସ୍ତିବାସିନ୍ଦା ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। କଟକ ସହରରୁ ବିଭିନ୍ନ ବସ୍ତି ଉଚ୍ଛେଦ କରାଯାଇ ସେମାନଙ୍କୁ କାଠଯୋଡ଼ି ଓ ମହାନଦୀ କୂଳରେ ଥଇଥାନ କରାଯାଉଛି। ସେମାନଙ୍କ ଧନଜୀବନ ସୁରକ୍ଷା ପାଇଁ ଘେରିବନ୍ଧର ଆବଶ୍ୟକତା ରହିଥିବା ମଞ୍ଚ ପକ୍ଷରୁ କୁହାଯାଇଛି। କଟକର ଅନ୍ୟାନ୍ୟ ବସ୍ତିରେ ଲାଗିରହିଥିବା ସମସ୍ୟାର ତୁରନ୍ତ ସମାଧାନ ସହ ରାଉରକେଲା, ବାଲେଶ୍ୱର, ବାରିପଦା, ଭଦ୍ରକ, ସମ୍ବଲପୁର, ଅନୁଗୁଳ ପୁରୀ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଓ ପୁରୀ ଆଦି ସହରର ଭୂମିହୀନଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ ସହ ପକ୍କାଘରୁ ପ୍ରଦାନ ପାଇଁ ଦାବି କରାଯାଇଛି। ବିକ୍ଷୋଭ ପରେ ମଞ୍ଚର ସଭାପତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ରାଜସ୍ୱମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଶ୍ୱିନୀ ନକ୍ଷତ୍ରର ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କିତ ବାଦାନୁବାଦ ହେତୁ ମନ ବିରକ୍ତିକର ଲାଗିବ। ବହୁ ଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହୋଇଯିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ ନ କଲେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ** କୃତ୍ତିକା ନକ୍ଷତ୍ର ବାରମ୍ବାର ଚେଷ୍ଟାକରି ମଧ୍ୟ ଅସଫଳତା ହେତୁ ନିଜ ଲୋକଙ୍କ ଉପରେ ଲଘୁକ୍ରୋଧ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟକରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପୁରୁଣା ଗୃହ, ଜମିଜମା, ଗାଡ଼ି ମୋଟର କ୍ରୟବିକ୍ରୟରୁ ଭଲ ଲାଭ ପାଇବେ।

**ମିଥୁନ** ଆରଦ୍ରା ନକ୍ଷତ୍ରର ସାଧାରଣ ଘଟଣାରେ ଝଗଡ଼ା ଲାଗି ମାନସିକ ସ୍ଥିତି ବିଗିଡ଼ିଯାଇପାରେ। ବାରମ୍ବାର କ୍ଷତିଗ୍ରସ୍ତ ହୋଇ ବ୍ୟବସାୟରେ ନୂତନ ପଦକ୍ଷେପ ନେବାକୁ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ହାତ ପାହାନ୍ତାରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ପୁନର୍ବସୁ ନକ୍ଷତ୍ର ଆଜି ଦିନଟିରେ ଯାହା କରିବେ ସଫଳତା ନିଶ୍ଚିତ ପାଇବେ। ଦୂରଯାତ୍ରା ଓ ବନ୍ଧୁମିଳନରୁ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି। ଦୀର୍ଘଦିନର ଆଶା ଫଳବତୀ ହେବ, କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟାକରି ସଫଳ ହେବେ। ପୂର୍ବାଫାଲ୍‌ଗୁନୀର ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁଗହଣରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗକରି ଆନୁଷ୍ଠାନିକ କାମକୁ ବଢ଼ାଇ ନେବେ।

**କନ୍ୟା** ହସ୍ତା ନକ୍ଷତ୍ର ନିଜର ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ସାମୟିକ ଖୁସି ଅନୁଭବ କରିବେ। ସ୍ୱାତୀ ନକ୍ଷତ୍ର ଚେଷ୍ଟା କରୁଥିବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବିଛା** ସ୍ୱାସ୍ଥ୍ୟହାନି କାରଣରୁ କୌଣସି କାମକୁ ଦୃଢ଼ତାର ସହ କରିବାକୁ ପଶ୍ଚାତ୍‌ପଦ ହୋଇପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ର ପୂର୍ବର କୌଣସି ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗସ୍ତ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଗୃହସୀମା ଓ ଜମିଜମା କାରବାର ସମ୍ପର୍କିତ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆଜିର ପରିସ୍ଥିତି ଅନୁକୂଳ ନ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ଦିଗରେ ସ୍ଥାନୀୟ ଲୋକେ ସହଯୋଗ କରିବେ। ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** ଆକସ୍ମିକ ଭାବରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବା ଆଶଙ୍କା ରହିଛି। ଧନିଷ୍ଠା ନକ୍ଷତ୍ର ଅଧିକାଂଶ ସମୟ ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ କଟାଇବେ। ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ।

**କୁମ୍ଭ** ପ୍ରତ୍ୟେକ କାମରେ କିଛି ଅଭାବ ଅସୁବିଧା ରହି ଯାଉଥିବାର ଅନୁଭବ କରିବେ। ଶତଭିଷା ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗର ସଦ୍ ବ୍ୟବହାର କରିପାରନ୍ତି।

**ମୀନ** ବନ୍ଧୁଙ୍କ ପରାମର୍ଶ କର୍ମକ୍ଷେତ୍ରର ସମସ୍ୟା ଦୂରକରିବାରେ ସହାୟକ ହେବ। ନିଜ ଲୋକଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଖଳଲୋକଙ୍କ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୂର୍ବଭାଦ୍ରପଦ ନକ୍ଷତ୍ର ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆନନ୍ଦ ଅନୁଭବ କରିବେ।

ଆଜି ଚୈତ୍ର କୃଷ୍ଣ ସପ୍ତମୀ ମଙ୍ଗଳବାର, ମାସାନ୍ତ, ଚୈତ୍ର ମଙ୍ଗଳବାର ଓଷା ପ୍ରଥମପାଳି, ମାର୍ଚ୍ଚ ୧୪ ତାରିଖ। ରାଶିନକ୍ଷତ୍ର-ଦିବା ଘ.୦୮।୧୨ ଗତେ ଜ୍ୟେଷ୍ଠା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଅଦ୍ୟ ଦିବା ଘ.୦୮।୫୮ ଗତେ, ଘ.୧୦।୪୪ ମଧ୍ୟେ, ଘ.୦୧।୦୭ ଗତେ, ଘ. ୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୩ ମଧ୍ୟେ ରାହୁକାଳ।

# ଅନିୟମିତତା ପରେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ୍/ନିମାପଡ଼ା/କାକଟପୁର(ଡି.ଏନ୍.ଏ), ୧୩ା୩**

ଚଳିତ ମାଟ୍ରିକ ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ, ଛାତ୍ରୀଛାତ୍ର ଚାପମୁକ୍ତ ହୋଇ ଅବାଧରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଦେବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ପୁରୀ ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକର ଏକାଧିକ ବିଦ୍ୟାଳୟରେ ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିମାପଡ଼ା ବ୍ଲକର ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଦେଉଥିବା ମୁକ୍ତ ବିଦ୍ୟାଳୟର ପିଲାଙ୍କୁ କପି ଦେବାକୁ ସୁଯୋଗ ଦେବା ନିମନ୍ତେ ହୋଇଥିବା ଡିଲ୍ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ କାକଟପୁର ଏବଂ ନୟାହାଟ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ଦାୟିତ୍ୱରେ ଥିବା ଅଧିକାରୀ କାର୍ଯ୍ୟରେ ଅବହେଳା କରିବା ସହ ମୋବାଇଲ ଫୋନ ନେବା ଘଟଣା ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିଛି। ଏହିସବୁ ଘଟଣାରେ ସୋମବାର ପୁରୀ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ପରିଚାଳନା ପାଇଁ ନିୟୋଜିତ ସମସ୍ତ ଶିକ୍ଷକ, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ଇନ୍‌ଭିଜିଲେଟରଙ୍କ ସମେତ ୯ଜଣ କର୍ମଚାରୀଙ୍କୁ ପରୀକ୍ଷା ପରିଚାଳନାରୁ ହଟାଇ ଦିଆଯାଇଛି। ଏଥିସହ ଆସନ୍ତା ୨୦ ତାରିଖ ପରୀକ୍ଷା ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ସ୍କୁଲ କ୍ୟାମ୍ପସ ଭିତରକୁ ପ୍ରବେଶ କରିବାରେ କଟକଣା ଜାରି ହୋଇଛି। ଏମାନଙ୍କ ସ୍ଥାନରେ ନୂତନ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନାଗବସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ନାଗବସ୍ତ ହାଇସ୍କୁଲ ଶିକ୍ଷକ ଭାସ୍କର ସାହୁ ଓ ଇନ୍‌ଭିଜିଲେଟର ଭାବେ ଦହିଜଙ୍ଗ ହାଇସ୍କୁଲର ସହକାରୀ ଶିକ୍ଷକ ରମାକାନ୍ତ ଓଝାଙ୍କ ସମେତ ନୂତନ ଶିକ୍ଷକଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିବା ବ୍ଲକ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

## କପି ପାଇଁ ଡିଲ୍ ଘଟଣା

- ହରିପୁର ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରୁ ଅନ୍ତର ହେଲେ ୯ ଅଧିକାରୀ
- କାକଟପୁର, ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ
- ବ୍ରହ୍ମଗିରି ବ୍ଲକର ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ

ସେହିପରି ସୋମବାର ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ କାକଟପୁର ଓ ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ଖାମଖିଆଲ ମନୋଭାବ ଓ ପରୀକ୍ଷାରେ ଅନିୟମିତତା କରିବା କାରଣରୁ ଉଭୟଙ୍କୁ ନିଲମ୍ବନ କରାଯାଇଛି। ସେମାନଙ୍କ ସ୍ଥାନରେ ନୂଆ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଛି। ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ପରୀକ୍ଷା କେନ୍ଦ୍ରକୁ କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ କେହିବି ମୋବାଇଲ ଫୋନ୍ ନେଇପାରିବେ ନାହିଁ। ହେଲେ କାକଟପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ପରୀକ୍ଷା ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ମୋବାଇଲ ଫୋନ ଅନ୍ ରଖିବା ସହ ଅନିୟମିତତା ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ପରୀକ୍ଷା କେନ୍ଦ୍ରରେ ତ୍ରୁଟି ପ୍ରଦର୍ଶନ କରିଥିବାରୁ ଡେଲାଙ୍ଗ ମହତାବ ହାଇସ୍କୁଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ପରୀକ୍ଷା କେନ୍ଦ୍ରରେ ଅନିୟମିତତା ଅଭିଯୋଗରେ ବ୍ରହ୍ମଗିରି ବ୍ଲକର ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ପୁରୀ ଜିଲାରେ ଚଳିତ ମାଟ୍ରିକ ପରୀକ୍ଷାରେ ଶୂନ୍ୟ ସହନଶୀଳତା ନୀତି ଲାଗୁ ହୋଇଥିବାରୁ ନଜରକୁ ଆସୁଥିବା ସମସ୍ତ ଅଭିଯୋଗ ଓ ତ୍ରୁଟି ଉପରେ ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ଜିଲା ଶିକ୍ଷାଧିକାରୀ ଘୋଷ କହିଛନ୍ତି।

ପ୍ରକାଶ ଯେ, ନିମାପଡ଼ା ହରିପୁର ଆଦର୍ଶ ବିଦ୍ୟାଳୟରେ ରାଜ୍ୟ ମୁକ୍ତାକାଶ ବିଦ୍ୟାଳୟ(ଏସ୍‌ଓଏସ୍)ର ୬୧ଜଣ ପରୀକ୍ଷା ଦେଉଛନ୍ତି। ଗତ ଶୁକ୍ରବାର ହୋଇଥିବା ଓଡ଼ିଆ ପରୀକ୍ଷାରେ ସେମାନଙ୍କୁ କେତେଜଣ ଶିକ୍ଷକ କପି ଯୋଗାଇଥିବା ଅଭିଯୋଗ ହୋଇଥିଲା। ଏପରି କି ପିଲାଙ୍କୁ କପି ଦେବାକୁ ସୁଯୋଗ ଦେବା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଜଣେ ଅଭିଭାବକଙ୍କ ମଧ୍ୟରେ ଟେଲିଫୋନ ବାର୍ତ୍ତାଳାପର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ପରେ ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି ହୋଇଥିଲା। ଘଟଣାର ତଦନ୍ତ ପାଇଁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସଭାପତିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏପରି କି ସୋମବାରଠାରୁ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ କଡ଼ାକଡ଼ି ଭାବେ ପରୀକ୍ଷା କରାଯିବ, ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସେଣ୍ଟ୍ରାଲ ସ୍କ୍ୱାଡ୍ ପଠାଯିବାକୁ ମନ୍ତ୍ରୀ ବୋର୍ଡ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।


# ବସ୍ ଓଲଟି ୨୫ରୁ ଊର୍ଦ୍ଧ୍ୱ ଆହତ

**ବାରିପଦା ଅଫିସ/ବେତନଟୀ, ୧୩ା୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ୍ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।


ଦୁର୍ଘଟଣାଗ୍ରସ୍ତ ବସ୍।

ସୂଚନା ଅନୁଯାୟୀ, ରାଇରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଇନ୍ଦ୍ରାଣୀ ନାମକ ଉକ୍ତ ବସ୍‌ର ଆଗ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ବେତନଟୀ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ବେତନଟୀ ଥାନାରେ ଏକ ମାମଲା(ନଂ. ୮୪/୨୩) ରୁଜୁ ହୋଇଛି।




# ଗ୍ରାହକ ସେବାକୁ ଗୁରୁତ୍ୱ

**ପିଲାଟି ଦିନରୁ ଏକ ବ୍ୟବସାୟିକ ପରିବେଶ ମଧ୍ୟରେ ବଡ଼ ହୋଇଥିବାରୁ ମନରେ ମଧ୍ୟ ବ୍ୟବସାୟ ପ୍ରତି ଅନେକ ଦୁର୍ବଳତା ରହିଥିଲା। ବାଣିଜ୍ୟ ବିଭାଗର ମେଧାବୀ ଛାତ୍ର ସହ ଉଚ୍ଚତର ଶିକ୍ଷା ଓ ପାରିବାରିକ ବ୍ୟବସାୟ ଏକ ସଂଯୋଗ ଭାବେ ଜୀବନ ଯାତ୍ରାରେ ଯୋଡ଼ି ହୋଇଯାଇଥିଲା। ବିଶେଷକରି ବହୁ ଘାତପ୍ରତିଘାତ ମଧ୍ୟରେ ବ୍ୟବସାୟ ବଢ଼ାଇବା ସହ ନୂତନ ବ୍ୟବସାୟରେ ପାଦ ଦେଇ ଅନେକ ସଫଳତା ହାସଲ କରିଥିବା ବ୍ୟକ୍ତି ଜଣକ ସମାଜ ପାଇଁ ମଧ୍ୟ କିଛି କରିବାର ଭାବନା ବାସ୍ତବରେ ପରିଣତ କରୁଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ଏସ୍‌ଜିବିଏଲ୍ ଅଟୋମୋବାଇଲ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁନୀଲ ଗୁପ୍ତାଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**

ଧରିତ୍ରୀ | OrissaPOST BUSINESS EMINENCE AWARDS


ସୁନୀଲ ଗୁପ୍ତା

**ପ୍ର-୧: ଆପଣଙ୍କ ବାଲ୍ୟ ଜୀବନ କିପରି ଥିଲା?**

ଉ- କଟକ ସହରର ନିମଚୌଡିଠାରେ ମୋର ଜନ୍ମ। ଏପରିକି ସ୍ଥାନୀୟ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଶ୍ରେଣୀ ପାସ୍ ପରେ ଉଚ୍ଚ ଶିକ୍ଷା ପାଇଁ ରେଭେନ୍‌ଶା କଲେଜରେ ନାମ ଲେଖାଇଲି। ସମୟ କ୍ରମେ ସମ୍ପୃକ୍ତ କଲେଜରୁ ବାଣିଜ୍ୟ ସ୍ନାତକରେ ଡିଷ୍ଟିଙ୍କଶନ୍ ସହ କୃତକାର୍ଯ୍ୟ ହୋଇଥିଲି। ପରିବାର ଓ ପାଠପଢ଼ା ଏବଂ ବନ୍ଧୁ ପରିଜନଙ୍କ ସହ କଟକର ପାଣି ପବନ ମଧ୍ୟରେ ମୁଁ ମୋର ବାଲ୍ୟ ଜୀବନ କଟାଇଛି।

**ପ୍ର-୨: ବୃତ୍ତିଗତ ଜୀବନ କିପରି ଆରମ୍ଭ ହୋଇଥିଲା?**

ଉ- କଟକ ବଜାରରେ ଦୀର୍ଘ ବର୍ଷ ହେବ ଆମର ପାରିବାରିକ ବ୍ୟବସାୟ ରହିଥିଲା। ଏପରିକି କଟକ ମାଲଗୋଦାମଠାରେ ମୋ ବାପା ଶ୍ରୀନିବାସ ଗୁପ୍ତାଙ୍କର ଏକ ବ୍ୟବସାୟ ରହିଥିଲା। ସମୟକ୍ରମେ ସେବେଠାରୁ ବ୍ୟବସାୟ ପ୍ରତି ମନରେ ଆଗ୍ରହ ଆସି ଯାଇଥିଲା। ଏପରିକି ଉଚ୍ଚ ଶିକ୍ଷା ପରେ ବାପାଙ୍କ ସହ ଯୋଡ଼ି ହୋଇଥିଲି। ଦୀର୍ଘ ଦିନର ଅଭିଜ୍ଞତା ଓ ଲୋକସମ୍ପର୍କ ଯୋଗୁ କଟକରେ ଔଷଧ ଓ ଶଲ୍ୟ ଚିକିତ୍ସା ସାମଗ୍ରୀର ଏକ ବିତରକ ଭାବେ ନୂତନ ବ୍ୟବସାୟ ଆରମ୍ଭ କଲି, ଯାହାକି ଏ ପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି। ସମୟକ୍ରମେ ରିୟଲ ଇଷ୍ଟେଟ, ଘଣ୍ଟା ବ୍ୟବସାୟ (ଟାଇଟନ), ଗାଡ଼ି (ହୋଣ୍ଡା) ଏବଂ ନାମୀ ଇଲେକ୍ଟ୍ରିକାଲ କମ୍ପାନୀ ହାଭେଲ୍ସର ସି ଆଣ୍ଡ ଏଫ୍ ବ୍ୟବସାୟ ମଧ୍ୟ ରହିଛି।

**ପ୍ର-୩: ଅଟୋମୋବାଇଲ ବ୍ୟବସାୟରେ କିଭଳି ଜଡ଼ିତ ହୋଇଥିଲେ?**

ଉ- ଦୀର୍ଘ ୩ ଦଶନ୍ଧିର ବ୍ୟବସାୟ ଅଭିଜ୍ଞତା ଓ ଏକ ଆହ୍ୱାନମୂଳକ ସୁଯୋଗରୁ ଗାଡ଼ି (ଦୁଇ ଚକିଆ ହୋଣ୍ଡା) ବ୍ୟବସାୟରେ ଜଡ଼ିତ ହୋଇଥିଲି। ବିଶେଷ କରି ୨୦୧୧ରେ କଟକ ସହର ଲାଗି ହୋଣ୍ଡା ମୋଟରସାଇକେଲ ଓ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ଅଧିକୃତ ବିକ୍ରେତା ପାଇଁ ଏକ ବିଜ୍ଞାପନ ଉପରେ ମୋର ଦୃଷ୍ଟି ପଡ଼ିଥିଲା। ଏପରିକି ହୋଣ୍ଡା ଭଳି ଏକ ବହୁରାଷ୍ଟ୍ରୀୟ ବ୍ରାଣ୍ଡ୍ ବ୍ୟବସାୟରେ ନିଶ୍ଚିତ ଲୋକପ୍ରିୟ ହୋଇପାରିବି ବୋଲି ମୁଁ ଆଶାପୋଷଣ କରିଥିଲି। ପରବର୍ତ୍ତୀ ସମୟରେ ଯୋଗାଯୋଗ ସହ କେତେକ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଯୋଗାଡ଼ ପରେ କମ୍ପାନୀ ମୋତେ ବିକ୍ରେତା ପାଇଁ ମନୋନୀତ କରିଥିଲା। ବିଶେଷକରି କଟକ ସତୀଚଉରାଠାରେ ଏସ୍‌ଜିବିଏଲ ଅଟୋମୋବାଇଲ ନାମରେ ଏକ ଅତ୍ୟାଧୁନିକ ଶୋ'ରୁମ୍ ଏବଂ ସର୍ଭିସ ସେଣ୍ଟର ୨୦୧୨ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା, ଯାହାକି ବର୍ତ୍ତମାନ ଓଡ଼ିଶାର ସବୁଠୁ ଭଲ ଶୋ'ରୁମ୍‌ର ମାନ୍ୟତା ଲାଭ କରିଛି, ଏପରିକି କ୍ରମାଗତ ୨ବର୍ଷ ଧରି ଏସ୍‌ଜିବିଏଲ୍ ହୋଣ୍ଡା ଏହି କ୍ରମରେ ଷ୍ଟାର ପରଫର୍ମର ସ୍ୱୀକୃତି ମଧ୍ୟ ପାଇଛି।

**ପ୍ର-୪: କୋଭିଡ୍ ପରବର୍ତ୍ତୀ ସମୟରେ ବ୍ୟବସାୟ କିଭଳି ରହିଛି?**

ଉ- କୋଭିଡ୍ ମହାମାରୀ ସମୟରେ ବ୍ୟବସାୟ ଏକ ପ୍ରକାର ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ସରକାରୀ ନିୟମକୁ ପାଳନ କରି ଶୋ'ରୁମ୍ ବହୁ କଷ୍ଟରେ ଚଳାଇବାକୁ ପଡ଼ିଲା, ତଥାପି ବହୁ ବାଧାବିଘ୍ନ ସତ୍ତ୍ୱେ ଆମେ ଲୋକଙ୍କୁ ତ୍ୱରିତ ସେବା ଦେବାରେ ମଧ୍ୟ ସମର୍ଥ ହୋଇଥିଲୁ। ଏପରିକି ଆମର କର୍ମଚାରୀମାନଙ୍କର କଠିନ ପରିଶ୍ରମ ଓ ସହଯୋଗ ଯୋଗୁ ସେ ସବୁ ସମ୍ଭବ ହୋଇପାରିଥିଲା। ବିଶେଷକରି ଗ୍ରାହକମାନଙ୍କ ବିଶ୍ୱାସଭାଜନ ସହ କମ୍ପାନୀର ସହଯୋଗ ଏବଂ କର୍ମଚାରୀଙ୍କର ନିଷ୍ଠା ଓ ଆନ୍ତରିକତା ଯୋଗୁ ଆମ ବ୍ୟବସାୟ ଆଗକୁ ବଢ଼ିଛି। ଖୁବ୍‌ଶୀଘ୍ର ଗାଡ଼ି ବ୍ୟବସାୟରେ ପୂର୍ବାବସ୍ଥା ଫେରିଆସିବ ବୋଲି ମୁଁ ଆଶା କରୁଛି।

**ପ୍ର-୫: ଅବସର ସମୟ କିଭଳି କାଟନ୍ତି?**

ଉ- ବ୍ୟସ୍ତବହୁଳ ବ୍ୟବସାୟ ଜୀବନ ମଧ୍ୟରେ ସମୟ କେତେବେଳେ ଯେ ସରିଯାଏ ଜଣାପଡି ନ ଥାଏ। ଏପରିକି କାମରେ ସବୁବେଳେ ବ୍ୟସ୍ତ ରହିଥାଏ, ତଥାପି କିଛି ସୁବିଧା ସୁଯୋଗ ମିଳିଲେ ମୁଁ ପରିବାର ସହ ଆନନ୍ଦରେ ସମୟ କାଟିବାକୁ ଭଲପାଏ। ସେହିଭଳି ମୁଁ ଜଣେ ଗୋ ସେବା ଅନୁରାଗୀ ଆଉ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବାରେ ଆଗ୍ରହ ଥାଏ। ପରିବାର ପକ୍ଷରୁ କେତେକ ଆଧ୍ୟାତ୍ମିକ ପରିବେଶ, ମାତା ବୈଷ୍ଣୋଦେବୀଙ୍କ ଜାଗରଣ ସହ ଭାଗବତ କଥା ଆଦିରେ ଅବସର ସମୟ କଟାଇଥାଏ।

**ପ୍ର-୬: ଆଗାମୀ ଯୋଜନା କ'ଣ ରହିଛି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ଅଧିକ କିଛି କରିବା ପାଇଁ ଆଗକୁ ଶହେ ଥର ଭାବିବାକୁ ପଡୁଛି। ତଥାପି ଆଗାମୀ ଦିନରେ ଆମେ ଏକ ପ୍ରତିଷ୍ଠିତ କମ୍ପାନୀର ଗହଣା ଶୋ'ରୁମ୍ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରତିଷ୍ଠା କରିବାର ଯୋଜନା କରିଛୁ। ସେହିଭଳି ଗୋମାତାଙ୍କ ସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଗୋ ସେବା ଓ ଗୋ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରିବାର ଯୋଜନା ମଧ୍ୟ ରହିଛି, ଏଥିପାଇଁ ମୋ ମା'ଙ୍କ ନାମରେ ଗୀତା ଚାରିଟେବଲ୍ ଟ୍ରଷ୍ଟ ସ୍ଥାପନ ହୋଇଛି।

# ଜଙ୍ଗଲରେ ନିଆଁ ଲଗାଉଛନ୍ତି ଶିକାରୀ : ପିସିସିଏଫ୍


**ଭୁବନେଶ୍ୱର, ୧୩ା୩(ବ୍ୟୁରୋ)**

ଖରାଦିନ ଆସି ଯାଇଥିବାରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଛି। ଏହାକୁ ମୁକାବିଲା କରିବା ପାଇଁ ବନ ବିଭାଗ ସବୁ ପ୍ରକାର ପଦକ୍ଷେପ ନେଉଛି। କିନ୍ତୁ ଜଙ୍ଗଲ ନିଆଁ ରୋକିବାରେ ସଫଳ ହୋଇପାରୁନି। ସେପଟେ ବନ୍ୟପ୍ରାଣୀ ଶିକାର ଲୋଭରେ ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଉଥିବା ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ସେ କହିଛନ୍ତି, ଜଙ୍ଗଲରେ ଲାଗୁଥିବା ପ୍ରାୟ ସବୁ ନିଆଁ ମନୁଷ୍ୟକୃତ ହୋଇଥିବାରୁ ଏଥିପାଇଁ ସଚେତନ କରାଯାଉଛି। ନିଆଁ ଲାଗିଲେ ବନ କର୍ମଚାରୀଙ୍କ ମୋବାଇଲକୁ ମେସେଜ ଆସୁଛି। ନିଆଁ ଲିଭାଯିବା ପରେ ଫଟୋ ଉଠାଇ ଅପ୍‌ଲୋଡ୍ ମଧ୍ୟ କରାଯାଉଛି। ନିଆଁ ଲଗାଉଥିବା ବେଳେ ଧରାପଡ଼ିଲେ ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ରବିବାର କନ୍ଧମାଳ ଜିଲାରେ ନିଆଁ ଲଗାଇବା ବେଳେ ଜଣେ ଶିକାରୀ ଧରାପଡ଼ିଛନ୍ତି। ନିଆଁ ଲାଗିବା ନେଇ କେହି ଖବର ଦେଲେ ୫ ହଜାରରୁ ୧୦ ହଜାର ପର୍ଯ୍ୟନ୍ତ ପୁରସ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ବନ୍ୟପ୍ରାଣୀ ଜନବସତିକୁ ମାଡ଼ି ଆସିବା ନେଇ ବନ ବିଭାଗ ଆଲର୍ଟ ରହିଛି। ତେବେ ଯେଉଁଠି ବନ୍ୟପ୍ରାଣୀ ଆସୁଛନ୍ତି, ତୁରନ୍ତ ବନ କର୍ମଚାରୀଙ୍କୁ ଜଣାଇବା ପାଇଁ ପିସିସିଏଫ୍ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବର୍ତ୍ତମାନର ଜଙ୍ଗଲ ନିଆଁ ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ସୋମବାର ସୁଦ୍ଧା ୧୨୦୦ ପଏଣ୍ଟରେ ନିଆଁ ଲାଗିଛି। ଏହା ୧୫୦୦କୁ ବୃଦ୍ଧି ପାଇପାରେ। ତେବେ ଗତ ୧୨ ତାରିଖ ସୁଦ୍ଧା ୯୭ ପ୍ରତିଶତରୁ ଅଧିକ ରେସପନ୍ସ ମିଳିଛି। ସେହିପରି ଭୁବନେଶ୍ୱର ଶିଖରଚଣ୍ଡୀରେ ଲାଗିଥିବା ନିଆଁ ଆୟତ୍ତ ହୋଇସାରିଛି। ଜଙ୍ଗଲରୁ ଚାଲି ଆସିଥିବା ହାତୀକୁ ମଧ୍ୟ ଘଉଡ଼ାଇ ଦିଆଯାଇଛି ବୋଲି ପିସିସିଏଫ୍ କହିଛନ୍ତି।




## ଅବକାରୀ କନଷ୍ଟେବଲଙ୍କ ଘରୁ ଗଞ୍ଜେଇ ଜବତ

**ରାୟଗଡ଼ା, ୧୩ା୩(ସ୍ୱ.ପ୍ର.):** ରାୟଗଡ଼ା ସହରର ନେହେରୁ ନଗରରେ ରହୁଥିବା ଜଣେ ଅବକାରୀ କନଷ୍ଟେବଲଙ୍କ ଘରୁ ଗଞ୍ଜେଇ ଜବତ ହୋଇଛି। ସୋମବାର ରାତିରେ ପୋଲିସ ଓ ଏସ୍‌ଟିଏଫ୍ ଏହି ଗଞ୍ଜେଇ ଜବତ କରିଛନ୍ତି। ଏହାର ଅଧିକ ତଦନ୍ତ ଚାଲୁଥିବାରୁ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ। ଅବକାରୀ ବିଭାଗର କନଷ୍ଟେବଲ ଜଣକ ଘରେ ଗଞ୍ଜେଇ ରଖିଥିବା ନେଇ ପୋଲିସ ସୂଚନା ପାଇଥିଲା। ଏସ୍‌ଟିଏଫ ସହାୟତାରେ ତାଙ୍କ ଘରେ ଚଢ଼ାଉ କରାଯିବାରୁ ପ୍ରାୟ ୪୦ କେଜି ଗଞ୍ଜେଇ ମିଳିଥିଲା। ଉକ୍ତ ଗଞ୍ଜେଇ ସହ ଏକ ଗାଡ଼ି ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି। ସମ୍ପୃକ୍ତ କନଷ୍ଟେବଲଙ୍କୁ ଏସ୍‌ଟିଏଫ ଅଧିକ ତଦନ୍ତ ପାଇଁ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ମାର୍ଚ୍ଚ, ୨୦୨୩



"ଭଗବାନ୍ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। -ଶ୍ରୀଅରବିନ୍ଦ

# ଅର୍ଥକରୀ ଫସଲ ଅଫିମ

ଅଫିମ ଓ ଗଞ୍ଜେଇ ଚାଷ କରିବା ଲାଗି ବହୁ ସରକାରୀ କଟକଣା ରହିଛି। ଏଗୁଡ଼ିକରେ ଔଷଧୀୟ ଗୁଣ ଥିଲେ ମଧ୍ୟ ମାଦକଦ୍ରବ୍ୟ ଭାବେ ଏହାର ବହୁଳ ଅପବ୍ୟବହାର କରାଯାଉଥିବାରୁ ଏଭଳି ପ୍ରତିବନ୍ଧକ ଲଗାଯାଇଛି। ବେଆଇନ ଭାବେ ଯେଉଁଠାରେ ଏହି ଚାଷ କରାଯାଉଛି ତାହାକୁ ପୋଲିସ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖାଯାଉଛି। ବିଶେଷକରି ପପି ବା ଅଫିମରୁ ହେରୋଇନ୍ ପ୍ରସ୍ତୁତ ହେଉଥିବାରୁ ଏହି ମାଦକଦ୍ରବ୍ୟ କାରବାର ଉପରେ ସରକାରୀ ସ୍ତରରେ ରୋକ ଲଗାଯାଇଛି। ତେବେ ଭାରତରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ପପି ଚାଷକୁ ଅନୁମତି ଦିଆଯାଇଥିବା ବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏମାନଙ୍କଠାରୁ କିଲୋ ପିଛା ୨,୦୦୦ରୁ ୨,୨୦୦ ଟଙ୍କା ଭିତରେ କିଣୁଛନ୍ତି। ପୂର୍ବାପେକ୍ଷା ଏହା ଖୁଚୁରାରେ ମିଳୁ ନ ଥିବାରୁ ଲୋକେ ଚଢ଼ା ଦରରେ କ୍ରୟ କରୁଛନ୍ତି। ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ରାଜ୍ୟରେ ଏହି ଚାଷ କରିବା ଲାଗି କେନ୍ଦ୍ରଠାରୁ ଅନୁମତି ଲୋଡ଼ିଛନ୍ତି। ବିଧାନସଭାରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିବା ବେଳେ ସେ ଏଥିଲାଗି ବିରୋଧୀଙ୍କ ସହାୟତା ମାଗିଥିବା ଖବର ଶୁଣିବାକୁ ମିଳିଛି। ତାଙ୍କ ଯୁକ୍ତି ହେଉଛି ଯେ, ସବୁ ଅଫିମ ମଞ୍ଜିକୁ ମାଦକଦ୍ରବ୍ୟ ଭାବେ ବ୍ୟବହାର କରାଯାଉ ନାହିଁ। ତାଙ୍କ ବେଙ୍ଗଲି ଥାଳିରେ ପୋସ୍ତର ବରା ଓ ଆଳୁ ପୋସ୍ତ ନିହାତି ରହିଥାଏ। ଏଠାରେ ଉଲ୍ଲେଖ କରାଯାଇପାରେ, ଓଡ଼ିଆ ଖାଦ୍ୟରେ ମଧ୍ୟ ପୋସ୍ତ (ଯାହାକି ପପି ବା ଅଫିମର ମଞ୍ଜି) ଅତ୍ୟନ୍ତ ରୁଚିକର ସ୍ୱାଦ ଯୋଡ଼ିଥାଏ। ତେଣୁ ଅଫିମ ମଞ୍ଜି ବ୍ୟବହାର କରାଯାଇ ଏହି ରେସିପି ବା ପାକପଦ୍ଧତି ସମ୍ପନ୍ନ କରାଯାଉଥିବାରୁ ଏହାର ଆବଶ୍ୟକତା ଯଥେଷ୍ଟ ରହିଛି। ଯେହେତୁ ଏହାର ଦାମ ଅଧିକ ରହୁଛି, ପଶ୍ଚିମବଙ୍ଗରେ ଏହି ଚାଷକୁ ଅନୁମତି ଦିଆଗଲେ ଲୋକେ କିଲୋ ପିଛା ୧୦୦ ଟଙ୍କାରେ ଏହି ଦ୍ରବ୍ୟକୁ ପାଇପାରନ୍ତେ। ଏଥିସହିତ ମମତା ପ୍ରଶ୍ନ କରିଛନ୍ତି, ଯଦି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନକୁ ଅନୁମତି ଦିଆଯାଇଛି, ତାହା ହେଲେ ତାଙ୍କ ରାଜ୍ୟକୁ ଅନୁମତି କାହିଁକି ଦିଆ ନ ଯିବ।

ବାସ୍ତବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦାବିକୁ ଖୁଣି ହେବ ନାହିଁ। ନିଜ ରାଜ୍ୟର ଆବଶ୍ୟକତା ଓ ଆର୍ଥିକ ଦିଗକୁ ଦୃଷ୍ଟିରେ ରଖି ସେ ପପି ଚାଷ ଲାଗି ଅନୁମତି ମାଗିବା ଯଥାର୍ଥ। ଏମିତି ଦେଖିଲେ ଯେଉଁ ରାଜ୍ୟରେ ପପି ଚାଷ ହେଉଛି ସେଠାରେ ଅବକାରୀ ଆୟ ବୃଦ୍ଧି ପାଇବା ସହିତ କଳାବଜାର ବନ୍ଦ ହୋଇଯିବା ସ୍ୱାଭାବିକ। ଅନ୍ୟପଟେ କୌଣସି ଅର୍ଥକରୀ ଫସଲକୁ ବାରଣ କଲେ ସେଥିରେ କଳାବଜାର ବୃଦ୍ଧି ପାଇଥାଏ। ଭାରତରେ କେବଳ ତିନୋଟି ରାଜ୍ୟ ଅଫିମ ଗଛ ଲଗାଇ ଏହାର ବିକ୍ରିବଟା ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରୁଥିବାରୁ ସେମାନେ ଲାଭବାନ ହେଉଛନ୍ତି। ଅନ୍ୟପଟେ ଏହାକୁ କିଣୁଥିବା ରାଜ୍ୟର ଲୋକମାନେ ଆର୍ଥିକ ଦୃଷ୍ଟିରୁ କ୍ଷତି ସହୁଛନ୍ତି। ଅଫିମ ମଞ୍ଜି ଔଷଧ ନିର୍ମାତାଙ୍କ ପାଇଁ ଆବଶ୍ୟକ ହେଉଥିବାରୁ ଏହାକୁ ବ୍ୟବସ୍ଥିତ ଢଙ୍ଗରେ ଯେଉଁମାନେ ଚାଷ କରିପାରନ୍ତେ, ସେମାନେ ଅର୍ଥ ଉପାର୍ଜନ କରିବାକୁ ସୁଯୋଗ ପାଇପାରନ୍ତେ।

> ଭାରତର କୃଷି ଅର୍ଥନୀତିକୁ ନୂଆ ରୂପରେ ଦେଖିବାକୁ ହେଲେ ପ୍ରତ୍ୟେକ ରାଜ୍ୟକୁ ସବୁ ପ୍ରକାର ଚାଷ ପାଇଁ ଅନୁମତି ଦିଆଯିବା ଦରକାର। କୁହାଯାଇଥାଏ ଖରାପ ଗଛ ପାଇବା କଷ୍ଟକର। ଅର୍ଥାତ୍ ପ୍ରକୃତି ପ୍ରତିଟି ଗଛକୁ ପରିମଣ୍ଡଳର ମଙ୍ଗଳ ଲାଗି ଭେଟି ଦେଇଛି। ଏହାର ଗୁଣକୁ ନଷ୍ଟ କରି ଯେଉଁମାନେ ତାହାକୁ ଖରାପ ଦିଗରେ ବ୍ୟବହାର କରିବେ ତାହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇବ।

ଗଞ୍ଜେଇ ଓ ଅଫିମକୁ ଦୂରଦୂର ମାର୍‌ମାର୍ ଦ୍ରବ୍ୟ ଭାବେ ଦେଖାଯାଇ ଆସୁଥିବାରୁ ଏହାର ନକାରାତ୍ମକ ଦିଗ ବିଷୟରେ ବହୁତ ଆଲୋଚନା ହୋଇଥାଏ। ଏହାଠାରୁ କାହିଁ କେତେ ଗୁଣରେ ମଦ ଓ ଅନ୍ୟାନ୍ୟ ଧୂଆଁପତ୍ର ଲୋକଙ୍କର ଶାରୀରିକ ଓ ଆର୍ଥିକ କ୍ଷତି ଘଟାଉଥିଲେ ମଧ୍ୟ ସେହି ବିଷୟରେ ବିଶେଷ ଆଲୋଚନା ହୋଇ ନ ଥାଏ। ଭାରତର କୃଷି ଅର୍ଥନୀତିକୁ ନୂଆ ରୂପରେ ଦେଖିବାକୁ ହେଲେ ପ୍ରତ୍ୟେକ ରାଜ୍ୟକୁ ସବୁ ପ୍ରକାର ଚାଷ ପାଇଁ ଅନୁମତି ଦିଆଯିବା ଦରକାର। କୁହାଯାଇଥାଏ ଖରାପ ଗଛ ପାଇବା କଷ୍ଟକର। ଅର୍ଥାତ୍ ପ୍ରକୃତି ପ୍ରତିଟି ଗଛକୁ ପରିମଣ୍ଡଳର ମଙ୍ଗଳ ଲାଗି ଭେଟି ଦେଇଛି। ଏହାର ଗୁଣକୁ ନଷ୍ଟ କରି ଯେଉଁମାନେ ତାହାକୁ ଖରାପ ଦିଗରେ ବ୍ୟବହାର କରିବେ ତାହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଭାରତରେ ପ୍ରତିଟି କ୍ଷେତ୍ରରେ ଗବେଷଣା କମ୍ ରହୁଛି। ଏଥିସହିତ ଯେଉଁ ବିଷୟ ବା ସାମଗ୍ରୀ ଉପରେ ପ୍ରତିବନ୍ଧକ, କଟକଣା ବା ରୋକ ଲଗାଯାଉଥିବା କଥା କୁହାଯାଉଛି ତାହାକୁ ଠିକ୍ ଭାବେ ପାଳନ କରାଯାଉ ନ ଥିବାରୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେଉଛି। ଉଲ୍ଲେଖଯୋଗ୍ୟ ଯେ, ପପି ଗଛରୁ ଯେଉଁ ଅଫିମ ବାହାରେ ସେହି ସମ୍ବନ୍ଧରେ ଚାରି ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ସୁମେରୀୟଙ୍କ ଦ୍ୱାରା ଲିପିବଦ୍ଧ ଇତିହାସରୁ ଜଣାପଡ଼ିଛି। ଅଫିମର ଔଷଧୀୟ ବ୍ୟବହାର ସମ୍ପର୍କରେ ସେଥିରେ ଉଲ୍ଲେଖ କରାଯାଇଛି। ବିଶେଷକରି ଶାରୀରିକ ଯନ୍ତ୍ରଣା ନିବାରଣ ଏବଂ ଅସ୍ତ୍ରୋପଚାର କ୍ଷେତ୍ରରେ ଏହାର ପ୍ରବଳ ଚାହିଦା ରହିଛି। ସେଥିପାଇଁ କେବଳ ମାଦକଦ୍ରବ୍ୟ ଭାବି ଏହାକୁ ଦମନ କରିବା ଗ୍ରହଣୀୟ ନୁହେଁ। ସର୍ବୋଚ୍ଚରେ ନିଷ୍ପତ୍ତି ନେଉଥିବା ବର୍ଗ ସବୁ ବିଷୟକୁ ବୈଜ୍ଞାନିକସମ୍ମତ ଧାରାରେ ଚିନ୍ତା କରି ପଦକ୍ଷେପ ନେବା ଉଚିତ। ତେଣୁ ଅଫିମ ଚାଷକୁ ଅନୁମତି ଦିଆଗଲେ ତାହା ସରକାରୀ ନିୟନ୍ତ୍ରଣାଧୀନ ରହିବା ସହିତ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ଆର୍ଥିକ ଦିଗରୁ ଲାଭ ମିଳିପାରିବ।

# ରାହୁରୂପୀ କପି



ଅକ୍ଷୟ କୁମାର ମିଶ୍ର

ଅଧୁନା କପି ହେବା, ପ୍ରଶ୍ନପତ୍ର ପ୍ରଘଟ ହେବା ସାଧାରଣ ଘଟଣାରେ ପରିଣତ ହେଲାଣି। ପରୀକ୍ଷାରେ କପି କାହିଁକି ହେଉଛି, କାରଣ କ'ଣ, ଏହା ପଛରେ ଦାୟୀ କେଉଁମାନେ, ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବା ଏବଂ ପ୍ରତିକାର କ୍ଷେତ୍ରରେ ଆନ୍ତରିକତା ପ୍ରଦର୍ଶନ କରିବା ମନେହେଉ ନାହିଁ। ରକ୍ଷକ ଯେତେବେଳେ ଭକ୍ଷକ ସାଜେ, କିଏ କାହାକୁ ଦୋଷ ଦେବ? ଏହାହିଁ ଘଟୁଛି ଆମ ରାଜ୍ୟର ବିଭିନ୍ନ ପରୀକ୍ଷା ବିଶେଷକରି ମାଟ୍ରିକ ପରୀକ୍ଷାରେ। ଚାଲିଛି କପି। ଅଭିଯୋଗ ଉଠୁଛି, ଏଥିରେ ଶିକ୍ଷକମାନେ ହେଉଛନ୍ତି ମୁଖ୍ୟ କାର୍ପଟଦାର। ଅବଶ୍ୟ କିଛି ଶିକ୍ଷକ ଏଭଳି ମନ୍ଦ କାର୍ଯ୍ୟର ବିରୋଧୀ। କିନ୍ତୁ ଏମାନଙ୍କ ସଂଖ୍ୟା ଏତେ କମ୍, ଯାହାକି ଏମାନେ ବାଧ୍ୟ ହେଉଛନ୍ତି ଚୁପ୍ ରହିବାକୁ। ଏହି ବର୍ଗର ଜଣେ ଶିକ୍ଷକ ନିଜ ପରିଚୟ ଗୋପନ ରଖି ଯାହା କହିଲେ ମୁଁ ତାଜୁବ ହୋଇଗଲି। ମନେମନେ ଭାବିଲି, ଆଜି ସମାଜରେ ଯେତେ ଅନ୍ୟାୟ ଅନୀତି ହେଉଛି ତା'ର ଅୟମାରମ୍ଭ ବୋଧହୁଏ ଏହି ପରୀକ୍ଷାରୁ ଆରମ୍ଭ ହେଉଛି। କୋମଳମତି ଶିଶୁ ମନରେ ଭରି ଦିଆଯାଉଛି କେମିତି ପରିଶ୍ରମ ନ କରି ଭଲ ଫଳ ମିଳିପାରିବ। ତାହା ପୁଣି କିଏ ଭରି ଦେଉଛନ୍ତି, ଯିଏ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶର ଦାୟିତ୍ୱ ନେଇଛନ୍ତି।

ଛାତ୍ରୀଛାତ୍ରମାନଙ୍କୁ ପ୍ରଥମ ଶ୍ରେଣୀରେ ଅଧ୍ୟୟନ ବେଳଠୁ କପିମନ୍ତ୍ର ପାଠ କରାଇବାରେ ଅଭ୍ୟସ୍ତ କରାଯାଉଛି। କୌଣସି ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ସମୟରେ ଯଦି ଆମେ ସେଠାକୁ ଯିବା ଏହାହିଁ ଦେଖିବାକୁ ପାଇବା। ଦେଖିଲା ପରେ ଯେକେହି କହିବ ପାଠରେ ନୁହେଁ, ବରଂ କପି କରିବାରେ କାହାର କେତେ ଦକ୍ଷତା ତାହା ହିଁ ପରୀକ୍ଷା କରାଯାଉଛି। ଏମିତି ଚାଲିଲେ ପିଲାଏ ପଢ଼ିବେ କାହିଁକି, ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ କାହିଁକି?

ଆମ ରାଜ୍ୟରେ ମାଧ୍ୟମିକ ଶିକ୍ଷା କହିଲେ ନବମ ଓ ଦଶମ ଶ୍ରେଣୀକୁ ବୁଝାଏ। ପୂର୍ବରୁ କେବଳ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାକୁ ଛାଡ଼ିଦେଲେ ବାକି ସମସ୍ତ ପରୀକ୍ଷା ବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା। ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ରର ପ୍ରସ୍ତୁତି, ପରୀକ୍ଷା ଖାତାର ମୂଲ୍ୟାୟନ ଏବଂ ଫଳ ପ୍ରକାଶନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କରୁଥିଲେ। ୨୦୨୦ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ସଂସ୍କାର ନାମରେ ଅନେକ କିଛି ପରିବର୍ତ୍ତନ ଆଣିଲେ। ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷାର ନାମ ବଦଳାଇ ଯଥାକ୍ରମେ ସମ୍ମେଟିଭ-୧ ଓ ସମ୍ମେଟିଭ-୨ ନାମରେ ନାମିତ କଲେ। ଉଭୟ ଶ୍ରେଣୀରେ ହେଉଥିବା ଏହି ଦୁଇଟି ପରୀକ୍ଷା ପରିଚାଳନାର ଦାୟିତ୍ୱ ବୋର୍ଡ ହାତକୁ ନେଇଛନ୍ତି। ନବମ ଶ୍ରେଣୀର ଏହି ଦୁଇଟି ପରୀକ୍ଷା ଯଦିଓ ନିଜ ବିଦ୍ୟାଳୟରେ ଅନୁଷ୍ଠିତ ହେଉଛି, କିନ୍ତୁ ପ୍ରଶ୍ନପତ୍ର ବୋର୍ଡ ଦ୍ୱାରା ଯୋଗାଇ ଦିଆଯାଉଛି। ମୂଲ୍ୟାୟନ ଅନ୍ୟ ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା ହେଉଛି। ବୋର୍ଡ ପରୀକ୍ଷାଫଳ ପ୍ରକାଶ କରୁଛି। ହେଲେ ପରୀକ୍ଷା ଯେମିତି ଚାଲିଛି କହିଲେ କୁଳ କୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସି ଯାଉଛି। ପରୀକ୍ଷା ହେବାର ଯଥେଷ୍ଟ ପୂର୍ବରୁ ପ୍ରଶ୍ନ ଓ ଉତ୍ତର ଉଭୟ ୟୁ-ଟ୍ୟୁବ୍‌ରେ ମିଳୁଛି।

ଆଉ ପରୀକ୍ଷା କେମିତି ହେଉଛି ନ କହିବା ଭଲ। ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି। ଦଶମ ଶ୍ରେଣୀରେ ଏବେ ଦୁଇଟି ବୋର୍ଡ ପରୀକ୍ଷା। ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରକୁ ଦୁଇ ଦୁଇ ଥର ପରୀକ୍ଷା ଦେବା ପାଇଁ ଯିବାକୁ ପଡୁଛି ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କୁ। ପ୍ରଶ୍ନପତ୍ର ପ୍ରଘଟ ନ ହେବା ପାଇଁ ପ୍ରତି ବ୍ଲକରେ ଗୋଟିଏ ଗୋଟିଏ ନୋଡାଲ ସେଣ୍ଟର ହୋଇଛି, ଯେଉଁଠି ପ୍ରଶ୍ନପତ୍ର ସଞ୍ଚିତ ରହୁଛି ଏବଂ ପରୀକ୍ଷା କେନ୍ଦ୍ରକୁ ହାଇ ସିକ୍ୟୁରିଟି ଜରିଆରେ ପ୍ରୋଗ୍ରାମ ଅନୁଯାୟୀ ପ୍ରଶ୍ନ ପ୍ୟାକେଟ ଯାଉଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଉଛି। କିଛି କିଛି ପରୀକ୍ଷା କେନ୍ଦ୍ରକୁ ଅବଜର୍ଭର ମଧ୍ୟ ପଠାଯାଉଛି। ହେଲେ କପି ରୋକାଯାଇ ପାରିଛି ନା ପାରିବ, ଯେପର୍ଯ୍ୟନ୍ତ ଶିକ୍ଷକମାନେ ଚାହିଁ ନାହାନ୍ତି। ଏ ବାବଦରେ ଯଦି ଶିକ୍ଷକଙ୍କୁ ପଚରାଯିବ, "ପରୀକ୍ଷାରେ କପି କରିବା ଏବଂ ଏହାକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ପ୍ରୋତ୍ସାହନ ଦେବା ଅପରାଧ ନୁହେଁ କି? ଏହା ସମ୍ପୂର୍ଣ୍ଣ ବନ୍ଦ ହେଉ ଏକଥା କ'ଣ ଆପଣମାନେ ଚାହୁଁ ନାହାନ୍ତି?" ଉତ୍ତର ଆସିବ, "କପି କରିବା ଏକ ବଡ଼ ଧରଣର ଅପରାଧ। ଏହା ଦ୍ୱାରା ଛାତ୍ର ସମାଜର ଅପୂରଣୀୟ କ୍ଷତି ହେଉଛି।



କିନ୍ତୁ କେବଳ ମୁଁ ଚାହିଁଲେ ହେବ ନାହିଁ। ସମସ୍ତେ ଚାହିଁବା ଦରକାର। କି ସୁନ୍ଦର ପଳାୟନପନ୍ଥୀ ଯୁକ୍ତି! ନିଜ ଦାୟିତ୍ୱବୋଧଠାରୁ ନିଜକୁ ଦୂରେଇ ନେଇ ଅନ୍ୟ ଉପରେ ଦୋଷ ଲଦିଦେବାର ଯୋଜନା।

ଏବେ ଦେଖାଯାଉଛି ପରୀକ୍ଷାରେ କପି ହେବାକୁ ନେଇ ବୋର୍ଡ, ବିଭାଗୀୟ କର୍ତ୍ତୃପକ୍ଷ, ସ୍କ୍ୱାଡ୍, ପର୍ଯ୍ୟବେକ୍ଷକ, କେନ୍ଦ୍ର ଅଧୀକ୍ଷକ, ଉପଅଧୀକ୍ଷକ, ଶିକ୍ଷକ୍ଷିତ୍ରୀ, ଶିକ୍ଷକ ଯେଉଁମାନେ ନିରୀକ୍ଷକ ହେଉଛନ୍ତି, ସଭିଏଁ ନିଜର ଦୋଷ ଦୁର୍ବଳତା ନ ଧରି ଅନ୍ୟମାନଙ୍କୁ ଦୋଷ ଦେବାରେ ବ୍ୟସ୍ତ। ଖାଲି ଏତିକି ନୁହେଁ, କିଛି କିଛି ପରୀକ୍ଷା କେନ୍ଦ୍ରରେ କପି ଯୋଗାଇବା ନାମରେ ପିଲାଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ମଧ୍ୟ ଶୁଣିବାକୁ ମିଳେ। କିନ୍ତୁ ଏହା ବିରୋଧରେ କେହି ପାଟି ଖୋଲନ୍ତି ନାହିଁ। କିଏ କାହିଁକି ବା କହିବ! ବିନା ପରିଶ୍ରମରେ ପାଠ ନ ପଢ଼ି ଭଲ ନମ୍ବର ରଖି ମାଟ୍ରିକ ପାଶ୍। ପରୀକ୍ଷାର୍ଥୀ ଖୁସ୍। ଉତ୍ତରଦାୟିତ୍ୱର ବୋଝ ନ ମୁଣ୍ଡାଇ ନେଇ ଆଣି ଥୋଇ ପାରିଲେ ଶତ ପ୍ରତିଶତ ପରୀକ୍ଷାଫଳ। ସମସ୍ତଙ୍କ ମୁହଁରେ ପ୍ରଶଂସା "ପାରିବାପଣିଆ ମାଷ୍ଟର ଏକା।" ବିଭାଗୀୟ ଅଧିକାରୀ ନିଜ ଜିଲା, ପରୀକ୍ଷା ଫଳରେ ରେକର୍ଡ କରିଥିବାରୁ କୃତକୃତ୍ୟ। ନବେ ପ୍ରତିଶତରୁ ଊର୍ଦ୍ଧ୍ୱ ପାଶ୍ ହାର ଯୋଗୁ ବୋର୍ଡ ଗର୍ବରେ ଫାଟି ପଡୁଛି। ସରକାର କହୁଛନ୍ତି, ଆମ ପିଲା କୌଣସି ଗୁଣରେ ସିବିଏସ୍‌ଇ, ଆଇସିଏସ୍‌ଇ ପିଲାଙ୍କଠାରୁ କମ୍ ନୁହନ୍ତି। ଗହନ କଥା ସମସ୍ତେ ଜାଣନ୍ତି, ହେଲେ କେହି କହନ୍ତି ନାହିଁ। କିଏ ନ ଜାଣିଛି ବାର୍ଷିକ ଶିକ୍ଷାର ପରିସଂଖ୍ୟାନ ରିପୋର୍ଟ ସମ୍ପର୍କରେ? ପ୍ରାଥମିକ ଶିକ୍ଷା ସ୍ତରରେ ୮୦% ପିଲା ଯେଉଁଠି ଭଲକରି ଲେଖିପଢ଼ି ପାରୁନାହାନ୍ତି, ସେଠାରେ ମାଧ୍ୟମିକ ସ୍ତରରେ ଏମିତି କେଉଁ ଔଷଧ ପିଲାଙ୍କୁ ଖୁଆଇ ଦିଆଗଲା ଯେ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷାରେ ୯୦%ରୁ ଅଧିକ ପିଲା ଛକା ମାରିଦେଲେ? କପିର କମାଲ!

କିନ୍ତୁ କପି ଏମିତି ଏକ ରାହୁ, ଯିଏ ପିଲାମାନଙ୍କର ମସ୍ତିଷ୍କକୁ ଗ୍ରାସ କରେ। ବୌଦ୍ଧିକ ବିକାଶର ପଥ ରଦ୍ଧ କରିଦିଏ। ସର୍ଜନଶୀଳତାକୁ ପଙ୍ଗୁ କରିଦିଏ। ଶେଷରେ ନୈତିକତା ଧ୍ୱଂସ ହୋଇଯାଏ। ଏହି ଅସାଧୁ ପ୍ରକ୍ରିୟା ବନ୍ଦ ହେବା ଆବଶ୍ୟକ। ଯେଉଁ ଯେଉଁ ବ୍ୟବସ୍ଥା ପରୀକ୍ଷାରେ କପି କରିବାକୁ ସହଜ ଓ ସରଳ କରିଦେଉଛି ସେଗୁଡ଼ିକ ସମ୍ପର୍କରେ ସରକାର ଓ ବୋର୍ଡ ପୁନଃ ଚିନ୍ତନ କରନ୍ତୁ। ଅର୍ଦ୍ଧେକ ବସ୍ତୁନିଷ୍ଠ ପ୍ରଶ୍ନ ପୁଣି ଓଏମାର ଜରିଆରେ ପରୀକ୍ଷାରେ ଅସାଧୁ କାର୍ଯ୍ୟକୁ ବୃଦ୍ଧି କରିବାରେ ସହାୟକ ହୋଇଛି। ମନେରଖିବା ଉଚିତ ଏସବୁ ପରୀକ୍ଷା ପ୍ରତିଯୋଗିତାମୂଳକ ପରୀକ୍ଷା ନୁହେଁ। ତେବେ ସବୁରି ମୂଳରେ ଶିକ୍ଷକ। କେବଳ ସେମାନେ ଚାହିଁଲେ ପରୀକ୍ଷାରେ ହେଉଥିବା କପିକୁ ବନ୍ଦ କରିଦେଇ ପାରିବେ। କୋମଳମତି ଛାତ୍ରୀଛାତ୍ରଙ୍କ ବିନାଶ ପ୍ରତି ନୁହେଁ, ବିକାଶ ପ୍ରତି ସମ୍ବେଦନଶୀଳ ହେବା ସମସ୍ତଙ୍କର ଧ୍ୟେୟ ହେଉ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୯

# ଓଡ଼ିଆଙ୍କ ଅଭିଧାନରେ ଇଗୋ



ଅରୁଣ କୁମାର ତ୍ରିପାଠୀ

ଗୋଟିଏ ଜାତିର ଉତ୍ଥାନ ନିମିତ୍ତ ସମସ୍ତଙ୍କ ଦୟାର୍ଦ୍ର ହୃଦୟ ତଥା ସମ୍ବେଦନଶୀଳତା ରହିବା ଅପରିହାର୍ଯ୍ୟ। ଉତ୍କଳମଣି ଲେଖିଥିଲେ, 'ସ୍ୱଦେଶ ମମତା ବିଶ୍ୱ ଜନପ୍ରୀତି, ଉତ୍କଳ ବାସୀର ହେଉ ଏହା ନୀତି'। ଅନେକେ ନିଜର ପୈତୃକ ପ୍ରାଣକୁ ବିସର୍ଜନ କରି ଜନ୍ମଭୂମି ଭାରତକୁ ସ୍ୱାଧୀନତା ଆଣିଥିଲେ। କାହାର କାହାର ବଂଶ ମଧ୍ୟ ଲୋପ ହୋଇଗଲା। ଆଜି ବି ଅନେକେ ବିଯୁକ୍ତ ତାପମାତ୍ରାରେ ଦେଶର ନିରାପତ୍ତା ସକାଶେ ସୀମା ଜଗିଥିବା ସ୍ଥଳେ ଦେଶ ଭିତରେ ଯେଉଁମାନେ ନିଜ ଅଞ୍ଚଳର ଉନ୍ନତି କରିବାକୁ ଚାହୁଁଛନ୍ତି, ସେଥିରେ ଅନେକେ ଯୋଗଦାନ କରିବେ ବୋଲି କହି ମୂକ ବଧିର ଭଳି ବ୍ୟବହାର କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ନିଜକୁ ତୁଚ୍ଛ ବୋଲି ଉପସ୍ଥାପିତ କରୁଥିବା ସ୍ଥଳେ ନିଜର ସଂପୃକ୍ତ ଦାୟିତ୍ୱ ସମ୍ପାଦନ ବେଳେ ଅନେକଗୁଡ଼ିଏ ବାହାନା, ନୀରବତା ବଜାୟ ରଖି ହେଉ ଅଥବା ଉଦ୍ୟମୀଙ୍କୁ କଷ୍ଟଦେଲା ଭଳି କହି ନିଜର ହୀନମନ୍ୟତାକୁ ପରୋକ୍ଷରେ ପ୍ରଦର୍ଶନ କରୁଛନ୍ତି। ଯେଉଁମାନଙ୍କ ଅଧ୍ୟବସାୟ ରହୁଛି, ସେମାନେ କୌଣସି ମତେ ନିଜର ମାନସ ସନ୍ତାନମାନଙ୍କୁ ସକାଳର ସୂର୍ଯ୍ୟଙ୍କ ସହ ପରିଚୟ କରେଇପାରୁଥିବା ସ୍ଥଳେ ଆଉ କିଛି ଉତ୍ସାହୀ ହୃଦୟଙ୍କ ଅଭିଳାଷା ଅମାବାସ୍ୟାର ଚାନ୍ଦ ହେବାକୁ ବାଧ୍ୟ ହେଉଛି।

ଓଡ଼ିଆ କଙ୍କଡ଼ା ବୋଲି ଯେଉଁ ମନଗଢ଼ା ହାସ୍ୟୋଦ୍ଦୀପକ ଲୋକ କଥା ରହିଛି, ସେୟା କିଛି ଲୋକଙ୍କ ଜୀବନାନୁଭୂତି ଥିଲା, କିନ୍ତୁ ବିକାଶ ପ୍ରକ୍ରିୟାରେ ମଝି ପାହାଚରେ ଥିବା କିଛି ଲୋକ ନିଜର ଆଦର୍ଶ ସେହି କଙ୍କଡ଼ାମାନଙ୍କୁ କରିନେଉଛନ୍ତି। ବିଦ୍ୟାର ଦେବୀ ମାଆ ସରସ୍ୱତୀଙ୍କ ଚାରି ହାତ ଚାରୋଟି ଗୁଣ ଯଥା :- ମନ, ବୁଦ୍ଧି, ସତର୍କତା ଏବଂ ଅହଙ୍କାର ବୋଲି କିଛି ସାହିତ୍ୟରେ ଉଲ୍ଲେଖ ରହିଛି। ଅହଙ୍କାର କିଛିକାଂଶରେ ଗ୍ରହଣୀୟ, କାରଣ ସେୟା ଓଡ଼ିଆ ଅଭିଧାନରେ ମିଳିପାରେ, କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରି କିଛି ଲୋକ ଇଗୋକୁ ନିଜ ପ୍ରତିଭା ସାବ୍ୟସ୍ତ କରିବାରେ ବ୍ୟସ୍ତ। ଆମେ ଯେଉଁ ରୋଗ ବିଷୟରେ ଜାଣିବା, ତାହାର ଚିକିତ୍ସା କରିପାରିବା। କିନ୍ତୁ କରୋନା ଭଳି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ, ତାହାର ତ୍ୱରିତ୍ ସମାଧାନ ହୋଇ ନ ପାରେ। କୋଭିଡ୍‌ରେ ଯେଉଁଭଳି ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟିଲା, ସେହିଭଳି ଏହି ଇଗୋ ନାମକ ଭୂତାଣୁଦ୍ୱାରା ଅନେକଙ୍କ ଉତ୍ସାହ ମରିଯାଉଛି। ଗଛରେ କଢ଼ିଟିଏ ମୁହେଁଇବା ସମୟରେ ତାହାକୁ ଯଦି ଛିଣ୍ଡେଇ ଦେବା, ସୁଗନ୍ଧକୁ ଆମେ କିଭଳି ପ୍ରାପ୍ତ ହେବା?

ସେଦିନ ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କହୁଥିଲେ, ବୈଜ୍ଞାନିକ ଚିନ୍ତା ସବୁ ୮ରୁ ୯ ବର୍ଷ ବୟସ ମଧ୍ୟରେ ଉଦ୍ରେକ ହୁଏ। ସେହି ଅବସ୍ଥାରେ ପ୍ରାଥମିକ ଶିକ୍ଷକ ଯଦି ତାହାକୁ ପ୍ରୋତ୍ସାହନ ଦେବେ ନାହିଁ, ଦେଶକୁ ନୂଆ ବୈଜ୍ଞାନିକ ମିଳିବ ନାହିଁ, ଯେଉଁମାନେ ଆଇଜାକ୍ ନିଉଟନ୍ ଭଳି ନିଜନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିପାରିବେ!

ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ଓଡ଼ିଶା ବିତ୍ତସେବା ଅଧିକାରୀମାନଙ୍କ ତାଲିମ କେନ୍ଦ୍ରର ନାମକରଣ ହୋଇଛି। ତାଙ୍କର ଏକ ଧାଡ଼ି ଶୁଣିଲେ ପ୍ରତି ଲୋମକୂପରେ ଶିହରଣ ଖେଳିଯାଏ ତଥା କିଛି ଅକର୍ମ କରିଥିଲେ ଢେର୍ ଲାଜ ମାଡ଼େ। କୁଳବୃଦ୍ଧଙ୍କ ଅନୁସାରେ, "ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ।'



ଶ୍ରୀକ୍ଷେତ୍ରରେ ରଥଯାତ୍ରା ସମୟରେ ଦଉଡ଼ି ପ୍ରାୟତଃ ଛିଡ଼େ ନାହିଁ, କିନ୍ତୁ ଯଦି ଛିଡ଼େ ତେବେ ତାହାକୁ ଗଇଁଣ୍ଠେଇବାକୁ ପଡ଼େ ନତୁବା ନୂତନ ଦଉଡ଼ି ଆଣିବାକୁ ପଡ଼େ। ସେହିଭଳି ଯଦିଆମେ ଏହିବିଦେଶାଗତ ଇଗୋକୁଆଦର୍ଶ କରିନେବା, ତେବେ କିଛି କାଳତ ଜାତି ନନ୍ଦିଘୋଷ ଅଟକି ଯିବ; କିନ୍ତୁ ନୂତନ ଦଉଡ଼ି ସଂଯୋଗରେ ସେୟା ଅବିଶ୍ରାନ୍ତ ଗତିରେ ନିଶ୍ଚୟ ଆଡ଼ପ ମଣ୍ଡପରେ ପହଞ୍ଚିବ। କାହା ପାଇଁ ନାଟକର କୌଣସି ଚିତ୍ରଣ ଅଟକେ ନାହିଁ। ହେଲେ କିଛି କାଳ ସମସ୍ୟା ଦେଖାଯାଏ। ସାମାଜିକ ପ୍ରଗତି ନିମନ୍ତେ କରାଯାଉଥିବା ପ୍ରୟାସ ସବୁରେ ଯଦି ଏହି ଇଗୋର କୋକୁଆ ଛାୟା ମାଡ଼ିବସିବ, ସେୟା ଅନେକ ଭାବେ ପ୍ରଭାବିତ ହେବ। ନିଜର ବ୍ୟକ୍ତିଗତ କାର୍ଯ୍ୟ ଆମେ ଉପଯୁକ୍ତ ଦୃଷ୍ଟି ସହକାରେ ହାସଲ କରୁ, କିନ୍ତୁ ସାମାଜିକ କାର୍ଯ୍ୟରେ ଟିକିଏ ବାଧା କାର୍ଯ୍ୟଟିର ସମାପନରେ ପ୍ରଶ୍ନବାଚୀ ସୃଷ୍ଟି କରେ!

ସ୍ୱିଡେନ, ଜାପାନ ଏବଂ ଜର୍ମାନୀ ଭଳି ଅନେକ ଦେଶ ସେଠିକାର ଉତ୍ସାହୀ ହୃଦୟମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଯୋଗାଇ ପ୍ରଗତିଶୀଳ ଲାଭ ପାଇବା ଆରମ୍ଭ କରି ଦେଇଛନ୍ତି। ଜାପାନରେ ହିରୋସୀମା ଏବଂ ନାଗାସାକି ଉପରେ ବୋମା ବିସ୍ଫୋରଣ ହେବାର ୮୦ ବର୍ଷରୁ ଅଧିକ ସମୟ ବିତିଯାଇଛି। ମେରୁଦଣ୍ଡ ହାଡ଼ ଭାଙ୍ଗିଥିଲେ ମଧ୍ୟ ଜାପାନ ଯୁବ ବର୍ଗଙ୍କ ଉପରେ ନିବେଶ କରି ଆଜି ପ୍ରଶଂସା ସାଉଁଟିପାରୁଛି। ହାତୀ ଓ ଝିଟିପିଟିର ଯୁଦ୍ଧରେ ସାଧାରଣତଃ ହାତୀର ବିଜୟ ସୁନିଶ୍ଚିତ ବୋଲି ସମସ୍ତଙ୍କ ଅବଧାରଣା, କିନ୍ତୁ ସେୟା ତା' ଶୁଣ୍ଢରେ ପଶିଗଲେ, ହାତୀକୁ ମୃତ୍ୟୁମୁଖରେ ପକେଇଦିଏ। ଆଜି ରୁଷିଆ ୟୁକ୍ରେନ ଯୁଦ୍ଧରେ ସେହି ଅବସ୍ଥା। କିନ୍ତୁ ୟୁକ୍ରେନ ସରକାର ଏହାର ନାଗରିକ ଗଣଙ୍କୁ ଗରିଲା ଯୁଦ୍ଧର କୌଶଳ ଶିଖେଇ ରୁଷ ସେନାର ଅକଲ ଗୁଡୁମ କରିବାକୁ ପଛଉ ନାହିଁ। ଆମ ଜନ୍ମ ଏହିଭଳି ଏକ ରାଷ୍ଟ୍ରରେ ହୋଇଛି, ଯାହା ଅତୀତରେ ବିଶ୍ୱଗୁରୁ ଥିଲା ଓ କିଛି ଦିନରେ ସେହି ସ୍ଥାନରେ ଅଚିରେ ପହଞ୍ଚିବ ବୋଲି ଦାର୍ଶନିକ ଗଣ ମତ ଦିଅନ୍ତି। କିନ୍ତୁ ଆମେ ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ସଫଳତା ନିମନ୍ତେ ପଞ୍ଜୀକରଣର ପ୍ରକ୍ରିୟା ଅପର ସହ ବାଣ୍ଟିବାକୁ କୁଣ୍ଠାବୋଧ କରୁଛୁ।

ପୁନଶ୍ଚ ଦାସେ ଆପଣେଙ୍କ ଆଉ ଏକ ବୀର ଚେତନା ମନରେ ଉଙ୍କିମାରେ, ତୋ ପୂର୍ବ ପୁରୁଷେ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ, ତାଙ୍କରି ଔରସେ ଜନ୍ମ ହୋଇ ତୁହି କେଉଁ ଗୁଣେ ତାଙ୍କୁ ସରି? ଆମେ କୌଣସି କାର୍ଯ୍ୟ ଯଦି କରିପାରୁନାହେଁ, ଅନ୍ୟଦ୍ୱାରା ସେହିଭଳି କିଛି କାର୍ଯ୍ୟ କରାଗଲେ, ନିଜେ ଅକୁଣ୍ଠ ଚିତ୍ତରେ ସହଯୋଗ କରିବା। ଅନେକ ସମିଧଙ୍କୁ ଘୃତାହୁତି ସହକାରେ ଅଗ୍ନିରେ ନିକ୍ଷେପ କରିବା। ଫଳରେ ଲେଲିହାନ ଜିହ୍ୱାରେ କାମନା ଚରିତାର୍ଥ ହୁଏ। ନିଜ କଥା ତ ଆମେ ବିଚାର କରିବା, କିନ୍ତୁ ସେଥିରୁ ଗୋଟିଏ ପାଦ ଆଗକୁ ଯାଇ ସାମାଜିକ କାର୍ଯ୍ୟରେ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା। ଜଣଙ୍କୁ ଦେଇଥିବା ବାକ୍ୟରୁ ଆମେ କେବେ ମଧ୍ୟ ଓହରିବା ନାହିଁ। ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥିବା ଉତ୍କଳ ଭୂମିର ଯଥାର୍ଥ ଉନ୍ନତି ନିମନ୍ତେ ଏହି ବିଦେଶାଗତ ଶବ୍ଦ ଇଗୋକୁ ଦୂରେଇ ଏକ ସମୃଦ୍ଧ, ସମୁନ୍ନତ ତଥା ପ୍ରଗତିଶୀଳ ଉତ୍କଳ ପ୍ରଦେଶ ଗଠନ କରିବା ନିମନ୍ତେ ବେଳ ହୁଁ ଶପଥ ନେବା ବିଧେୟ।

ଜୟପୁର, ମୋ-୯୦୭୮୪୩୮୬୨୭

## ଏଇ ଭାରତରେ

ମାନବ-ଦେବତା ଭିତରେ ବାହାଘର, ଏକଥା ବିଶ୍ୱାସ କରି ହେଉ ନ ଥିଲେ ବି ସତ। ଏଭଳି ଘଟଣା ସାମ୍ନାକୁ ଆସିଛି ଉତ୍ତରପ୍ରଦେଶ ଔରେୟା ଜିଲା ବିଧୁନାରେ। ସେଠାରେ ୩୦ ବର୍ଷୀୟା ରକ୍ଷା ଶ୍ରୀକୃଷ୍ଣ ଭଗବାନ୍‌ଙ୍କୁ ବିବାହ କରିଛନ୍ତି। ରକ୍ଷା ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଏମ୍‌ଏଲ୍‌ଏଲ୍‌ବି କରୁଛନ୍ତି। ତେବେ ଏମିତି ଜଣେ ଉଚ୍ଚ ଶିକ୍ଷିତା ଝିଅଙ୍କର ଏଭଳି ବିଚିତ୍ର ଚିନ୍ତାଧାରା ସମସ୍ତଙ୍କୁ ଚକିତ କରିଛି। ରକ୍ଷା ମାତାପିତାଙ୍କ ଅନୁମତି ନେଇ ଶ୍ରୀକୃଷ୍ଣଙ୍କୁ ବିବାହ କରିଛନ୍ତି। ବିବାହରେ ତାଙ୍କର ସମସ୍ତ ସମ୍ପର୍କୀୟ ଉପସ୍ଥିତ ଥିଲେ। ହିନ୍ଦୁ ପରମ୍ପରା ରୀତିନୀତିରେ ଉକ୍ତ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହରେ ରକ୍ଷା ଭଗବାନ୍ କୃଷ୍ଣଙ୍କୁ ବରଣମାଳା ପିନ୍ଧାଇଥିଲେ। ତେବେ ପରିବାର ପକ୍ଷରୁ ବିବାହ ଲାଗି ବାରମ୍ବାର ଚାପ ପକାଯିବା ଦ୍ୱାରା ସେ ବାଧ୍ୟ ହୋଇ ଶ୍ରୀକୃଷ୍ଣଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଭଗବାନ୍‌ଙ୍କୁ ବିବାହ କଲେ ଆଉ ବାହା ହେବାକୁ ପଡ଼ିବ ନାହିଁ ବୋଲି ଯେଉଁ ବିଶ୍ୱାସ ରହିଛି, ତାହା ବହୁ ସମୟରେ କନ୍ୟାମାନେ ପ୍ରତିପାଦନ କରୁଥିବା ଦେଖାଯାଉଛି। ତେବେ ଏମିତି ଘଟଣା ପ୍ରଥମେ ଘଟିନାହିଁ, ବରଂ ଏହା ପୂର୍ବରୁ ଜୟପୁରର ଜଣେ କନ୍ୟା ଭଗବାନ୍ ଶ୍ରୀରାମଙ୍କୁ ବିବାହ କରିଥିଲେ।

## ଚିରନ୍ତନୀ

ଧରଣୀ ହେଲା କୋମଳତମ
ଆକାଶ କମନୀୟ
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | |
| | | | | | 6 | 4 | | |
| | | 9 | | 1 | 5 | | | 7 |
| | | | 4 | | 1 | | | |
| | 3 | | | | 8 | | | 4 |
| | | | | 9 | | 2 | | |
| | 8 | 4 | | | 3 | | | 9 |
| 7 | | | 6 | | | | | |
| | 1 | | | 7 | | 6 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 2 | 5 | 7 | 6 | 4 | 8 |
| 2 | 4 | 6 | 3 | 8 | 1 | 7 | 9 | 5 |
| 7 | 5 | 8 | 6 | 9 | 4 | 1 | 3 | 2 |
| 1 | 8 | 9 | 7 | 4 | 3 | 5 | 2 | 6 |
| 4 | 6 | 5 | 1 | 2 | 9 | 3 | 8 | 7 |
| 3 | 7 | 2 | 8 | 6 | 5 | 4 | 1 | 9 |
| 5 | 1 | 7 | 9 | 3 | 2 | 8 | 6 | 4 |
| 8 | 9 | 3 | 4 | 7 | 6 | 2 | 5 | 1 |
| 6 | 2 | 4 | 5 | 1 | 8 | 9 | 7 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅଗ୍ନିଶମ ବିଭାଗର ଆଧୁନିକୀକରଣ ଆବଶ୍ୟକ

ମହାଶୟ,

ଦମକଳ ବାହିନୀର କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ନିଆଁ ଲିଭାନ୍ତି। ସେମାନଙ୍କ ଉତ୍ସର୍ଗୀକୃତ, କାର୍ତ୍ତବ୍ୟପରାୟଣତା ଏବଂ ନିଷ୍ଠାକୁ ଅଣଦେଖା କରିବା ଉଚିତ ନୁହେଁ। ଓଡ଼ିଶା ସରକାର ଅଗ୍ନିଶମ ବିଭାଗକୁ ଆଧୁନିକୀକରଣ କରିବାର ଆବଶ୍ୟକତା ରହିଛି। କୌଣସି କାରଣ ବଶତଃ ଦୁର୍ଘଟଣାଜନିତ ବା ଅସାବଧାନତା ହେତୁ ଅଗ୍ନିକାଣ୍ଡକୁ ଆୟତ୍ତ କରିବା ପାଇଁ ସେମାନଙ୍କୁ ଅଗ୍ନିପ୍ରତିରୋଧକ ପୋଷାକ ସହିତ ତତ୍କାଳ ପୋର୍ଟେବୁଲ ଅକ୍ସିଜେନ ସିଲିଣ୍ଡର ଯୋଗାଇବା ଦରକାର। ଦ୍ୱିତୀୟତଃ, କୌଣସି ଗୁରୁତ୍ୱପୂର୍ଣ୍ଣ କମର୍ସିଆଲ କମ୍ପ୍ଲେକ୍ସର ନିର୍ମାଣ ପୂର୍ବରୁ ନିୟମ ଅନୁଯାୟୀ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଅନୁମତି ଦିଆଯାଉ। ସେହିପରି ସବୁ ବାସୋପଯୋଗୀ ଗୃହ ମାଲିକ ଅଗ୍ନି ପ୍ରତିରୋଧକ ବା ଅଗ୍ନିନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ବହୁ ଦୂରରେ ଥିବା ଗାଁ ଓ ଛୋଟ ସହରଗୁଡ଼ିକରେ ଅଦ୍ୟାବଧି ଗମନାଗମନର ସୁବିଧା ନାହିଁ। ଫଳରେ ସେଠାରେ ନିଆଁ ଲାଗିଥିବା ସମୟରେ ଦମକଳ ବାହିନୀ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବାରୁ ସମ୍ପୂର୍ଣ୍ଣ ଗ୍ରାମ ଧ୍ୱଂସ ହେବା ସହ ନିରୀହ ଜୀବଜନ୍ତୁ ମାନଙ୍କ ମୃତ୍ୟୁ ହେଉଛି। ସରକାର ଏହା ହୃଦୟଙ୍ଗମ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ।

– ଅଶୋକ କୁମାର ଆଢ୍ୟ,
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୭ ବଖରା ଜଳିଗଲା

**ବଇଣ୍ଡା/ ଭୁବନ, ୧୩।୩ (ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଶିଣା ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ବିଭୂତି ସ୍ୱାଇଁଙ୍କ ୪ ବଖରା ସହ ସମସ୍ତ ଆସବାବପତ୍ର, ଧାନ, ଚାଉଳ, ନଗଦ ଟଙ୍କା, ପିନ୍ଧା ବସ୍ତ୍ର ଆଦି ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ସେହିପରି ଢେଙ୍କାନାଳ ଜିଲା ଭୁବନ ଥାନା ଭୁଷଲ ଗ୍ରାମ ଦଳିତ ସାହିରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଡାକ୍ତର ମଳିକଙ୍କ ୩ ବଖରା ଜଳିଯାଇଛି। ଡାକ୍ତରଙ୍କ ପରିବାର ଲୋକେ ଶୋଇଥିବାବେଳେ ଘର ଉପରେ ଥିବା ବିଦ୍ୟୁତ୍ ତାରରୁ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଭୁବନ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ।



# ଘର ପ୍ରାପ୍ୟ ପାଇଁ ଜିଲାପାଳଙ୍କୁ ଗୁହାରି

**ଅନୁଗୋଳ ଅଫିସ, ୧୩।୩**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ହିଙ୍ଗୁଳା କ୍ଷେତ୍ର ଦ୍ୱାରା ଗତ ୨୮ ବର୍ଷ ତଳୁ ଆମ୍ବପାଳ ଗ୍ରାମରେ ଜମି ଅଧିଗ୍ରହଣ କରାଯାଇଛି। ହେଲେ ଗ୍ରାମବାସୀଙ୍କୁ ଅଦ୍ୟାବଧି ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ଏପରି କି କମ୍ପାନୀ କର୍ତ୍ତୃପକ୍ଷ ଧରାଛୁଆଁ ଦେଉ ନ ଥିବା ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ର ପକ୍ଷରୁ ଜମି ଅଧିଗ୍ରହଣ କରାଯିବା ସମୟରେ ବାହାର ଅଞ୍ଚଳର କେତେଜଣ ଲୋକ ଆସି ଘର ନିର୍ମାଣ କରି ରହିଥିଲେ। ସେ ସମୟରେ ବାହାର ଲୋକଙ୍କୁ ଏମ୍‌ସିଏଲ୍ ଘର ଅଧିଗ୍ରହଣ କରିବା ପ୍ରାପ୍ୟ ଦେଉଥିଲା। କିନ୍ତୁ ମୂଳ ଲୋକଙ୍କୁ ଘର ଅଧିଗ୍ରହଣ ପ୍ରାପ୍ୟ ପ୍ରଦାନ କରି ନ ଥିଲା। ଏ ନେଇ ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ବାରମ୍ବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। ହେଲେ ଏଯାଏ ସୁଫଳ ମିଳିପାରି ନାହିଁ। ତେଣୁ ଗ୍ରାମବାସୀଙ୍କୁ ପ୍ରାପ୍ୟ ପ୍ରଦାନ ସହ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହ ଗ୍ରାମରେ କିଭଳି ଭାବେ ପ୍ରଦୂଷଣ ମୁକ୍ତ ପରିବେଶ ରହିବ ସେନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଅନ୍ୟପନ୍ଥା ଆପଣାଇବେ ବୋଲି ଆମ୍ବପାଳ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଧର୍ମାନନ୍ଦ ମାଝି, ସମ୍ପାଦକ ନାରାୟଣ ବେହେରା, ପ୍ରଦୀପ କୁମାର ସାହୁ, ପ୍ରତାପ ସେଠୀ, ସତ୍ୟବ୍ରତ ନାଏକ ପ୍ରମୁଖ ଦାବି କରିଛନ୍ତି।



ଜନ ଅଭିଯୋଗ ଶୁଣାଣିକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ୨୬ରେ ପାଲା ସମ୍ମିଳନୀ

**ବଇଣ୍ଡା, ୧୩।୩ (ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡର ମା' ମାହେଶରୀ ପାଲା ପରିଷଦ ପକ୍ଷରୁ ଆସନ୍ତା ୨୬ ତାରିଖରେ ଆଠମଲ୍ଲିକ ବ୍ଲକ ପାଇକସାହି ବିଶ୍ୱନାଥ ଶିବ ମନ୍ଦିର ପ୍ରାଙ୍ଗଣରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏ ନେଇ ପରିଷଦ ପକ୍ଷରୁ ରବିବାର ମନ୍ଦିର ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବ୍ରଜବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ଯୁଧିଷ୍ଠିର ନାୟକ, ବୀରେନ୍ଦ୍ର ପ୍ରଧାନ, ପଙ୍କଜ କୁମାର ବେହେରା, ଜଗତ ମୋହନ ମିଶ୍ର, ନରେଶ ଚନ୍ଦ୍ର ସାହୁ, ପ୍ରଭାତ କୁମାର ପ୍ରଧାନ, ଖଗେଶର ବେହେରା, ନିର୍ମଳ ସାହୁ, ସର୍ବେଶର ପ୍ରଧାନଙ୍କ ସମେତ ବହୁ କଳାକାର ଯୋଗଦେଇଥିଲେ। ଆଗାମୀ ସମ୍ମିଳନୀ କିଭଳି ଧୁମଧାମରେ ପାଳନ ହେବ ଓ ଆଠମଲ୍ଲିକ, କିଶୋରନଗର ବ୍ଲକର ସମସ୍ତ ପାଲା କଳାକାର ଅଂଶଗ୍ରହଣ କରି ପାଲା ପରିବେଷଣ କରିବେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତାମାନେ।

# ୬୫ ଅଭିଯୋଗର ଶୁଣାଣି

**ଅନୁଗୋଳ ଅଫିସ, ୧୩।୩**

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ। ଅନୁଷ୍ଠିତ ଶିବିରରେ ୬୫ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୬୩ଟି ବ୍ୟକ୍ତିଗତ ହୋଇଥିବାବେଳେ ୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୬୫ଟି ଅଭିଯୋଗ ମଧ୍ୟରୁ ୨୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଜମିଜମା ବିବାଦ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶିକ୍ଷା ସମ୍ବନ୍ଧୀୟ ସମସ୍ୟା, ଭିନ୍ନକ୍ଷମ ସହାୟତା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ୩୯୪ ଅନୁପସ୍ଥିତ, କପି କରି ଧରାପଡ଼ିଲେ ୭

**ଅନୁଗୋଳ ଅଫିସ, ୧୩।୩**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ୍ ପରୀକ୍ଷା ସମ୍ମେଟିଭ୍ ଆସେସ୍‌ମେଣ୍ଟ-୨ର ଦ୍ୱିତୀୟ ଦିନ ପରୀକ୍ଷା ସୋମବାର ଶେଷ ହୋଇଛି। ତେବେ ଦ୍ୱିତୀୟ ଦିନ ପରୀକ୍ଷାରେ ଅନୁଗୋଳ ଜିଲାରେ ୩୯୪ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବାବେଳେ ୭ ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କପି କରି ଧରାପଡ଼ିଥିବା ଛାତ୍ରୀଛାତ୍ରମାନେ ପାଲଲହଡ଼ା ବ୍ଲକର ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଜିଲାରେ ଚଳିତବର୍ଷ ରେଗୁଲାର, ଏକ୍ସରେଗୁଲାର ଓ ପତ୍ରବିନିମୟରେ ମୋଟ୍ ୧୬ ହଜାର ୨୭୯ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୧୫ ହଜାର ୯୬୧ ଜଣ ପରୀକ୍ଷା ଦେଉଛନ୍ତି। ରେଗୁଲାରରେ ୩୧୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୩୮୫ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୩୧୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ଜଣ ଅନୁପସ୍ଥିତ ରହିଥିଲେ। ମଧ୍ୟମାରେ ୨୧ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



**ମାଟ୍ରିକ୍ ପରୀକ୍ଷା ଦ୍ୱିତୀୟ ଦିନ**

# ୩ ସାଙ୍ଗଙ୍କୁ ଅଶ୍ରୁଳ ବିଦାୟ ଦେଲା କୁଲେଇ

**ଛେଣ୍ଡିପଦା, ୧୩।୩(ସ୍ୱ.ପ୍ର.)**

ଦୁର୍ଘଟଣାରେ ରବିବାର ୩ ସାଙ୍ଗଙ୍କ ମୃତ୍ୟୁ ଖବର ପହଞ୍ଚିବା ପରଠାରୁ ଶୋକରେ ବୁଡ଼ିଯାଇଥିଲା ଅନୁଗୋଳ ଜିଲା ଜରପଡ଼ା ଥାନା ତୁବେ ପଞ୍ଚାୟତର କୁଲେଇ ଗାଁ। କାନ୍ଦ ବୋବାଳିରେ ଫାଟି ପଡୁଥିଲା ପରିବେଶ। ସୋମବାର ବ୍ୟବଚ୍ଛେଦ ହୋଇ ୩ ମୃତଦେହ ଗାଁରେ ପହଞ୍ଚିବା ପରେ ସମଗ୍ର ଗାଁ ଯେପରି ସ୍ତବ୍ଧ ହୋଇଯାଇଥିଲା। ଅବାକ ହୋଇ ଚାହିଁ ରହିଥିଲେ ଗ୍ରାମବାସୀ। ସମସ୍ତଙ୍କ ଆଖିରୁ ଅନବରତ ଝରିଚାଲିଥିଲା ଅଶ୍ରୁ। ଶେଷରେ ୩ ସାଙ୍ଗଙ୍କ ମୃତଦେହ ଶୋଭାଯାତ୍ରାରେ ନିଆଯାଇ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

ସୂଚନାଯୋଗ୍ୟ, କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଜରପଡ଼ା ଥାନା ସାନ୍ତରାପୁର ଛକ ନିକଟରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଛେଣ୍ଡିପଦା ବ୍ଲକ ତୁବେ ପଞ୍ଚାୟତ କୁଲେଇ ଗ୍ରାମର ସୁନୀଲ ସାହୁ, ସିପୁ ପ୍ରଧାନ ଓ ମାନସ ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ସେମାନେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଜରପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ ହେଁ ରାତି ହୋଇଯାଇଥିବାରୁ ବ୍ୟବଚ୍ଛେଦ କାର୍ଯ୍ୟ ହୋଇପାରି ନ ଥିଲା। ସୋମବାର ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ କୁଲେଇ ଗ୍ରାମକୁ ଅଣାଯାଇଥିଲା। ୩ ସାଙ୍ଗଙ୍କ ମୃତଦେହ ଗାଁ ଦାଣ୍ଡରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଦୁର୍ଘଟଣାରେ ପ୍ରାଣ ହରାଇଥିବା ମାନସ ବିବାହିତ ଓ ତାଙ୍କର ଦେଢ଼ବର୍ଷର ଏକ ସନ୍ତାନ ରହିଛି। ସୁନୀଲ ଓ ସୁମନ୍ତ ଅବିବାହିତ। ମାନସ ଓ ସୁନୀଲ ଏକ ଘରୋଇ କମ୍ପାନୀରେ ହାଇଡ୍ରା ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ସୁମନ୍ତ ଚାଷ କାର୍ଯ୍ୟ ବୁଝୁଥିଲେ। ୩ ଜଣ ସାଙ୍ଗ ହୋଇ ବୁଲାବୁଲି କରିବା ସହ ରୋଜଗାର କରି ପରିବାର ଚଳାଉଥିଲେ। ହେଲେ ୩ ସାଙ୍ଗଙ୍କ ଏଭଳି ଅକାଳ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଖବରପାଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଗ୍ରାମବାସୀ ଓ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିପରି ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ବିନୀତା ସାହୁ, ସରପଞ୍ଚ ଅନୀଲ ପ୍ରଧାନଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ।

**ଗାଁରେ ଶୋକାକୁଳ ପରିବେଶ**



କୁଲେଇ ଗ୍ରାମବାସୀଙ୍କ ଉପସ୍ଥିତିରେ ଗାଁ ଶ୍ମଶାନରେ ୩ ସାଙ୍ଗଙ୍କ ଅନ୍ତିମ ସଂସ୍କାର କରାଯାଉଛି।

### ଚୋରି ମାମଲାରେ ୪ ଗିରଫ

**ବଅଁରପାଳ, ୧୩।୩ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ କଲୋନୀର ବି୧୦୦୧ରୁ ଚୋରି ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଢେଙ୍କାନାଳ ଜିଲା ବାଲିମୀ ଥାନା ବେରୁଆପାଳର ଜ୍ଞାନରଞ୍ଜନ ବାରିକଙ୍କ ସମେତ ୩ ନାବାଳକଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ନଂ. ୩୦/୨୦୨୩ରେ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

**ଇ-ନିଲାମ ମାଧ୍ୟମରେ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୧-ସେଲ୍/୧ ତାରିଖ: ୧୩।୦୩।୨୦୨୩

**ଏପ୍ରିଲ, ମେ ଓ ଜୁନ୍, ୨୦୨୩ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

| ମାସ | ଡିଭିଜନ ଓ ଡିପୋ | | | | |
|---|---|---|---|---|---|
| | ଏଡିଏ ଡିଭି. | କେଜିପି ଡିପୋ | ସିକେପି ଡିଭି. | କେଜିପି ଡିଭି. | ଆରଏନ୍‌ସି ଡିଭି. |
| ଏପ୍ରିଲ-୨୦୨୩ | ୧୦।୦୪।୨୩<br>୧୭।୦୪।୨୩<br>୨୪।୦୪।୨୩ | ୧୧।୦୪।୨୩<br>୧୮।୦୪।୨୩<br>୨୫।୦୪।୨୩ | ୧୨।୦୪।୨୩<br>୧୯।୦୪।୨୩<br>୨୬।୦୪।୨୩ | ୧୩।୦୪।୨୩<br>୨୦।୦୪ ।୨୩<br>୨୭।୦୪।୨୩ | ୧୪।୦୪।୨୩<br>୨୧।୦୪।୨୩<br>୨୮।୦୪।୨୩ |
| ମେ -୨୦୨୩ | ୦୮।୦୫।୨୩<br>୧୫।୦୫।୨୩<br>୨୨।୦୫।୨୩<br>୨୯।୦୫।୨୩ | ୦୯।୦୫।୨୩<br>୧୬।୦୫।୨୩<br>୨୩।୦୫।୨୩<br>୩୦।୦୫।୨୩ | ୦୩।୦୫।୨୩<br>୧୦।୦୫।୨୩<br>୧୭।୦୫।୨୩<br>୨୪।୦୫।୨୩ | ୦୪।୦୫ ।୨୩<br>୧୧।୦୫।୨୩<br>୧୮।୦୫।୨୩<br>୨୫।୦୫ ।୨୩ | ୦୪।୦୫।୨୩<br>୧୨।୦୫।୨୩<br>୧୯।୦୫।୨୩<br>୨୬।୦୫।୨୩ |
| ଜୁନ୍ -୨୦୨୩ | ୦୫।୦୬।୨୩<br>୧୨।୦୬।୨୩<br>୧୯।୦୬।୨୩<br>୨୬।୦୬।୨୩ | ୦୬।୦୬।୨୩<br>୧୩।୦୬।୨୩<br>୨୧।୦୬।୨୩<br>୨୭।୦୬।୨୩ | ୦୭।୦୬।୨୩<br>୧୪।୦୬।୨୩<br>୨୧।୦୬।୨୩<br>୨୮।୦୬।୨୩ | ୦୧।୦୬ ।୨୩<br>୦୮।୦୬।୨୩<br>୧୫।୦୬।୨୩<br>୨୨।୦୬ ।୨୩ | ୦୨।୦୬।୨୩<br>୦୯।୦୬।୨୩<br>୧୬।୦୬।୨୩<br>୨୩।୦୬।୨୩ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.ireps.gov.in/e-Auction

(PR-1195) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**DISTRICT PROJECT OFFICE**
**RTE-SS, JHARSUGUDA**

No.614/PDG/2023 Dt.13.03.2023

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of **"Lakhya Posters"** 2023 for Class-I to III Classes of all Govt and SC & ST Development Department Schools of Jharsuguda District in two bid systems (Technical & Commercial Bid) through Speed Post/ Registered Post/ Courier as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & Time of Opening Technical/ Financial Bid |
|---|---|---|---|---|
| Printing & Supply of Lakhya Posters | Rs.1000/- | Rs.12000/- | 20.03.2023 (4 PM) | 21.03.2023 (3 PM) |

The detailed BID document is available in the District website www.jharsuguda.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

**Sd./- District Project Coordinator**
**RTE-SS, Jharsuguda**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
Lifeline of Odisha

**No. CAD-5122** **TENDER ALERT**

**1)Tender Call Notice No.01/2022-23:** Hiring 01 (One) number of diesel/petrol run commercial registered light vehicle (BS-VI) Non-AC bolero or equivalent for EHT (C) Sub-Division, Malkangiri & Jeypore under EHT Construction Division , Jeypore.
**2)Tender Call Notice No.15/2022-23:** Construction of safety zone boundary in west direction of 132kV switchyard at 400/220/132/33kVGrid S/S, Meramundali under EHT O&M Division, Meramundali under EHT O&M Circle, Chainpal.
**3)Tender Call Notice No.06/2022-23:** Civil works for Sl. number 01 to 07 under Civil Works Division No-II Burla.
**4)Tender Call Notice No.06/2022-23:** Hiring 02 numbers of Vehicle of AC Mahindra Bolero/Car of Diesel version on monthly basis for Official use work of GM (Elect.) and OSD (land) under Office of the Executive Director, Western Zone, Burla.
**5)Tender Call Notice No.09/BBS/2022-23:** Supply of main ACDB panel box with dual source including DG Facility for 132/33kV Grid Sub-Station Mancheswar under EHT O&M Circle, Bhubaneswar.
**6)Tender Call Notice No.23/2022-23:** Construction of pipe earthing& couping of Tower legs in towers of 220kV Bidanasi-Mendhasal DC Line ( Circuit length 11 KM.) of EHT O&M S/D Bidanasi Under EHT O&M Division, Cuttack.
**7)Tender Call Notice No.22/2022-23:** Construction of Garden wall at both side of approach road from main gate towards control room of 132/33kV Grid S/S Jagatsinghapur under EHT O&M Division, Cuttack.
**8)Tender Call Notice No.TRB-O&M-DIV/OT-27/2022-23:** AMC for Air-Conditioners of Control rooms and office rooms at Grid Sub-Stations under EHT O&M Division, Therubali.
**9)Tender Call Notice No.EHT(C)/T/08/2022-23:** Hiring of 01 number of Commercial light vehicle (Bolero Non-AC) or equivalent of diesel version for use at office of SDO, EHT(C)Sub-Division Barpali under O/O The GM(Elect.) EHT(C) Circle, Sambalpur.
**10)Tender Call Notice No.RKL-18/2022-23:** Procurement & Supply of Digital Multifunctinal Meter for different GSS under EHT O&M Division, Rourkela.
For more details please visit OPTCL's website **www.optcl.co.in**

OIPR-04011/11/0192/2223 FIPR-80/2022-23

See Career Appointment on every Wednesday & Saturday

**GOVERNMENT OF ODISHA**
**O/O. DEPUTY DIRECTOR OF HORTICULTURE**
**SCHOOL OF HORTICULTURE, KHORDHA**
Email id: sohkhordha@gmail.com

**TENDER NOTICE FOR THE AUCTION OF FRUITS IN SOH, KHORDHA ORCHARD**

**No. 289 (A)** **Dated: 03.03.2023**

No. L-160: Sealed tenders are invited for auction of Mango Fruits in the Orchard of the SOH, Khordha for the period upto **30th June' 2023**.

| Sl. No. | Name of Fruit | No. of Fruit bearing Trees |
|---|---|---|
| 1 | Mango Tree (> 30 Yrs.) | 162 |
| 2 | Mango Tree (> 10 Yrs.) | 231 |

1. Tender form with terms & conditions can be obtained from the office of Deputy Director of Horticulture, Khordha on payment of **Rs.50/-** (Fifty only) in cash. Issue of tender form will start from **15.03.2023** and closing date & time for receipt of tender document will be **29.03.2023 (Wednesday) upto 1.00 P.M.** Tenders will be opened on the same day at **3.00 P.M.** by the committee in the O/o DDH, SoH, Khordha. Every tenderer will have to deposit Rs.2000/- as EMD to participate in the tender process either in shape of Cash or **DD in favour of Deputy Director of Horticulture, School of Horticulture, Khordha**. Those who are interested to visit the orchards they can see the condition of orchard on any working days from **10.30 A.M. to 5.00 P.M.** If the tendered rates for the above said Mango fruits are found to be less than the offset price, tenders will not be accepted. Offset price in respect of Mango fruits is available in sealed envelope with the tender committee. DDH, SoH, Khordha reserves all the rights to reject any or all tenders fully or partially at any time without assigning any reason thereof.
2. The tenderers should submit their address proof with tender form either in the form of Voter ID Card/Aadhaar Card/Ration Card/Driving Licence/Telephone Bill or Electricity Bill of his residence.

**Sd./- DDH, SOH, Khordha**
**OIPR-01053/11/0001/2223**

**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE PANCHAYAT SAMITI, DABUGAM**
**INVITATION FOR BIDS**

**No. 01/2022-23** **Dated: 10.03.2023**

No. i-496: The Panchayat Samiti, Dabugam on behalf of Governor of Odisha invites percentage rate bid through e-procurement in single cover system according to norm of e-procurement system in Online mode.

1. Name of Works : As mentioned in table "A" which includes Construction of Daycare Sub-centre of Dabugam Block in Nabarangpur district.
2. No. of Works : 5 (Five) Nos. (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : Rs.6000/- per each work
5. Class of Contractor : B & C Class
6. Period of Completion : 180 Days
7. Critical Dates :
   - Further details can be seen in the bidding documents, which is available in the e-procurement portal **https://www.tendersodisha.gov.in**.
   - Subsequent corrigendum if required shall be appeared in the website.
   - Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender Online for Bidding | | Last date of seeking tender Calrification | Date of Opening of Bid |
|---|---|---|---|---|---|
| | | From | To | | |
| Block Development Officer, Panchayat Samiti, Dabugam | 01/2022-23 Panchayat Samiti, Dabugam | 13.03.2023 at 11.00 A.M. | 27.03.2023 at 04.00 P.M. | 27.03.2023 upto 4.00 P.M. | 28.03.2023 at 11.30 A.M. |

**OIPR-19329/11/0001/2223** **Sd./- Block Development Officer, Panchayat Samiti, Dabugam**

# ସ୍ୱଚ୍ଛ କରନ୍ତୁ ଘର ପରିବେଶ

**ଶରୀରକୁ ସଫାସୁତୁରା ରଖିବା ଯେତିକି ଆବଶ୍ୟକ ସେହିଭଳି ଘରକୁ ମଧ୍ୟ ସଫା ରଖିବା ଜରୁରୀ। ଏଥିପାଇଁ ଜାଣିରଖନ୍ତୁ କିଛି କଥା...**

■ଘରର ପରିବେଶ ସୁନ୍ଦର ରହିଲେ ଶରୀର ଓ ମନ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ଘରକୁ ସବୁବେଳେ ସଫାସୁତୁରା ରଖି ମୁଡ୍ ଭଲ ରଖନ୍ତୁ।

■ଅଳିଆ ଆବର୍ଜନା ଘରେ ଜମା କରନ୍ତୁ ନାହିଁ। ଘରର ମଇଳାକୁ ବାହାରେ ରଖନ୍ତୁ ଓ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତାକୁ ଅଳିଆ ଜମା ହେଉଥିବା ସ୍ଥାନରେ ଫିଙ୍ଗିଦିଅନ୍ତୁ। ଘରେ ଅଳିଆ ଜମାହୋଇ ରହିଲେ ଘର ଅପରିଷ୍କାର ଲାଗିବା ସହ ପରିବେଶ ଖରାପ ହେବ।

■ଯଦି ଆପଣ ଘର ଭିତରେ ସବୁବେଳେ ରହୁଛନ୍ତି ତା'ହେଲେ ବେଳେବେଳେ ଘରର କବାଟ, ଝରକା ଆଦି ଖୋଲି ଦିଅନ୍ତୁ। ଫଳରେ ବାହାରର ମୁକ୍ତ ପବନ ଓ ଆଲୋକ ଘର ଭିତରକୁ ଆସିପାରିବ। ଏହା ସହିତ ଘରେ କିଛି ଇନ୍‌ଡୋର ଓ ଆଉଟ୍‌ଡୋର ପ୍ଲାଣ୍ଟ ନିଶ୍ଚୟ ଲଗାନ୍ତୁ। ଘରସଜା ପାଇଁ ସୁନ୍ଦର ଲାଗିବା ସହିତ ତାଜା ଲାଗିବ।

■ଘରେ ଯଦି ଆପଣଙ୍କର ଇଲେକ୍ଟ୍ରୋନିକ୍ ଜିନିଷ ଏଣେତେଣେ ରହୁଥାଏ ତେବେ ତାକୁ ସଜାଡ଼ି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଫଳରେ ଏସବୁ ଜିନିଷ ଖରାପ ହେବ ନାହିଁ ଏବଂ ଠିକ୍ ସମୟରେ ମିଳିପାରିବ।

■କୁହାଯାଏ କି ବହୁଦିନର ପୁରୁଣା ଜିନିଷକୁ ଯଦି ଘରେ ରଖାଯାଏ ତା'ହେଲେ ଘରେ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ତେଣୁ ଯେଉଁ ଜିନିଷ ଆପଣ ବ୍ୟବହାର କରୁନାହାନ୍ତି ସେସବୁକୁ ଘରେ ରଖନ୍ତୁ ନାହିଁ।



# ହ୍ୟାଣ୍ଡ୍‌ବ୍ୟାଗ୍‌ରେ ରଖନ୍ତୁ

**ଷ୍ଟାଇଲିଶ୍ ଦେଖାଯିବା ସହ ଜରୁରୀ ଜିନିଷ ରଖିବା ପାଇଁ ମହିଳାମାନେ ହ୍ୟାଣ୍ଡ୍‌ବ୍ୟାଗ୍ ବ୍ୟବହାର କରିଥାନ୍ତି। ହ୍ୟାଣ୍ଡ୍‌ବ୍ୟାଗ୍‌ରେ ବହୁତ କିଛି ଜିନିଷ ରଖି ଓଜନିଆ କରିବା ବଦଳରେ କ'ଣ ସବୁ ନିହାତି ରଖିବେ ଜାଣିରଖନ୍ତୁ।**



★ଅଧିକ ସମୟ ପାଇଁ ବାହାରକୁ ଯିବାର ଥିଲେ ହ୍ୟାଣ୍ଡ୍‌ବ୍ୟାଗ୍‌ରେ ସନ୍‌ସ୍କ୍ରିନ୍ ଲୋସନ କିମ୍ବା କମ୍ପାକ୍ଟ ପାଉଡର ନିଶ୍ଚିତ ରଖନ୍ତୁ। କାରଣ ଖରାରେ ବାହାରକୁ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇପାରିବେ।

★ନିଜର ସ୍ୱଚ୍ଛତା ପାଇଁ ପର୍ସ ଭିତରେ ୱାଇପ୍ସ ରଖନ୍ତୁ। ଆବଶ୍ୟକ ସମୟରେ ଆପଣ ନିଜ ମୁହଁକୁ ସଫାକରି ଫ୍ରେଶ୍ ଅନୁଭବ କରିପାରିବେ। ଏହା ବ୍ୟତୀତ କେଶକୁ ଫ୍ରେଶ୍ ରଖିବା ପାଇଁ ଆପଣ ଡ୍ରାଏ ଶାମ୍ପୁ ବି ବ୍ୟାଗ୍‌ରେ ରଖିପାରିବେ।


★ଯଦି ଅଫିସ ଯାଉଛନ୍ତି ତେବେ ହ୍ୟାଣ୍ଡ୍‌ବ୍ୟାଗ୍ ଭିତରେ ଛୋଟ ପରଫ୍ୟୁମ ରଖନ୍ତୁ। ଫଳରେ ଅଫିସରେ କାମ ଶେଷ ବେଳକୁ ଆପଣ ମିଟିଂ କିମ୍ବା ଅନ୍ୟ କିଛି କାମରେ ଅଫିସରେ ବେଶି ସମୟ ରହିଲେ ପରଫ୍ୟୁମ୍ ବ୍ୟବହାର କରି ଫ୍ରେଶ୍ ଅନୁଭବ କରିପାରିବେ। ଖରାଦିନେ ବି ଏହା ବହୁତ ଦରକାର ହୋଇଥାଏ।

★ମେକ୍‌ଅପ୍‌କୁ ସେଟ୍ କରି ରଖିବା ପାଇଁ ଚାହୁଁଥିଲେ ହ୍ୟାଣ୍ଡ୍‌ବ୍ୟାଗ୍‌ରେ ବ୍ଲଟିଂ ପେପର ରଖନ୍ତୁ। ତ୍ୱଚା ତୈଳାକ୍ତ ହୋଇଗଲେ ଏହା ବ୍ୟବହାର କରି ସୁନ୍ଦର ଦେଖାଯିବେ।

★ଏକ ଛୋଟ ଲିପ୍‌ଷ୍ଟିକ୍ ମଧ୍ୟ ବ୍ୟାଗ୍‌ରେ ରଖନ୍ତୁ। ଫଳରେ ଓଠ ସହ ଗାଲ ଓ ଆଖି ଉପରେ ଏହାକୁ ଲଗାଇ ମେକ୍‌ଅପ୍ ଲୁକ୍ ଦେଇପାରିବେ।

– ଏହା ସହ ସାନିଟାଇଜର, ଲୋଶନ କିମ୍ବା ସାନିଟାରି ପ୍ୟାଡ୍ ଆଦି ନିଶ୍ଚୟ ରଖନ୍ତୁ।

# ଦୂରରେ ରହିଲେ ବି ଏକାଠି











**କେତେବେଳେ ଉଚ୍ଚଶିକ୍ଷା ତ କେବେ ପୁଣି କ୍ୟାରିୟର ଆଉ କେବେ ଭବିଷ୍ୟତର ସୁନେଲି ସ୍ୱପ୍ନକୁ ସାକାର କରିବାର ଇଚ୍ଛା। ଏଥିପାଇଁ ଏବେ ପ୍ରାୟତଃ ଦେଖିବାକୁ ମିଳୁଛି ଲଙ୍ଗ୍ ଡିଷ୍ଟାନ୍ସ ରିଲେସନଶିପ୍। ଏଭଳି କ୍ଷେତ୍ରରେ ପରସ୍ପର ଠାରୁ ଦୂରରେ ରହି ସମ୍ପର୍କ ନିଭାଉଛନ୍ତି ସ୍ୱାମୀସ୍ତ୍ରୀ। ତେବେ ସ୍ଥାନର ଦୂରତା ଯେମିତି ସମ୍ପର୍କରେ ଦୂରତା ନ ଆଣୁ ସେଥିପାଇଁ ସତର୍କ ରହିବା ବି ଜରୁରୀ...**

ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନଶିପ୍ ଅର୍ଥାତ୍ ଦୂରରେ ରହି ସମ୍ପର୍କ ନିଭାଇବା ଏବେ ଆଧୁନିକ ଲାଇଫଷ୍ଟାଇଲରେ ଏକ ବିଶେଷ ସ୍ଥାନ ନେଇଛି। ଅଧିକାଂଶ ଦମ୍ପତି ନିଜ ନିଜ ଭବିଷ୍ୟତର ସୁରକ୍ଷା ପାଇଁ ଏଭଳି ସମ୍ପର୍କରେ ରହୁଛନ୍ତି। ଫଳରେ ପରସ୍ପରକୁ ଖୁବ୍ କମ୍ ସମୟ ଦେଇପାରୁଛନ୍ତି। କିନ୍ତୁ ଦୂରରେ ରହି ବି ସମ୍ପର୍କକୁ ମଧୁର କରି ଏକ ମଜଭୁତ ବନ୍ଧନର ପ୍ରମାଣ ଦେବାକୁ ହେଲେ ଅନେକ ଦିଗ ପ୍ରତି ଧ୍ୟାନଦେବାକୁ ହେବ।

**ପ୍ରତିଦିନ କଥା ହୁଅନ୍ତୁ:** ଦୂରରେ ରହୁଥିବା ସ୍ୱାମୀସ୍ତ୍ରୀ ସବୁଦିନ ପରସ୍ପର ସହ କଥାବାର୍ତ୍ତା ହୁଅନ୍ତୁ। ଦିନର ଆରମ୍ଭରେ ସାଥୀଙ୍କ ସହ କଥା ହୋଇ ତାଙ୍କର ସବୁ କାର୍ଯ୍ୟକ୍ରମ ଓ ସମସ୍ୟା ସମ୍ପର୍କରେ ଜାଣନ୍ତୁ। ଫଳରେ ପରସ୍ପରର କଷ୍ଟ ଅନୁଭବ କରିପାରିବେ। ଶାରୀରିକଭାବେ ହୁଏତ ଆପଣ ତାଙ୍କର ସମସ୍ୟା ସମାଧାନ କରିପାରିବେ ନାହିଁ, କିନ୍ତୁ ମାନସିକ ସପୋର୍ଟ ଦିଅନ୍ତୁ। ଖୁସି ହେଉ ଅବା ସମସ୍ୟା ସବୁକଥା ପରସ୍ପର ସହ ଶେୟାର କରନ୍ତୁ। ଏପରି କରିବା ଫଳରେ ଆପଣଙ୍କ ଜୀବନସାଥୀ ଆପଣଙ୍କୁ ପାଖରେ ଥିବା ଭଳି ଅନୁଭବ କରିପାରିବେ। ତେଣୁ ଦୂରରେ ଥିଲେ ବି ଏକ ଅତୁଟ ସମ୍ପର୍କ ନିଭାଇପାରିବେ।

**ବିଶ୍ୱାସ ହରାନ୍ତୁ ନାହିଁ:** ଡିଷ୍ଟାନ୍ସ ରିଲେଶନଶିପ୍‌ରେ ପରସ୍ପର ପ୍ରତି ବିଶ୍ୱାସ ରଖିବା ନିହାତି ଜରୁରୀ। ହଠାତ୍ କୌଣସି କଥା ଶୁଣି ସନ୍ଦେହ କରନ୍ତୁ ନାହିଁ। ଏହା ଏଭଳି ଏକ ବ୍ୟାଧି ଯାହା ନିମିଷକେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ସନ୍ଦେହ ହେବା ଭଳି କୌଣସି ଘଟଣା ଥିଲେ ପ୍ରଥମେ ଶାନ୍ତ ମନରେ ଚିନ୍ତାକରି ସମୟ ସୁବିଧା ଦେଖି ପରସ୍ପର ମଧ୍ୟରେ ଶାନ୍ତ ଭାବରେ କଥାବାର୍ତ୍ତା ହୁଅନ୍ତୁ। ନିଶ୍ଚିତଭାବେ ସମାଧାନ ପନ୍ଥା ବାହାରିବ। ସବୁଠୁ ବଡ଼ କଥା ହେଉଛି କୌଣସି ପରିସ୍ଥିତିରେ ବି ପରସ୍ପରକୁ ମିଛ କୁହନ୍ତୁ ନାହିଁ ଅବା କୌଣସି କଥା ଲୁଚାନ୍ତୁ ନାହିଁ।

**ମିଳାମିଶାର ସମୟ:** ଦୂରରେ ରହୁଥିବା ସ୍ୱାମୀସ୍ତ୍ରୀ ମଝିରେ ମଝିରେ ସମୟ ବାହାରକରି ପରସ୍ପରକୁ ଦେଖାକରିବା ନିହାତି ଜରୁରୀ। ଯଦି ତାଙ୍କ ପାଖରେ ସମୟ ସୁବିଧା ନ ଥାଏ ତେବେ ଆପଣ ନିଜେ ସମୟ ବାହାର କରି ତାଙ୍କ ପାଖକୁ ଯାଆନ୍ତୁ। ମିଳାମିଶାର ଏହି ସମୟ ବାରମ୍ବାର ହେଲେ ସମ୍ପର୍କର ମାଧୁର୍ଯ୍ୟ ବି ବଢ଼ିପାରିବ। କେବେ କେବେ କୌଣସି ଖବର ନ ଦେଇ ସାଥୀଙ୍କ ପାଖରେ ପହଞ୍ଚି ତାଙ୍କୁ ସରପ୍ରାଇଜ୍ ଦିଅନ୍ତୁ। ଜୀବନରେ ଏ ସବୁର ଆବଶ୍ୟକତାକୁ ଅନୁଭବ କରି କାମ କରନ୍ତୁ।

**ଭିଡିଓ କଲ୍ ଓ ଫଟୋ:** ପରସ୍ପର ମଧ୍ୟରେ ସ୍ଥାନର ଦୂରତାକୁ କମ୍ କରିବା ପାଇଁ ଏବେ ଆଧୁନିକ ଲାଇଫଷ୍ଟାଇଲରେ ଢେର୍ ସୁବିଧା ସୁଯୋଗ ରହିଛି। ଏଇ ଯେମିତି ଭିଡିଓ କଲ୍, ଏସ୍‌ଏମ୍‌ଏସ୍ ଇତ୍ୟାଦି। ତେଣୁ ପ୍ରତିଦିନ ସାଥୀଙ୍କ ସହ ଦେଖାହେବାର ଅନୁଭବ କରିବା ପାଇଁ ଆପଣ ଏସବୁର ସୁବିଧା ନେଇପାରିବେ। ଦିନକୁ ଅତିକମ୍‌ରେ ଥରେ ଏପରି ଭିଡିଓ କଲ୍ କରନ୍ତୁ କିମ୍ବା ଫଟୋ ଶେୟାର କରନ୍ତୁ।

**ପର୍ସନାଲ ସ୍ପେସ୍:** ପ୍ରତ୍ୟେକ ସମ୍ପର୍କରେ କିଛିଟା ପର୍ସନାଲ ସ୍ପେସ୍ ରହିବା ନିହାତି ଜରୁରୀ। ତେଣୁ ଆପଣ ମଧ୍ୟ ନିଜ ସାଥୀଙ୍କୁ କିଛିଟା ସ୍ୱାଧୀନତା ନିଶ୍ଚୟ ଦିଅନ୍ତୁ। ଅତ୍ୟଧିକ ସନ୍ଦେହୀ ସାଥୀଙ୍କ ଭଳି ପ୍ରତି କଥାରେ ମୁଣ୍ଡ ପୂରାଇ ବିରକ୍ତ ହେବା ଭଳି କାମ କରନ୍ତୁ ନାହିଁ। ସାଥୀଙ୍କ ସମ୍ପର୍କରେ କେଉଁ କ୍ଷେତ୍ରରୁ ନିଜକୁ ଦୂରେଇ ରଖିବା ଉଚିତ। ସେନେଇ ବିଚାରକରି କାମ କରନ୍ତୁ।

**ଏକାଠି ରହିବା ଶିଖନ୍ତୁ:** ଦୂରରେ ରହି ବି ଏକାଠି ରହିବାର କଳା ଶିଖିପାରିଲେ ସମ୍ପର୍କରେ ମଧୁରତା ଭରି ରହିଥାଏ। ତେଣୁ ଡିଷ୍ଟାନ୍ସ ରିଲେଶନରେ ଏକାଠି ହୋଇ ରହିବା ପାଇଁ ଚାହୁଁଥିଲେ ଅଲଗା ରହିବାର କଳା ନିଶ୍ଚୟ ଶିଖନ୍ତୁ। ଫଳରେ ଭବିଷ୍ୟତରେ ଆପଣ ନିଜ ଜୀବନକୁ ସୁନ୍ଦର କରିପାରିବେ।



## ଏମାନେ କ'ଣ କରନ୍ତି

### ସମ୍ପର୍କର ନିବିଡ଼ତା ଜମାରୁ କମିନି



ତାଙ୍କର ଚାକିରି ଚେନ୍ନାଇରେ କିନ୍ତୁ ମୋର କର୍ମକ୍ଷେତ୍ର ରାଉରକେଲାରେ। ସେଥିପାଇଁ ମୁଁ ଛୁଟି ହେବା ମାତ୍ରେ ତାଙ୍କ ପାଖକୁ ଯାଏ ଓ ତାଙ୍କର ଛୁଟି ହେଲେ ସେ ମୋ ପାଖକୁ ଆସନ୍ତି। ଅଧିକ ଦିନ ଛୁଟି ମିଳିଲେ ଆମେ ଏକାଠି ମିଶି ଗାଁକୁ ଯାଉ। କିନ୍ତୁ ସବୁଦିନ ଫୋନ୍‌ରେ କଥା ହେଉ। ଶୋଇବା ପୂର୍ବରୁ ଦିନ ସାରାର ବିଭିନ୍ନ କଥା ସମ୍ପର୍କରେ ଆମେ ଫୋନ୍‌ରେ ନିଶ୍ଚୟ ଆଲୋଚନା କରୁ। ଭବିଷ୍ୟତକୁ ଦୃଷ୍ଟିରେ ରଖି ଚାକିରି କରିବା ପାଇଁ ଆମେ ପରସ୍ପରଠାରୁ ଅଲଗା ରହୁଛୁ ସତ, କିନ୍ତୁ ଆମ ସମ୍ପର୍କର ନିବିଡ଼ତା ଆଦୌ କମିନାହିଁ।


*– ଦେବଦର୍ଶନ ସାମନ୍ତରାୟ*
*ସହକାରୀ ପ୍ରଫେସର, ସୁଶୀଳାବତୀ ମହାବିଦ୍ୟାଳୟ, ରାଉରକେଲା*

### ପାଖରେ ଥିବା ଭଳି ଅନୁଭବ



ଯାଜପୁରର ଏକ କମ୍ପାନୀରେ ସେ ଇଞ୍ଜିନିୟର ଅଛନ୍ତି। ତାଙ୍କର ଚାକିରିରେ ବିଭିନ୍ନ ସ୍ଥାନକୁ ବଦଳି ହେବାର ମଧ୍ୟ ସମ୍ଭାବନା ରହିଛି। ସେଥିଲାଗି ପିଲା ଓ ପରିବାର ସହିତ ମୁଁ ବାଲେଶ୍ୱରରେ ରହୁଛି। ତେବେ ସପ୍ତାହକୁ ତାଙ୍କର ଦୁଇଦିନ ଛୁଟି ଥିବାରୁ ସେ ପ୍ରତି ସପ୍ତାହରେ ଆମ ପାଖକୁ ଆସନ୍ତି। ଏହା ବ୍ୟତୀତ ଅନ୍ୟ ଯେକୌଣସି ଛୁଟିରେ ସେ ଆମ ପାଖକୁ ଆସନ୍ତି। ସବୁଦିନ ଫୋନ୍‌ରେ ଭଲମନ୍ଦ ବୁଝନ୍ତି। ତେଣୁ ଦୂରରେ ଥିଲେ ବି ସେ ସବୁବେଳେ ଆମ ପାଖରେ ଥିବା ଭଳି ଅନୁଭବ କରାଇଥାନ୍ତି।

**– ପ୍ରତିଭା ନାୟକ,** ଶିକ୍ଷୟିତ୍ରୀ, କୋଏଲ ନଗର, ବାଲେଶ୍ୱର



ସୌନ୍ଦର୍ଯ୍ୟ

# ସୁନ୍ଦର କରନ୍ତୁ ତ୍ୱଚା

**ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟୁଟିପାର୍ଲର ଯିବା ବଦଳରେ ଘରୋଇ ଉପାୟ ଆପଣେଇବା ଅଧିକ ଲାଭଦାୟକ। ଏଥିପାଇଁ ବିଶେଷ ଫଳପ୍ରଦ ହୋଇଥାଏ ତୁଳସୀ। ଘରେ ମିଳୁଥିବା ବିଭିନ୍ନ ସାମଗ୍ରୀ ସହ ତୁଳସୀପତ୍ର ଲଗାଇଲେ ତ୍ୱଚାର ଅଧିକାଂଶ ସମସ୍ୟା ଦୂର କରିହେବ...**



➤ତୁଳସୀପତ୍ର ଲଗାଇଲେ ମୁହଁରେ ଥିବା ସମସ୍ତ ପ୍ରକାର କଳାଦାଗକୁ ଦୂର କରାଯାଇପାରିବ। ଏଥିପାଇଁ ତୁଳସୀପତ୍ରର ପେଷ୍ଟ କରି ସେଥିରେ କମଳା ଚୋପା ଓ ମସୁର ଡାଲି ଗୁଣ୍ଡ ମିଶାନ୍ତୁ। ଏହା ସହିତ ଅଳ୍ପ ଲେମ୍ବୁରସ, ଗୋଲାପଜଳ ଓ ଅଳ୍ପ ହଳଦୀ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପ୍ୟାକ୍‌କୁ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ତ୍ୱଚାରେ ଥିବା ସମସ୍ତ ଦାଗ ଦୂର ହୋଇ ତ୍ୱଚା ଉଜ୍ଜ୍ୱଳ ଦିଶିବ।

➤ମୁହଁରେ ବ୍ରଣ ସମସ୍ୟା ଦୂରକରିବା ପାଇଁ ତୁଳସୀପତ୍ର ସହ ଅଳ୍ପ ନିମ୍ବପତ୍ର ମିଶାଇ ଏକ ପେଷ୍ଟ କରି ଦିଅନ୍ତୁ। ଏଥିରେ ଅଳ୍ପ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ଲଗାଇ ରଖିବା ପରେ ଅଳ୍ପ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ପ୍ରତିଦିନ ଏହି ପ୍ୟାକ୍ ଲଗାଇଲେ ମୁହଁରେ ଥିବା ବ୍ରଣ ଭଲ ହୋଇଯିବ।

➤ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବା ପାଇଁ ହେଲେ ତୁଳସୀ ପେଷ୍ଟ ଲଗାନ୍ତୁ। ଏଥିପାଇଁ ତୁଳସୀ ପତ୍ରକୁ ବାଟି ସେଥିରେ ଓଟ୍‌ସ ଗୁଣ୍ଡ, ହଳଦୀଗୁଣ୍ଡ ଓ ଅଳ୍ପ ମହୁ ମିଶାଇ ମୁହଁରେ ଲଗାନ୍ତୁ। ମୁହଁରେ ଲଗାଇ କିଛି ସମୟ ସ୍କ୍ରବ୍ କରନ୍ତୁ। ସ୍କ୍ରବ୍ କରିବା ପରେ ୧୫ ମିନିଟ୍ ରଖି ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ୨-୩ ଥର ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।



ଖାଦ୍ୟରୁଚି

# କଞ୍ଚାଲଙ୍କା ଚଟଣି

**ଆବଶ୍ୟକ ସାମଗ୍ରୀ–** କଞ୍ଚାଲଙ୍କା– ୨୦ଟି, ରସୁଣ– ୪ ପାଖୁଡ଼ା, ଲେମ୍ବୁରସ– ୧ ଚାମଚ, ସୋରିଷ– ୧ ଚାମଚ, ଜିରା– ୧ ଚାମଚ, ଧନିଆପତ୍ର– ଅଳ୍ପ (କଟା), ତେଲ– ୨ ଚାମଚ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ଏହି ଚଟଣି ନିମନ୍ତେ ପ୍ରଥମେ କଞ୍ଚାଲଙ୍କାକୁ ଧୋଇ ଛୋଟ ଛୋଟ ଖଣ୍ଡ କରିଦିଅନ୍ତୁ। ରସୁଣରୁ ଚୋପା ଛଡ଼ାଇ ରଖନ୍ତୁ। ଏହାପରେ ଚୁଲିରେ କଡ଼େଇ ବସାନ୍ତୁ। ଗରମ ହୋଇଗଲା ପରେ ସେଥିରେ ତେଲ ପକାଇ ରସୁଣ ଓ କଞ୍ଚାଲଙ୍କାକୁ ଅଳ୍ପ ସମୟ ଭାଜନ୍ତୁ। ଏହାପରେ ପ୍ଲେଟ୍‌କୁ କାଢ଼ି ସେସବୁକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହେଲା ପରେ ସେଥିରେ ଜୀରା ମିଶାଇ ଟିକେ ଖଦଡ଼ା କରି ଗ୍ରାଇଣ୍ଡିଂ କରନ୍ତୁ। ଏବେ ଏହି ପେଷ୍ଟକୁ ବଘାରିବା ପାଇଁ ପୁଣି ଥରେ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ସୋରିଷ ଫୁଟାଇ ଲଙ୍କାବଟା ପକାନ୍ତୁ। କିଛି ସମୟ ଭାଜିବା ପରେ କଡ଼େଇ ଓହ୍ଲାଇ ଆଣି ସେଥିରେ ଧନିଆପତ୍ର, ଲୁଣ ଏବଂ ଲେମ୍ବୁରସ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଞ୍ଚାଲଙ୍କା ଚଟଣି। ଏହାକୁ ଚକୁଳି, ଦୋସା କିମ୍ବା କୌଣସି ଛଣା ଜିନିଷ ସହ ଖାଇଲେ ବହୁତ ଭଲ ଲାଗିବ।



## ମତୋ ବଜାରରେ କୋଟ୍‌ପା ଚଢ଼ାଉ

**ଭଦ୍ରକ ଅଫିସ:** ଚାନ୍ଦବାଲି ବ୍ଲକର ମତୋ ବଜାରରେ ସୋମବାର କୋଟ୍‌ପା ଚଢ଼ାଉ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ ରାଉତ ପ୍ରମୁଖ ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ନିଷେଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ଜବତ ପରେ ନଷ୍ଟ କରାଯାଇଥିଲା। ୧୭ ଦୋକାନୀଙ୍କଠାରୁ ୩,୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ମତୋ ଫାଣ୍ଡି ଏସ୍‌ଆଇ ବୁଦ୍ଧିରାମ ମହାନ୍ତି, ଚାନ୍ଦବାଲି ପୋଲିସ ଏସ୍‌ଆଇ ଅନୁରାଗ ମହାନ୍ତି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ନିଆଁ ରୋକିପାରୁନି ବନ ବିଭାଗ

## ଶିମିଳିପାଳର ୨୦ ପଏଣ୍ଟରେ ଜଳୁଛି

**ବାରିପଦା ଅଫିସ, ୧୩।୩**

ମୟୂରଭଞ୍ଜ ଜିଲାରେ ରୌଦ୍ର ତାପ ବୃଦ୍ଧି ପାଇବା ସହ ଶିମିଳିପାଳ ବନାଗ୍ନି ଥମିବାର ନାଁ ଧରୁନି। ପ୍ରତିଦିନ ୪୦ରୁ ୫୦ସ୍ଥାନରେ ନିଆଁ ଲାଗୁଥିବାରୁ ଶିମିଳିପାଳ ଜୈବ ମଣ୍ଡଳରେ ବ୍ୟାପକ କ୍ଷତି ଘଟିଚାଲିଛି। ସୋମବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ୨୦ଟି ସ୍ଥାନରେ ନିଆଁ ଜଳୁଥିଲା। ତେବେ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରି ନିଆଁ ଲଗାଉଥିବା ଲୋକମାନଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅପରପକ୍ଷରେ ଶିମିଳିପାଳ ଅଭୟାରଣ୍ୟରେ ହେଉଥିବା ବିଭିନ୍ନ କାର୍ଯ୍ୟରେ ଠିକା ଶ୍ରମିକମାନଙ୍କୁ ନିୟୋଜିତ ନ କରି ସୁରକ୍ଷା ଦାୟିତ୍ୱରେ ଥିବା ସବୁଜ ବାହିନୀ କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଇ ଅଧିକାରୀମାନେ ମାଲେମାଲ ହେଉଥିବା ଅଭିଯୋଗ ହେଉଛି। କାଠ ଚୋର ଓ ଶିକାରୀଙ୍କୁ ଜଗିବା ସହ ୩ମାସ ଧରି ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ନିଆଁ ଲାଗିରହିଥିବା ବେଳେ ଏହାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଥିବା ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଅଭିଯୋଗ କରିଛନ୍ତି। ଏନେଇ ସେ ଟୁଇଟ୍ ଯୋଗେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଜଙ୍ଗଲ ବିଭାଗ ଓ ମୟୂରଭଞ୍ଜ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ଅନୁଯାୟୀ, ଅଭୟାରଣ୍ୟର ଉତ୍ତର ଡିଭିଜନର ତାଳବନ୍ଧ, ଦୁଧିଆଣୀ, କେନ୍ଦୁମୁଣ୍ଡି ଓ ହାତୀବାରୀ ରେଞ୍ଜ ବଫର ଅଞ୍ଚଳର ୨୦ଟି ସ୍ଥାନରେ ନିଆଁ ଲାଗିଛି। ଗୋଟିଏ ପଟେ ଶିମିଳିପାଳକୁ ବନାଗ୍ନିରୁ ସୁରକ୍ଷା ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଅନ୍ୟ ପଟେ ମନ୍ଦ ଉଦ୍ଦେଶ୍ୟରେ ନିଆଁ ଲଗାଯାଉଛି। କେତେକ ସ୍ଥାନରେ ସ୍ଥାନୀୟ ଗ୍ରାମବାସୀ ଜଙ୍ଗଲ ମଧ୍ୟକୁ ଯାଇ ଫାୟାର ଲାଇନ କରିବା ସହ ଜଗିବା କାର୍ଯ୍ୟ ଜାରି ରଖିଛନ୍ତି। ତେବେ ବିଭାଗ ନିକଟରେ କର୍ମଚାରୀର ଅଭାବ ରହିଥିବା ନେଇ ଉପରିସ୍ଥ ଅଧିକାରୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ନୂତନ ନିଯୁକ୍ତି ସୃଷ୍ଟି କରାଯାଉ ନାହିଁ। ସେହିପରି ଅଭୟାରଣ୍ୟର ଉନ୍ନତିକରଣ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଲାଗି ହେଉଥିବା ରାସ୍ତାଘାଟ, ବୃକ୍ଷରୋପଣ, ଟ୍ରେଞ୍ଚ ଖୋଳିବା ଆଦି ବିଭିନ୍ନ କାର୍ଯ୍ୟରେ ସବୁଜ ବାହିନୀର କର୍ମଚାରୀଙ୍କୁ ନିୟୋଜିତ କରାଯାଉଛି। ଠିକାଦାରଙ୍କ ଲୋଭରେ ପଡ଼ି ଅଧିକାରୀମାନେ ଠିକା କର୍ମଚାରୀ ପ୍ରତିବଦଳରେ ସବୁଜ ବାହିନୀକୁ କାର୍ଯ୍ୟରେ ଲଗାଉଛନ୍ତି। ଏହା ଦ୍ୱାରା ଗୋଟିଏ ଦରମାରେ ଦୁଇଟି କାର୍ଯ୍ୟ କରୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

## ନାଚଗୀତରେ ସଚେତନତା

ବିଶୋଇ, ୧୩।୩(ଡି.ଏନ.ଏ.): ଶିମିଳିପାଳ ପାଦଦେଶରେ ଅବସ୍ଥିତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସରଗଡା ସେକ୍ସନର ଆଦିବାସୀ ବହୁଳ ସାନବାଣ୍ଡା ଗ୍ରାମରେ ନାଚଗୀତ ମାଧ୍ୟମରେ ଜଙ୍ଗଲ ନିଆଁ ରୋକିବା ଲାଗି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସରଗଡା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ପାରମ୍ପରିକ ବାଦ୍ୟନୃତ୍ୟ ସହିତ ସରଗଡା ସେକ୍ସନର ବନ କର୍ମଚାରୀ ଓ ସାନବାଣ୍ଡା ଗ୍ରାମର ବନ ସୁରକ୍ଷା ସମିତିର ସଦସ୍ୟଙ୍କ ସମେତ ଗ୍ରାମର ଶତାଧିକ ମହିଳା, ପୁରୁଷ ଏକତ୍ରିତ ହୋଇ 'ଜଙ୍ଗଲ


ଜଙ୍ଗଲ ସୁରକ୍ଷା ନେଇ ବନ କର୍ମଚାରୀ ଓ ଗ୍ରାମବାସୀ ଶପଥ ନେଉଛନ୍ତି।

ବଞ୍ଚିଲେ ଜୀବନ ବଞ୍ଚିବ' ବାର୍ତ୍ତା ଦେଇ ପଦଯାତ୍ରା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବନଖଣ୍ଡର ଏସିଏଫ୍ ନବୀନ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ ସମ୍ମାନୀୟ ଅତିଥି ଭାବେ ପରିବେଶବିତ ଲଳିତ ମହାନ୍ତ, ଆନ୍ତଃରାଜ୍ୟ ରିସର୍ଚ୍ଚ ପର୍ସନ ବିପିନ ପ୍ରଧାନ, ଶରଗଡା ସରପଞ୍ଚ ଶକୁନ୍ତଳା ମୁର୍ମୁ, ପଞ୍ଚାୟତ ସମିତି ସଦସ୍ୟ ରବୀନ୍ଦ୍ର ନାଥ ମୁଣ୍ଡା, ଗ୍ରାମ ମାଝୀ ବାବା ସୁନାରାମ ମୁର୍ମୁ, ବନସୁରକ୍ଷା ସମିତି ସଭାପତି କାଇଲା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀ ଶପଥ ନେଇଥିଲେ।

### ଟଙ୍କା ହେରଫେର ଘଟଣା

## ପୋଷ୍ଟମାଷ୍ଟର ଅଟକ, ଉତ୍ତେଜନା


ଅଟକ ପୋଷ୍ଟ ମାଷ୍ଟର ସୁନୀଲ ମିଶ୍ର।

ବାଲେଶ୍ୱର ଅଫିସ, ୧୩।୩-ବାଲେଶ୍ୱର ଜିଲା ରେମୁଣା ବ୍ଲକ ଆମ୍ବଡ଼ିହା ନିକଟ ବାହାଳ ପୋଷ୍ଟଅଫିସରେ ପୋଷ୍ଟମାଷ୍ଟର ସୁନୀଲ ମିଶ୍ର ଅଧକୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ନେଇ ଗ୍ରାହକମାନେ ପୋଷ୍ଟ ଅଫିସରେ ଅଟକ ରଖିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି। ପାଖାପାଖି ୧୦ଖଣ୍ଡ ଗାଁର ସେଭିଂ ଏବଂ ଫିକ୍ସ ଡିପୋଜିଟ ଟଙ୍କାକୁ ହେରଫେର କରିଥିବା ନେଇ ପୋଷ୍ଟମାଷ୍ଟର ମିଶ୍ରଙ୍କୁ ଘେରାବନ୍ଦୀ କରି ରଖିଛନ୍ତି। ବାହାଳ ପୋଷ୍ଟ ଅଫିସରେ ପାଖାପାଖି ୧୦ଖଣ୍ଡ ଗାଁ ନୂଆଁ ଗାଁ, ଖଜିରା, ସାଆନ୍ତା, ମର୍ଦ୍ଦରାଜପୁର, ଶାସନପଦା, ସୁନାମୁହିଁ, ଗଡ଼ିଆମାଳ, ଦିଖାପଦା, ନରହରିପୁର ଆଦି ଗାଁର ଲୋକେ ସେଭିଂ ଏବଂ ଫିକ୍ସ ଡିପୋଜିଟ ଟଙ୍କା ପୋଷ୍ଟମାଷ୍ଟରଙ୍କୁ ଖାତାରେ ଜମା କରିବା ପାଇଁ ଦେଇଥିଲେ। କିଛି ଦିନ ପରେ ଖାତାରେ ଟଙ୍କା ନ ଥିବା ଦେଖି ସନ୍ଦେହ ଉପୁଜିବାରୁ ଜମାକାରୀମାନେ କାର୍ଯ୍ୟାଳୟକୁ ଆସି ପଚାରିବାରୁ କିଛି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଯାହାକୁ ନେଇ ସୋମବାର ବାହାଳ ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟରଙ୍କୁ ଅଟକ ରଖିଥିଲେ।

### ସଂକ୍ଷେପରେ

## ଟାଟା ଏସିଇକୁ ପିଟିଲା ଟ୍ରକ୍ : ଜଣେ ମୃତ

ଜଳେଶ୍ୱର, ୧୩।୩(ଡି.ଏନ୍.ଏ.)-ତାଳସାରୀ ମେରାଇନ୍ ଥାନା ଅଧୀନ ବାଜିତ୍‌ପୁର ଗାଁର ନବୀନ କୁମାର ପାତ୍ର (୪୮) ଓ ସୁରେନ୍ଦ୍ର ପ୍ରଧାନ (୫୯) ଦୁଇଜଣ ଏକ ଟାଟା ଏସିଇ(ନଂ.ଡବ୍ଲ୍ୟୁବି୩୫-୧୪୬୧)ରେ ଏକ ଟ୍ରାନ୍ସଫର୍ମର ମରାମତି ସାରି ସୋମବାର ଅପରାହ୍ଣରେ ବାଲେଶ୍ୱରରୁ ନିଜ ଗାଁକୁ ଫେରୁଥିଲେ। ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅଧୀନ ମଧୁବନ ହୋଟେଲ ସମ୍ମୁଖରେ ଟାଟା ଏସିଇ ଛିଡା ହୋଇଥିବା ବେଳେ ପଛପଟୁ ଏକ ଅଜଣା ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ସେଥିରେ ଥିବା ନବୀନ ଓ ସୁରେନ୍ଦ୍ର ୨ଜଣ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଜିକେଭଟ୍ଟର ହସ୍‌ପିଟାଲକୁ ଚିକିତ୍ସା ଲାଗି ଆଣିଥିଲେ। ସେଠାରେ ସୁରେନ୍ଦ୍ର ପ୍ରଧାନ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ।

## ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

### ଜିଲା ଓକିଲ ସଂଘ ନିର୍ବାଚନ

ବାରିପଦା ଅଫିସ, ୧୩।୩-ମୟୂରଭଞ୍ଜ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆଗାମୀ ୨୫ତାରିଖରେ ଅନୁଷ୍ଠିତ ହେବ। ବିଭିନ୍ନ ପଦପଦବୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ସଭାପତି ପଦ ପାଇଁ ଦୁଇଜଣ ପ୍ରାର୍ଥୀ ପ୍ରଦୀପ କୁମାର ରଥ ଓ ପ୍ରବୀର କୁମାର ବସା, ଉପସଭାପତି ପଦ ପାଇଁ ସତ୍ୟବ୍ରତ ମହାନ୍ତି ଓ ସୁଜାତା ମିଶ୍ର, ସମ୍ପାଦକ ପଦ ପାଇଁ ବିପ୍ଳବ ବାରିକ ଓ ବୈଦ୍ୟନାଥ ସାହୁ, ଯୁଗ୍ମ ସମ୍ପାଦକ ପଦ ପାଇଁ ଜଣେ ମାତ୍ର ପ୍ରାର୍ଥୀ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ(ପ୍ରଶାସନ) ପଦ ପାଇଁ ୩ଜଣ ପ୍ରାର୍ଥୀ ପଙ୍କଜ କୁମାର ମହାକୁଡ, କୃଷ୍ଣଚନ୍ଦ୍ର ମହାନ୍ତି, ରାଜୀବ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ(ପାଠାଗାର) ପଦ ପାଇଁ ୨ଜଣ ପ୍ରାର୍ଥୀ ବବିତା କୁମାରୀ ବେହେରା ଓ ମୃତ୍ୟୁଞ୍ଜୟ ସିଂହ, କୋଷାଧ୍ୟକ୍ଷ ପଦ ପାଇଁ ୩ଜଣ ପ୍ରାର୍ଥୀ ଶାନ୍ତନୁ କୁମାର ପାଲ, ପଦ୍ମଲୋଚନ ମହାନ୍ତ ଓ ଅରବିନ୍ଦ ସାହୁ ଏବଂ ୮ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଅମର କୁମାର ତୋଷନିୱାଲ, ଅନୀଲ କୁମାର ବେହେରା, ଅଶୋକ କୁମାର ପଣ୍ଡା, ବିଜୟ କୁମାର ଦତ୍ତ, ଦେବରାଜ ମିଶ୍ର, ଦୁଷ୍ମନ୍ତ କୁମାର ଦାଶ, ଜ୍ଞାନରଞ୍ଜନ ଜେନା, କ୍ଷୀତିଶ ଚନ୍ଦ୍ର ମହାକୁଡ, ରାଜୀବ କୁମାର ମହାନ୍ତି, ସାଧୁ ମୁର୍ମୁ ଓ ସତ୍ୟବାନ ପାଲ୍ ରହିଥିବା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି।

## ଅଭିଯୁକ୍ତ ଲିଟୁଆ ଅଟକ

ବାହାନଗା, ୧୩।୩(ଡି.ଏନ୍.ଏ.)-ବାହାନଗା ବ୍ଲକ ଅଞ୍ଚଳରେ ଜେଲ ଫେରନ୍ତା ଲିଟୁଆ ଓରଫ୍ ଶଶିକାନ୍ତ ମଲିକଙ୍କୁ ଖନ୍ତାପଡା ଥାନା ପୋଲିସ ଅଟକ ରଖିଛି। ରବିବାର ବିଳମ୍ବିତ ରାତିରେ ପଣପଣା ପଞ୍ଚାୟତର ୧୨ନମ୍ବର ୱାର୍ଡ ରଘୁବୀରପଟଣା ଗ୍ରାମରେ ସେ ବୁଲାବୁଲି କରୁଥିବା ବେଳେ ସନ୍ଦେହରେ ଲୋକମାନେ କାବୁ କରି ଖନ୍ତାପଡା ଥାନା ପୋଲିସ୍‌କୁ ହସ୍ତାନ୍ତର କରିଥିଲେ। ତାଙ୍କ ସହିତ ଗ୍ରାମର ଦିଲୀପ ଯେନାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। କିଛି ଦିନ ଧରି ଘର ଭିତରେ ପଶି ସୁନାଗହଣା ଚୋରି ଓ ପାଣିମୋଟର ଚୋରି ହେଉଥିଲା। ବରିପଦାର ଗ୍ରାମର ଲିଟୁଆ ଅଧିକାଂଶ ସମୟ ସେହି ଗ୍ରାମକୁ ଯାଉଥିବା ଲୋକେ ଦେଖିଥିଲେ। ପଚରାଉଚୁରା ପରେ ମାମଲା ରୁଜୁ କରାଯିବ ବୋଲି ପୋଲିସ କହିଛି।

## ନାମ ସଂକୀର୍ତ୍ତନରେ ଜରଡ଼ା ପ୍ରକମ୍ପିତ

**କଣିହାଁ, ୧୩।୩(ଡି.ଏନ.ଏ.)**

କଣିହାଁ ବ୍ଲକର ଜରଡା, ଗହମ, କୁଲୁମା, ଚାଙ୍ଗୁଡିଆ ଆଦି ଗ୍ରାମରେ ରବିବାର ପଞ୍ଚଦୋଳ ଉତ୍ସବ ପାଳିତ ହୋଇଯାଇଛି। ବାଜା ବାଣ ପଟୁଆରରେ ରାଧାକୃଷ୍ଣ ବିମାନକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ଗ୍ରାମରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଅପେରା, ଦଣ୍ଡନୃତ୍ୟ ସହିତ ଅନ୍ୟାନ୍ୟ ବ୍ୟବସ୍ଥା ହୋଇଥିଲା। ଗହମଠାରେ ପଞ୍ଚଦୋଳକୁ ନେଇ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ସହିତ ଅନ୍ୟାନ୍ୟ



ନେତୃମଣ୍ଡଳୀ ଯୋଗଦାନ କରିଥିଲେ। ଜରଡା ଗ୍ରାମରେ ନାମ ସଂକୀର୍ତ୍ତନ ବ୍ୟବସ୍ଥାକୁ ନେଇ ୧୦ରୁ ଅଧିକ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ହରିନାମ ପରିବେଷଣରେ ଜରଡା ଗ୍ରାମ ଯାତ୍ରା ପଡିଆ ପ୍ରକମ୍ପିତ ହୋଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସହିତ ବହୁ ମାନ୍ୟଗଣ୍ୟ ଯୋଗ ଦେଇଥିଲେ। ଗ୍ରାମ ଯୁବ କମିଟି ପକ୍ଷରୁ ସହଯୋଗ କରାଯାଇଥିଲା।

## ଶ୍ୟାମାଚରଣପୁରରେ ପଞ୍ଚୁଦୋଳ

**ଢେଙ୍କାନାଳ ଅଫିସ, ୧୩।୩**

ଢେଙ୍କାନାଳ ପୌରାଞ୍ଚଳ ୱାର୍ଡ ନଂ-୧ ଅନ୍ତର୍ଗତ ଶ୍ୟାମାଚରଣପୁରଠାରେ ୧୩ତମ ପଞ୍ଚୁଦୋଳ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ଠାକୁର ବିମାନରେ ଯାତ୍ରାପଡିଆରେ ସମବେତ ହୋଇ ମେଳନ ଯାତ୍ରାରେ ଭକ୍ତମାନଙ୍କୁ ଯାତ୍ରା ମଣ୍ଡପରେ ଦର୍ଶନ ଦେଇଥିଲେ। ଏଥିରେ ଅଞ୍ଚଳର ସମସ୍ତ ପରିବାର ତଥା ଭକ୍ତବୃନ୍ଦ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଏକ ସଙ୍ଗୀତ ଆସର, ଲଉଡି ଖେଳ, ନାମ ସଂକୀର୍ତ୍ତନ, ପୂଜା ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉତ୍ସବ ଆୟୋଜନରେ ଆଞ୍ଚଳିକ ପରିଷଦର ସଭାପତି ଯୋଗୀନାଥ ମହାନ୍ତି, ସମ୍ପାଦକ ପ୍ରସନ୍ନ କୁମାର ସାହୁ, ସ୍ୱର୍ଣ୍ଣଭାନୁ ଦାସ, ଅରୁଣ ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ପଦ୍ମନାଭ ରାଉତ, ଯଶୋବନ୍ତ ମିଶ୍ର, ପ୍ରଫେସର ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।


## ନୂତନ ଗୃହ ପାଇଁ ଭୂମିପୂଜା


ଭୂମିପୂଜା ଉତ୍ସବକୁ ବିଧାୟକଙ୍କୁ ପାଛୋଟି ନିଆଯାଉଛି।

**ବଇଣ୍ଡା, ୧୩।୩ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ନୂତନ ଗୃହ ନିର୍ମାଣ ପାଇଁ ସୋମବାର ଭୂମିପୂଜା କରାଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭୂମିପୂଜା କରିଥିଲେ। ଅନ୍ୟତମ ଅତିଥି ଭାବେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ରାଉତ, ମନୋଜ ରାଉତ ଉପସ୍ଥିତ ଥିଲେ।

## ଥର୍ମାଲ ଡ୍ରୋନ କ୍ୟାମେରାରେ ହାତୀ



**କେନ୍ଦୁଝର, ୧୩।୩(ସ୍ୱ.ପ୍ର):** କେନ୍ଦୁଝର ଜିଲା ତେଲକୋଇ ଜଙ୍ଗଲରେ ବୁଲୁଥିବା ହାତୀମାନଙ୍କ ଫଟୋ ଥର୍ମାଲ ଡ୍ରୋନ୍ କ୍ୟାମେରାରେ କଏଦ ହୋଇଛି। ହାତୀଙ୍କ ଗତିବିଧି ରାତିରେ ନୀରିକ୍ଷଣ ପାଇଁ ବନ ବିଭାଗ ଥର୍ମାଲ ଡ୍ରୋନ କ୍ୟାମେରା ବ୍ୟବହାର କରୁଛି। ଏହା ଦ୍ୱାରା ଅନ୍ୟ ବନ୍ୟପ୍ରାଣୀଙ୍କ ଗତିବିଧି ମଧ୍ୟ ନିରୀକ୍ଷଣ କରାଯାଇପାରୁଛି। ଏଥିସହ ହାତୀମାନଙ୍କ ଦେହର ତାପମାତ୍ରା, ଅସୁସ୍ଥତା ମଧ୍ୟ ରାତ୍ରି ସମୟରେ ଜାଣି ହେଉଥିବା ଡିଏଫଓ ଏଚ୍‌ଡି ଧନରାଜ କହିଛନ୍ତି।

## ପଛଚକା ତଳେ ଲୁଚିଥିଲେ, ଚଢ଼ିଗଲା ଟ୍ରାକ୍ଟର

### ୩ବର୍ଷର ଶିଶୁ ମୃତ

ବାହାନଗା, ୧୩।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ବେଗୁନିଆ ଗ୍ରାମରେ ଘର ସାମ୍ନାରେ ଛିଡା ହୋଇଥିବା ଟ୍ରାକ୍ଟର ଚକତଳେ ଚାପି ହୋଇ ଟ୍ରାକ୍ଟର ମାଲିକଙ୍କ ୩ ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ହୋଇଛି। ସୋମବାର ରମେଶ ଚନ୍ଦ୍ର ବେହେରାଙ୍କ ଘର ଅଗଣାରେ ଛିଡା ହୋଇଥିବା ତାଙ୍କ ଟ୍ରାକ୍ଟର ନିକଟରେ ତାଙ୍କ ପୁଅ ଦିବ୍ୟାଂଶୁ ଖେଳୁଥିବା ବେଳେ କେତେବେଳେ ଟ୍ରାକ୍ଟର ପଛ ଚକାତଳେ ଲୁଚି ବସିଥିଲେ। ଡ୍ରାଇଭର ରମେଶ ତାହା ଜାଣି ନ ପାରି ଟ୍ରାକ୍ଟର ଷ୍ଟାର୍ଟ କରି ଗାଡିକୁ ବ୍ରେକ୍ କରିବା ସମୟରେ ଦିବ୍ୟାଂଶୁ ଉପରେ ଚକ ଚଢ଼ିଯାଇଥିଲା। ଫଳରେ ତାର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ନେଇ ଗ୍ରାମର ଶୋକର ଛାୟା ଖେଳିଯାଇଛି।

## ରାଜପଥରେ ଜଳିଗଲା ଟ୍ରେଲର

**ଢେଙ୍କାନାଳ ଅଫିସ, ୧୩।୩**

୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ହିନ୍ଦୋଳ ରୋଡ ଫାଣ୍ଡି ଗୁଣ୍ଡୁଦେଇ ଠାରେ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ଏକ ଚଳନ୍ତା ଟ୍ରେଲରରେ ହଠାତ୍ ନିଆଁ ଲାଗି ଯାଇଥିଲା। ଖବରପାଇ ହିନ୍ଦୋଳ ରୋଡରୁ ଅଗ୍ନିଶମ ସେବା ସଂସ୍ଥା ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜପଥ ଉପରେ ଟ୍ରେଲରଟି ଜଳିଯାଉଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ନିଆଁ ଲିଭିବା ପରେ ରାଜପଥରେ ଅଟକି ରହିଥିା ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଟ୍ରେଲରଟି ପାରାଦୀପ ଅଭିମୁଖେ ଯାଉଥିଲା ବୋଲି ଜଣାପଡିଛି।

## ଦମ୍ପତିଙ୍କ ନାମରେ ମାମଲା, ସ୍ୱାମୀ ଗିରଫ

### ବ୍ୟାଙ୍କରୁ ୩୭ ଲକ୍ଷ ଠକେଇ ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୩।୩**

ଢେଙ୍କାନାଳ ସହରସ୍ଥିତ ଏକ ବ୍ୟାଙ୍କରେ ଥିବା ଟାଉନ ପ୍ଲାନିଂ ଅଞ୍ଚଳର ଶୁକଦେବ ନାୟକଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଚଞ୍ଚକତା କରି ଭାଙ୍ଗି ୩୭ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ଘଟଣାରେ କଟକ ଜିଲା ଆଠଗଡ ଥାନା ଅଞ୍ଚଳର ମନୋଜ କୁମାର ସାହୁ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଢେଙ୍କାନାଳ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ କରି ଅଭିଯୁକ୍ତ ମନୋଜଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବାରୁ ତାଙ୍କୁ ଗିରଫ କରାଯାଇ ନ ଥିବା ଜଣାପଡିଛି।

ପୋଲିସ କହିଛି, ମନୋଜଙ୍କ ସ୍ତ୍ରୀ ପୂର୍ବରୁ ଢେଙ୍କାନାଳର ଉକ୍ତ ବ୍ୟାଙ୍କ ଶାଖାରେ ସହକାରୀ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସେ ଆଉ ଉକ୍ତ ପଦବୀରେ ନାହାନ୍ତି। ସେହି ବ୍ୟାଙ୍କରେ ଶୁକଦେବ ନାୟକଙ୍କ ୩୭ ଲକ୍ଷ ଟଙ୍କା ଫିକ୍ସଡ୍ ଡିପୋଜିଟ୍ ରହିଥିଲା। ଏହି ଫିକ୍ସଡ୍ ଡିପୋଜିଟକୁ ଭାଙ୍ଗି ମନୋଜ ଓ ତାଙ୍କ ସ୍ତ୍ରୀ ୩୭ ଲକ୍ଷ ଟଙ୍କା ନେଇଯାଇଥିଲେ। ଏଥିସହିତ ଅନ୍‌ଲାଇନରେ ମଧ୍ୟ ଠକେଇ କରି ୩୦ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏହି ଋଣ ବାବଦକୁ ୨୬ଲକ୍ଷ ଟଙ୍କା ଶୁଝିବା ପରେ ୨ମାସ ହେଲା ଉଭୟଙ୍କ ପତ୍ତା ମିଳୁ ନ ଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୩୮।୨୩ରେ ମାମଲା ରୁଜୁ କରାଯାଇଛି।

## ହଂସଧ୍ୱନି ଉତ୍ସବ ଉଦ୍‌ଯାପିତ


ଉତ୍ସବରେ ଉପସ୍ଥିତ ଅତିଥି।

**ବାସୁଦେବପୁର, ୧୩।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର କମାରଗାଁସ୍ଥିତ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ୨ଦିନ ବ୍ୟାପୀ ୩ୟ ବାର୍ଷିକ ହଂସଧ୍ୱନି ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବରେଣ୍ୟ ଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଉପଜିଲାପାଳ ମନୋଜ କୁମାର ପାତ୍ର, ସାମାଜିକ କର୍ମୀ ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ମନ୍ମଥ ଅଗସ୍ତି। ଇଂ. ଶ୍ରୀନିବାସ ଖଟୁଆରୀ ମଞ୍ଚ ସଂଯୋଜନା କରିଥିଲେ। ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ 'ଧ୍ରୁବଚରଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦ୍‌ଘାଟକ, ବାଦଲ ସିକ୍‌ଦାର ମୁଖ୍ୟଅତିଥି, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ ଅନ୍ୟତମ ଅତିଥି ଓ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସୁଜାତା ମହାପାତ୍ର, ଗୁରୁ ନିତ୍ୟାନନ୍ଦ ଦାସ, ମାରିଆ ଲୋରେନ ଲିୟନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦିବ୍ୟାଙ୍ଗ ଆଇଇଭିଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

**କେନ୍ଦୁଝର, ୧୩।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବିଭିନ୍ନ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଦିବ୍ୟାଙ୍ଗ ଅନ୍ତେବାସୀ ଶିକ୍ଷା ସ୍ୱେଚ୍ଛାସେବୀ(ଆଇଇଭି) ଭାବରେ ଦୀର୍ଘ ୧୧ ବର୍ଷ ଧରି କାମ କରିଆସୁଥିବା ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ହୋଇଛି। ଏନେଇ ଜିଲାପାଳଙ୍କ ଜରିଆରେ ସ୍ୱେଚ୍ଛାସେବୀମାନେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ ଦିନ ଦୁଇଟି ଦିବ୍ୟାଙ୍ଗ ପିଲାଙ୍କ ଘରକୁ ଯାଇ ଶିକ୍ଷାଦାନ କରିବା ସହ ଦୁଇଟି ବିଦ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ପିଲାଙ୍କୁ ସାଧାରଣ ପିଲାଙ୍କ ସହିତ ଶିକ୍ଷାଦାନ କରିଆସୁଛନ୍ତି। ସେମାନେ ନିଜେ ଦିବ୍ୟାଙ୍ଗ ଥାଇ ମଧ୍ୟ ପ୍ରତ୍ୟେକ ଦିନ ଆଖପାଖ ୪/୫ ପଞ୍ଚାୟତର ବିଭିନ୍ନ ସ୍କୁଲକୁ ଯାଇ ଶିକ୍ଷାଦାନ କରୁଛନ୍ତି। କିନ୍ତୁ ଦୀର୍ଘ ବର୍ଷ ଧରି ନିରନ୍ତର



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିବ୍ୟାଙ୍ଗ ଶିକ୍ଷକ।

ଶିକ୍ଷାଦାନ କରି ଆସୁଥିଲେ ହେଁ ସେମାନଙ୍କୁ ସ୍ଥାୟୀ କରାଯାଉ ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ମାସିକ ମାତ୍ର ୪୭୬୦ ଟଙ୍କା ପାରିତୋଷିକ ମିଳୁଥିବା ସତ୍ତ୍ୱେ ୬ ମାସରେ ଥରେ ପ୍ରଦାନ କରାଯାଉଛି। ନିୟମିତ କରିବା ପରିବର୍ତ୍ତେ ପ୍ରତ୍ୟେକ ବର୍ଷ ଗୋଟିଏ ଦିନ ଛଟେଇ କରି ପୁଣି କାମ ଦେଇ ସରକାର ନିୟମିତ ଚାକିରିରୁ ବଞ୍ଚିତ କରୁଥିବା ନିରଞ୍ଜନ ବେଜ, ନୃସିଂହ ଚରଣ ଜେନା, ମହାଦେବ ସାହୁ ସମେତ ଅନ୍ୟମାନେ କହିଛନ୍ତି। ଯଦି ସେମାନଙ୍କୁ ଅବହେଳା କରାଯାଏ ତେବେ ବିଧାନସଭା ସମୟରେ ରାଜରାସ୍ତାରେ ଧାରଣା ଦେବାକୁ ବାଧ ହେବେ ବୋଲି କହିଛନ୍ତି।

## ୩ ନାମାଙ୍କନପତ୍ର ଦାଖଲ

### ହିନ୍ଦୋଳ ଏନ୍‌ଏସି ନିର୍ବାଚନ

**ହିନ୍ଦୋଳ, ୧୩।୩ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ନିର୍ବାଚନ ନିମନ୍ତେ ଚାଲିଥିବା ନାମାଙ୍କନପତ୍ର ଦାଖଲର ୫ମ ଦିନରେ ସୋମବାର ଭାଜପା ସମର୍ଥିତ ୩ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୱାର୍ଡ ନଂ. ୫ ପାଇଁ ଦୀପକ ରଞ୍ଜନ ବିଶ୍ୱାଳ, ୱାର୍ଡ ନଂ. ୮ ପାଇଁ ଗୋଲାପ ମହମ୍ମଦ ଓ ୱାର୍ଡ ନଂ. ୯ ପାଇଁ କାର୍ତ୍ତିକ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଉକ୍ତ ପ୍ରାର୍ଥିପତ୍ର ଗ୍ରହଣ କରିଥିଲେ। ଏହି ପ୍ରାର୍ଥିପତ୍ର ଦାଖଲ ସମୟରେ ଭାଜପା ନେତ୍ରୀ ଅଞ୍ଜଳି ବେହେରା ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଥିବାରୁ ଆଶାୟୀମାନେ ଦଳୀୟ ଟିକେଟ ପାଇଁ ଜୋର୍‌ଦାର ଲବି କରୁଥିବା ଦେଖାଯାଉଛି।



## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ମହିଳା ଗିରଫ

**ଅନୁଗୋଳ ଅଫିସ, ୧୩।୩:** ଅନୁଗୋଳ ଜିଲା ତାଳଚେର ପୋଲିସକୁ ସଫଳତା ମିଳିଛି। ତାଳଚେର ପୌରପାଳିକା ୧୨ନଂ. ୱାର୍ଡ ରେମୁଆଁ ମୁଣ୍ଡାସାହିରେ ବ୍ରାଉନସୁଗାର ବିକ୍ରି ସମୟରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସମ୍ପୃକ୍ତ ମାଷ୍ଟର ମାଇଣ୍ଡ ମହିଳା ହେଲେ ରେଙ୍ଗାଳି ଡ୍ୟାମ ସାଇଟ୍ ଥାନା ଅଞ୍ଚଳ ଖୃଣ୍ଡୋ ଗ୍ରାମର ଅବଳା ନାଏକ(୩୫)। ତାଙ୍କ ନିକଟରୁ ୯.୩୩ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ତେବେ ଅବଳାଙ୍କୁ ସହଯୋଗ କରୁଥିବା ଅନ୍ୟ ୨ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ପୋଲିସ ୨ଟି ମୋଟରସାଇକେଲ ଜବତ କରିଛି। ପୋଲିସ କହିଛି, ତାଳଚେର ଥାନାର ଏସ୍‌ଆଇ ବିପ୍ଳବ ସାହୁ ପାଟ୍ରୋଲିଂ କରୁଥିବା ସମୟରେ ମୁଣ୍ଡାସାହିରେ ବ୍ରାଉନସୁଗାର ବ୍ୟବସାୟ ଚାଲିଥିବା ସୂଚନା ପାଇ ଚଢ଼ାଉ କରିଥିଲେ। ଏହି ବ୍ୟବସାୟ କରୁଥିବା ମହିଳା ଜଣଙ୍କ ପୋଲିସକୁ ଦେଖି ବ୍ରାଉନସୁଗାର ଲୁଚାଇ ଦେଇଥିଲେ। ନିକଟରେ ଥିବା ୨ ସହଯୋଗୀ ଚମ୍ପଟ ମାରିଥିଲେ। ମାଜିଷ୍ଟ୍ରେଟ୍ ଭାବେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆଶିଷ୍ଟାଣ୍ଟ କଲେକ୍ଟର ପ୍ରତିଭା ପ୍ରିୟଦର୍ଶନୀଙ୍କ ଉପସ୍ଥିତିରେ ଜବତ ବ୍ରାଉନସୁଗାର ଓଜନ କରାଯିବା ପରେ ଗିରଫ ଅବଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ପ୍ରଦାନ କରିଛି।

# ଆଲୋକମାଳାରେ ସଜ୍ଜିତ ହେବ ସହର

### ଓଡ଼ିଶା ଦିବସ, ଜିଲା ପ୍ରତିଷ୍ଠା ଦିବସ ବୈଠକ

**ଅନୁଗୋଳ ଅଫିସ, ୧୩।୩**

ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ସହର ପରିକ୍ରମା କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି କରାଯିବ। ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଓ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଓଡ଼ିଶା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଚଳିତମାସ ୨୭ ତାରିଖରୁ ଆରମ୍ଭ ହେବ। ରକ୍ତଭଣ୍ଡାର ଓ ପତଞ୍ଜଳି ଯୋଗ ସମିତି ଦ୍ୱାରା ରକ୍ତଦାନ ଶିବିର ଆୟୋଜନ କରାଯିବ। ସନ୍ଧ୍ୟାରେ ସଭାଘର ଠାରେ ସାଧାରଣ ସଭା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ପରେ ଜିଲା ସଂସ୍କୃତି ପରଷଦ ଆନୁକୂଲ୍ୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।




ବୈଠକ ଆରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଗତ ବର୍ଷ ବିବରଣୀ ପାଠ କରିଥିଲେ। ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ଗୋଟିଏ ଦିନରେ ପଡୁଥିବାରୁ ବିଭିନ୍ନ କୋଠାବାଡ଼ିକୁ ସମ୍ପୃକ୍ତ ଅନୁଷ୍ଠାନ କର୍ମକର୍ତ୍ତାମାନେ ଆଲୋକମାଳାରେ ସଜାଇ ପାଳନ କରିବେ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସାମାଜିକ କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ, ଖବରଦାତା, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ସଂସ୍କୃତି ଅଧିକାରୀଙ୍କୁ ଦେଖିବାକୁ ମିଳିଲାନି

**ଅନୁଗୋଳ ଅଫିସ, ୧୩।୩**

ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ଧୁମ୍‌ଧାମ୍‌ରେ ପାଳନ କରିବାକୁ ଜିଲା ପ୍ରଶାସନ ଅଣ୍ଟା ଭିଡ଼ିଥିବା ବେଳେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ଏହି ବୈଠକରେ ସଂସ୍କୃତି ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରି କି ତାଙ୍କ ବିଭାଗର କୌଣସି କର୍ମଚାରୀ ଉପସ୍ଥିତ ନ ଥିଲେ। ଏହାକୁ ନେଇ ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କେବଳ ଏହି ଗୋଟିଏ ବୈଠକ ନୁହେଁ, ଅନେକ ସମୟରେ ବସୁଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ କେତୋଟି ବିଭାଗର ଅଧିକାରୀଙ୍କୁ ଦେଖିବାକୁ ମିଳୁନାହିଁ। ବୈଠକ ସମ୍ପର୍କରେ ପୂର୍ବରୁ ଅବଗତ କରାଯାଉଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀମାନେ ଆସୁ ନ ଥିବାରୁ ଦାୟିତ୍ୱ ବଣ୍ଟନ ସମୟରେ ପ୍ରଶାସନ ହରଡ଼ଘଣାରେ ପଡୁଛି। ଘଟଣା ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାଶ ଚନ୍ଦ୍ର ବେହେରା କହିଛନ୍ତି, ଗତ ୬ ତାରିଖରେ ଜିଲାପାଳଙ୍କ ନିକଟରେ ଚିଠି ଦସ୍ତଖତ ହୋଇଥିଲା। ୧୩ ତାରିଖରେ ବୈଠକ ହେବ ବୋଲି ଚୂଡ଼ାନ୍ତ କରାଯାଇଥିଲା। ଏ ନେଇ ପ୍ରତି ବିଭାଗକୁ ଚିଠି ପଠାଯାଇଥିଲା। ଏପରି କି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଥିବା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ କହିଛନ୍ତି, ସେ ଛୁଟିରେ ଅଛନ୍ତି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିନ୍ତି, ଏଣିକି ସମସ୍ତ ଅଧିକାରୀଙ୍କୁ ଜିଲାସ୍ତରୀୟ ବୈଠକରେ ଯୋଗଦେବାକୁ କୁହାଯିବ। ଆଗକୁ ଯେଭଳି ଏହା ନ ଘଟେ ସେଥିପ୍ରତି ଦୃଷ୍ଟି ଦିଆଯିବ।

# ୧୫୦ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୧୩।୩**

ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଓ ଢେଙ୍କାନାଳ ଜିଲା ଉପସଭାପତି ଆଶୁତୋଷ କରଙ୍କ ତତ୍ତ୍ୱାବଧାନରେ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଓ ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ସୁରଜ ମହାପାତ୍ରଙ୍କ ନେତୃତ୍ୱରେ ଢେଙ୍କାନାଳ ରକ୍ତଭଣ୍ଡାରଠାରେ ୧୨ ଓ ୧୩ ତାରିଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବାରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲା ସଭାପତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଓଡ଼ିଶା ମୋ ପରିବାର ଇନଚାର୍ଜ ତଥା ବିଧାୟକ ସୁଧୀର କୁମାର ସାମଲ, ଏମ୍‌ପି ମହେଶ ସାହୁ ପ୍ରମୁଖଙ୍କ ପରାମର୍ଶ କ୍ରମେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଓମ୍ ପ୍ରକାଶ ନାୟକ, ରଞ୍ଜନ କୁମାର ସାହୁ, ଅମିତ ସାହୁ, ଅଭିଜିତ ମହାପାତ୍ର, ସୁବ୍ରତ ଦାସ, ସନ୍ତୋଷ ସେଠୀ, ଧନଞ୍ଜୟ ମଲ୍ଲିକ, ଅରୁଣ ନାୟକ, ଓମ୍‌କାର ପାଣ୍ଡେ, ଶିବୁ ଦାସ, ସୌମ୍ୟରଞ୍ଜନ ସାହୁ, ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିବାବେଳେ ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପକ୍ଷରୁ ଡା. ଜୟନାରାୟଣ ପାଢୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ଭୀମସେନ ବେହେରା, ତପନ ଜେନା ଓ ବରୁଣ ସାହୁ ପ୍ରମୁଖ ଶିବିରରେ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ପ୍ରଦୂଷଣ ବୃଦ୍ଧି ପ୍ରତିବାଦରେ ଧାରଣା

**କାମାକ୍ଷାନଗର, ୧୩।୩ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଁଳାବେରେଣୀସ୍ଥିତ ନାଚୁରାଲ ରାଇସ ମିଲ ସମ୍ମୁଖରେ ସୋମବାର ଗ୍ରାମବାସୀ ଧାରଣା ଦେଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗ୍ରାମ ନିକଟରେ ଥିବା ଏହି ରାଇସ ମିଲରୁ ଦୀର୍ଘ ଦିନ ହେବ ବାହାରୁଥିବା ବର୍ଜ୍ୟବସ୍ତୁ ପାଇଁ ଚାଷ ଜମି ନଷ୍ଟ ହେବା ସହିତ ଦୂଷିତ ଧୂଆଁ ଯୋଗୁ ଗ୍ରାମର ଲୋକମାନେ ରୋଗାକ୍ରାନ୍ତ ହେଉଛନ୍ତି। ଗ୍ରାମ ରାସ୍ତାରେ ରାଇସ ମିଲର ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଶୀଘ୍ର ନଷ୍ଟ ହେବା ସହ ଯାତାୟାତରେ ବାଧା ଉପୁଜୁଛି। ଏ ନେଇ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ମିଲ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧ ହୋଇ ଗ୍ରାମବାସୀ ମିଲ ସମ୍ମୁଖରେ ଧାରଣା ଦେଇଛନ୍ତି। ଦୀର୍ଘ ସମୟ ଧାରଣାରେ ବସିବା ପରେ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା ଜାରି ରଖିଛି। ଏ ନେଇ ଅଁଳାବେରେଣୀ ସରପଞ୍ଚ ଉପଜିଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ଖୁବ୍‌ଶୀଘ୍ର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ କହିଛନ୍ତି।



ରାଇସ୍ ମିଲ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

# ବିଶ୍ୱବିଦ୍ୟାଳୟ ଟିମ୍‌ରେ ଢେଙ୍କାନାଳର ୨ ଖେଳାଳି



ଢେଙ୍କାନାଳର ଦୁଇ ଖେଳାଳି।

**ଢେଙ୍କାନାଳ ଅଫିସ, ୧୩।୩**

ଆସନ୍ତା ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଯାଉଁପୁର ବାହାଦୁର ସିଂ ପୂର୍ବାଞ୍ଚଳ ବିଶ୍ୱ ବିଦ୍ୟାଳୟଠାରେ 'ଅଲ୍ ଇଣ୍ଡିଆ ଇନ୍ତାର ବିଶ୍ୱ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ (ପୁରୁଷ ଓ ମହିଳା) ପ୍ରତିଯୋଗିତା-୨୦୨୩' ଅନୁଷ୍ଠିତ ହେବ। ଉତ୍କଳ ବିଶ୍ୱବିଦ୍ୟାଳୟ ଟିମ୍‌ରେ କୋଚ୍ ରିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ୯ଜଣ ପୁରୁଷ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଢେଙ୍କାନାଳରୁ ୨ଜଣ ଖେଳାଳି ହିନ୍ଦୋଳ ବ୍ଲକ ସାତମାଇଲ ଜନତା ମହାବିଦ୍ୟାଳୟର +୩ ତୃତୀୟ ବର୍ଷର ସୁଚିଲ୍ କୁମାର ରାଉତ ୫୭ କେଜି ବର୍ଗରେ ଓ +୩ ପ୍ରଥମ ବର୍ଷର ସୁଧାନ୍ଦ୍ରନାଥ ପଟ୍ଟନାୟକ ୮୫ କେଜି ବର୍ଗରେ ସାମିଲ୍ ଅଛନ୍ତି। ସେମାନଙ୍କ ସଫଳତା କାମନା କରି ଢେଙ୍କାନାଳ ଜିଲା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ତଥା ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ୮ ବ୍ଲକର ସମସ୍ୟା ସମ୍ପର୍କରେ ଆଲୋଚନା




ବୈଠକରେ ଯୋଗଦେଇଥିବା ସଂଘ ସଦସ୍ୟମାନେ।

### ଗ୍ରାମ୍ୟ ସମ୍ବଳ କର୍ମୀ ସଂଘ ବୈଠକ

**ଢେଙ୍କାନାଳ ଅଫିସ, ୧୩।୩**

ଢେଙ୍କାନାଳ ସହରସ୍ଥିତ ବଳରାମ ମନ୍ଦିର ପ୍ରାଙ୍ଗଣରେ ଜିଲା ଗ୍ରାମ୍ୟ ସମ୍ବଳ କର୍ମୀ ସଂଘ ସଭାନେତ୍ରୀ ସୁଲୋଚନା ସାହୁଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ତୃତୀୟ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ୮ଗୋଟି ବ୍ଲକର ସମସ୍ତ ସଭାନେତ୍ରୀ ଓ ସମ୍ପାଦିକା, ଜିଲା ସମ୍ପାଦିକା, ଉପସଭାନେତ୍ରୀ ରଶ୍ମିତା ସାହୁ, ସହ ସମ୍ପାଦିକା ମମତା ଭଞ୍ଜ, କୋଷାଧ୍ୟକ୍ଷା ସସ୍ମିତା ନାୟକ, ସଦର ବ୍ଲକର ସମ୍ପାଦିକା ରଶ୍ମିତା ବେହେରା, ସଭାନେତ୍ରୀ ସସ୍ମିତା ଦାସ, ଗଁଦିଆ ବ୍ଲକର ସମ୍ପାଦିକା ଦେବକୀ ମଲ୍ଲିକ, ସଭାନେତ୍ରୀ ମମତା ଦେହୁରୀ, ଓଡ଼ାପଡ଼ା ବ୍ଲକ ସମ୍ପାଦିକା ସସ୍ମିତା ସାହୁ, ସଭାନେତ୍ରୀ କୁମୁଦିନି ସାମଲ, ହିନ୍ଦୋଳ ବ୍ଲକ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର, ସଭାନେତ୍ରୀ ଶକୁନ୍ତଳା ଅମାନ୍ତ, କଙ୍କଡ଼ାହାଡ଼ ବ୍ଲକ ସମ୍ପାଦିକା ଝୁନ୍‌ଝୁନ୍ ପଣ୍ଡା, ସଭାନେତ୍ରୀ ତୁଳସୀ ମହାରଣା, ଭୁବନ ବ୍ଲକ ସମ୍ପାଦିକା ଟିଲି ପରିଡା, ସଭାନେତ୍ରୀ ଖୁଲଣା ପରିଡା, ପରଜଙ୍ଗ ବ୍ଲକ ସମ୍ପାଦିକା ସବିତା ବେହେରା, ସଭାନେତ୍ରୀ ସସ୍ମିତା ପାଣି, କାମାକ୍ଷାନଗରର ଅଞ୍ଜଳି ବାରିକ, ସଭାନେତ୍ରୀ ମଞ୍ଜୁ ମହାନ୍ତି ଯୋଗଦାନ କରିଥିଲେ। ବୈଠକରେ ୮ଟି ବ୍ଲକର ଭିଆର୍‌ପିମାନଙ୍କ ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ବ୍ଲକସ୍ତରୀୟ ସଂଘଗୁଡ଼ିକୁ ଆହୁରି ମଜଭୁତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରାମର୍ଶଦାତା ଭାବରେ ରବୀନ୍ଦ୍ର ବେହେରା ଉପସ୍ଥିତ ରହି ପରାମର୍ଶ ପ୍ରଦାନ କରିଥିଲେ। ଶେଷରେ ସହ ସଭାନେତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# ନୂତନ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

**କଣିହାଁ, ୧୩।୩(ଡି.ଏନ.ଏ.)**

କଣିହାଁ ବ୍ଲକ ସାନତ୍ରିବିଡ଼ା ପଞ୍ଚାୟତ ଚନ୍ଦ୍ରବିଲ ଗ୍ରାମ ନାଏକ ସାହିରେ ସୋମବାର ନୂତନ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ସାନତ୍ରିବିଡା ସରପଞ୍ଚ ସୁଜାତା ପ୍ରଧାନ, ସହକାରୀ ଯନ୍ତ୍ରୀ ଲିସା ମାରାଣ୍ଡି ଓ ଅନ୍ୟତମ ଅତିଥି ଭାବେ ୯ ନଂ. ଜୋନ କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ, ବିଜେଡି ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ପ୍ରଧାନ, ଗ୍ରାମ ସଭାପତି ବିଜୟ ବେହେରା ଓ ନାଏକ ସାହି ସଭାପତି ଆର୍ତ୍ତତ୍ରାଣ ନାଏକ ଯୋଗ ଦେଇଥିଲେ। ଆଗାମୀଦିନରେ ଏହି ଗ୍ରାମରେ ସଂଗ୍ରାମୀ ବିକା ନାଏକଙ୍କ ସ୍ମୃତିସ୍ତମ୍ଭ କରାଯିବ ବୋଲି ଅତିଥିମାନେ କହିଥିଲେ। ଯୁବନେତା ଟିକନ ବେହେରା, ରୋହିତ ନାଏକ, ଦୁଷ୍ମନ୍ତ ବେହେରା, ପ୍ରଦୀପ ବେହେରା, ବିଶ୍ୱନାଥ ନାଏକ, ପିଙ୍କୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜକିଶୋର ନାଏକ ସହଯୋଗ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**କାମାକ୍ଷାନଗର, ୧୩।୩(ଡି.ଏନ.ଏ.)**

ଭୁବନ ବ୍ଲକ ବାଲିବୋ ଅଞ୍ଚଳର ଖବରଦାତା ରବିନ ଦାସଙ୍କ ବିରୋଧରେ ଭୁବନ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ପ୍ରତି ଭୁବନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ତାଚ୍ଛଲ୍ୟ କରିବା ଏବଂ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ରାସ୍ତାରେ ଚଲାଇ ଚଲାଇ ନେବା ସହ ଫଟୋ ଉଠାଇ ଲଜ୍ଜିତ କରିବା ପ୍ରତିବାଦରେ ଭୁବନ ଖବରଦାତାଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଏ ନେଇ ଜିଲା ସାମ୍ବାଦିକ ସଂଘକୁ ସୂଚନା ଦିଆଯିବା ପରେ ସୋମବାର ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, କାମାକ୍ଷାନଗର ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ଏକ ଦାବିପତ୍ର କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କୁ ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲା ସାଧାରଣ ସମ୍ପାଦକ ଦାସ ପ୍ରକାଶ କରିଛନ୍ତି। ସେହିପରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



# ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୧୩।୩**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ବିଭାଗର ଛାତ୍ରୀଛାତ୍ରମାନେ ଗତ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାର ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଭ୍ରମଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଓ ବିଭାଗୀୟ ସଂଯୋଜକ ଡ. ଅନିରୁଦ୍ଧ ଖିଲାର ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ ଓ ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟାପିକା ରୋଜାଲିନ ବେହେରା, ସନ୍ତୋଷ କୁମାର ନନ୍ଦଙ୍କ ସହାୟତାରେ ବିଶାଖାପାଟଣାରେ ଥିବା ଏଚ୍‌ପିସିଏଲ୍, ଭାଇଜାଗ୍ ଷ୍ଟିଲ ପ୍ଲାଣ୍ଟ, ଏନ୍‌ଟିପିସି, ହିନ୍ଦୁସ୍ଥାନ ଶିପ୍‌ୟାର୍ଡ ଆଦି ପରିଭ୍ରମଣ କରି ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲେ। ଏହି ପରିଭ୍ରମଣ ସମୟରେ ଶିଳ୍ପାନୁଷ୍ଠାନର ଅଧିକାରୀ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଆଲୋଚନା ହୋଇଥିଲା। ଏଥିସହିତ ଛାତ୍ରୀଛାତ୍ରମାନେ ବୋରାକେଭ୍, କୈଳାସଗିରି, ସୀମାଞ୍ଚଳମ, ମ୍ୟୁଜିୟମ୍, ପାର୍କ ଓ ସମୁଦ୍ର ବେଳାଭୂମି ଆଦି ଦର୍ଶନୀୟ ସ୍ଥାନ ବୁଲି ଦେଖିଥିଲେ। ବିଭାଗୀୟ ଅଧ୍ୟାପିକା ମାନସୀ ରଥ, ଇନ୍ଦିରା ପ୍ରିୟଦର୍ଶିନୀ ଓ ଅଧ୍ୟାପକ ସୁଶାନ୍ତ କୁମାର ପାଳ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କ ପରିଭ୍ରମଣ ଓ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି।




ଛାତ୍ରୀଛାତ୍ରମାନେ ବିଶାଖାପାଟଣାର ଶିଳ୍ପାନୁଷ୍ଠାନ ପରିଭ୍ରମଣ କରୁଛନ୍ତି।

# ଆଦିବାସୀ ଛାତ୍ରୀଛାତ୍ରଙ୍କୁ ତୀରନ୍ଦାଜୀ ପ୍ରଶିକ୍ଷଣ ଦିଆଯିବ



ତୀରନ୍ଦାଜ ସଂଘର କାର୍ଯ୍ୟକାରୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୩।୩**

ଢେଙ୍କାନାଳ ଜିଲା ତୀରନ୍ଦାଜ ସଂଘ କାର୍ଯ୍ୟକାରୀ ବୈଠକ ରବିବାର ସହରସ୍ଥିତ ଗାନ୍ଧୀମନ୍ଦିର ରୋଡସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ଜିଲାର ଆଦିବାସୀ ଅଞ୍ଚଳର ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ତୀରନ୍ଦାଜୀ କ୍ରୀଡ଼ା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବା ପାଇଁ ଏଥିରେ ନିଷ୍ପତ୍ତି ହୋଇଥିଲା। ଅତୀତରେ ଜିଲାର ତୀରନ୍ଦାଜମାନେ ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବାରୁ ଢେଙ୍କାନାଳରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଜିଲାର କ୍ରୀଡ଼ା ଶିକ୍ଷକ, ସଙ୍ଗଠକ ଓ କ୍ରୀଡାବିତ୍‌ମାନଙ୍କୁ ସଂଘରେ ଜଡିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହେଇଥିଲା। ଢେଙ୍କାନାଳ ଷ୍ଟାଡିୟମଠାରେ ସଫଳତାର ସହ ଅନୁଷ୍ଠିତ ହୋଇଥିବା ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ସଂଘ ପକ୍ଷରୁ ସମସ୍ତ କର୍ମକର୍ତ୍ତା, ରାଜ୍ୟ କର୍ମକର୍ତ୍ତା ଓ ପୃଷ୍ଠପୋଷକମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମ୍ପାଦକ ଅମୀୟ କୁମାର ଚାନ୍ଦ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଉପସଭାପତି ପ୍ରତାପ କୁମାର ବରାଳ ଓ ରାଜକିଶୋର ବେହେରା, ପରିଚାଳନା ସମ୍ପାଦକ ଟଙ୍କଧର ବେହେରା, ହେମନ୍ତ କୁମାର ଖଟୁଆ, ରାମକୃଷ୍ଣ ବେହେରା, ଜୟନ୍ତୀ ବେହେରା, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ସତ୍ୟେନ୍ଦ୍ର ବର୍ମା, ସୌମ୍ୟବ୍ରତ ସାହୁ, ପଦ୍ମଲୋଚନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।


# ମାଲିକଙ୍କୁ ଖୋଜି ବୁଲୁଛି ଓଟ

### ଛାଡ଼ିଦେଇ ପଳାଇଛି ନିର୍ଦ୍ଦୟ ମଣିଷ

**ଢେଙ୍କାନାଳ ଅଫିସ, ୧୩।୩**

ସ୍ୱାର୍ଥ ହାସଲ ପରେ ପର କରିଦେଇଛି ମାଲିକ। ଛାଡ଼ିଦେଇ ପଳାଇଛି ନିଜ ପାଳିତ ଓଟକୁ। ହେଲେ ମାଲିକଙ୍କ ସ୍ୱାର୍ଥସର୍ବସ୍ୱ ମନୋଭାବକୁ ବୁଝିପାରୁନି ଏହି ପାଳିତ ପ୍ରାଣୀ। ସେଥିପାଇଁ ଗାଁ, ରାସ୍ତା, ବଣ, ନଦୀକୂଳ ବୁଲି ଖୋଜୁଛି ମାଲିକଙ୍କୁ। କିଏ କିଛି ଦେଲେ ଖାଉଛି ନ ହେଲେ ସେମିତି ମାଲିକଙ୍କ ଫେରିବା ବାଟକୁ ଚାହିଁରହୁଛି।

ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡିଆ ଫାଣ୍ଡି ବଉଳପୁର ଅଞ୍ଚଳରେ ସପ୍ତାହେ ହେବ ଏକ ଓଟ ବୁଲୁଥିବା ଦେଖାଯାଉଛି। ଓଟଟି ଦୁର୍ବଳ ହୋଇଯାଇଥିବାରୁ ମାଲିକ ତାକୁ ଛାଡି କେଉଁଆଡେ ଚାଲି ଯାଇଥିବା ଜଣାପଡିଛି। ଗ୍ରାମବାସୀ ଓଟଟିକୁ କିଛି ଖାଇବାକୁ ଦେଉଥିବା ବେଳେ ପାଣି ପିଇବାକୁ ବ୍ରାହ୍ମଣୀ ନଦୀ କୂଳକୁ ଯାଉଥିବା ଦେଖାଯାଉଛି। ତେବେ ଠିକ୍ ଭାବେ ଖାଇବାକୁ ପାଉ ନ ଥିବାରୁ ଏହି ପ୍ରାଣୀଟି ଅତି ଦୁର୍ବଳ ହୋଇପଡିଥିବା ଦେଖାଯାଇଛି। କିଛିବର୍ଷ ତଳେ ସଦର ଥାନା ଅଞ୍ଚଳରେ ନିଜ ପାଳିତ ଘୋଡାଟିକୁ ଛାଡ଼ି ମାଲିକ କେଉଁଆଡ଼େ ପଳାଇ ଯାଇଥିଲେ। କିଛିଦିନ ଏପରି ବୁଲାବୁଲି କରିବା ପରେ ଘୋଡ଼ାଟି ପ୍ରାଣ ହରାଇଥିଲା। ଉକ୍ତ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଜଣେ ଓଟ ମାଲିକଙ୍କ ଏପରି ନିର୍ଦ୍ଦୟତା ପୁଣି ସାମ୍ନାକୁ ଆସିଛି। ଦିନକୁ ଦିନ ଏପରି ଘଟଣା ବଢ଼ିଚାଲିଥିବା ବେଳେ ଏଥିପ୍ରତି ପ୍ରଶାସନ, ପ୍ରାଣୀଧନ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କହିଛନ୍ତି, ପୂର୍ବରୁ ଓଟ ବନ୍ୟପ୍ରାଣୀ ଭାବେ ଗଣତି ହେଉଥିଲା। କିଛିବର୍ଷ ହେବ ଏହା ଗୃହପାଳିତ ପ୍ରାଣୀ ଭାବେ ଗଣତି ହେଉଛି। ତେଣୁ ବନ ବିଭାଗ ଏଥିରେ କିଛି କରିପାରିବ ନାହିଁ।



ବଉଳପୁର ଗ୍ରାମ ରାସ୍ତାରେ ନିଃସଙ୍ଗ ହୋଇ ବୁଲୁଥିବା ଓଟ।

## ସଂକ୍ଷେପରେ

### ୧୭୭୦୩ ପରୀକ୍ଷାର୍ଥୀ ଅନୁପସ୍ଥିତ

**ମାଟ୍ରିକ୍ ସପ୍ଲିମେଣ୍ଟାରି-୨ ପରୀକ୍ଷାର ୨ୟ ଦିନ**

**କଟକ ଅଫିସ,୧୩।୩:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରି-୨ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ଫର୍ମପୂରଣ କରିବା ସହ ଆଡମିଟ୍ କାର୍ଡ ପାଇଛନ୍ତି। ମାତ୍ର ହଜାର ହଜାର ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନାହାନ୍ତି। ରାଜ୍ୟର ୧୯ ହଜାରରୁ ଅଧିକ ପରୀକ୍ଷାର୍ଥୀ ଗତ ଶୁକ୍ରବାର ପରୀକ୍ଷାର ପ୍ରଥମ ଦିନ ହଲ୍‌କୁ ଆସି ନ ଥିବା ବେଳେ ସୋମବାର ଦ୍ୱିତୀୟ ଦିନରେ ୧୭ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଘଟଣାକୁ ଗଣଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। କାହିଁକି ପିଲାମାନେ ପରୀକ୍ଷାରୁ ଦୂରେଇ ରହିଲେ, ସେନେଇ ଖୋଳତାଡ଼ ଆରମ୍ଭ କରିଛି ବିଭାଗ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। କେଉଁ ଜିଲାରେ କେତେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି, ତା'ର ତଥ୍ୟ ସଂଗ୍ରହ କରାଯାଇଛି। ସୋମବାର ଦ୍ୱିତୀୟ ଭାଷା ଇଂଲିଶ ବିଷୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୫ ଲକ୍ଷ ୩୯ ହଜାର ୭୩୯ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୫ ଲକ୍ଷ ୨୨ ହଜାର ୩୬ ଜଣ ଏହି ପରୀକ୍ଷା ଦେଇଛନ୍ତି। ୧୭ ହଜାର ୭୦୩ ଜଣ ଏହି ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ହାଇସ୍କୁଲରୁ ୧୬ ହଜାର ୪୩୨, ରାଜ୍ୟ ମୁକ୍ତ ବିଦ୍ୟାଳୟରୁ ୭୫୨, ମଧ୍ୟମାରେ ୫୧୯ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ୩୮ ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି।

### ସାଇବର ଠକେଇ: ୬୫ ହଜାର ଟଙ୍କା ହରାଇଲେ ଯୁବକ

**ଭଣ୍ଡାରିପୋଖରୀ, ୧୩।୩ (ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନପଙ୍ଗ ଗ୍ରାମର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇ ୬୪ ହଜାର ୯୮୬ ଟଙ୍କା ଟଙ୍କା ହରାଇଛନ୍ତି। ଚାଷୀ ଜଣକ ହେଲେ ଗ୍ରାମର ବିକାଶ ରଞ୍ଜନ ନାୟକ। ସେ ଥାନାରେ ଅଭିଯୋଗ କରିଛନ୍ତି ଯେ, ଗତ ୨୭ ତାରିଖରେ ସରସଦାସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାକୁ ଆସିଥିଲେ। ସେଠାରେ ତାଙ୍କ ବାପାଙ୍କ ଜମାଖାତାରେ ଆସିଥିବା ଧାନ ବିକ୍ରୟ ଟଙ୍କାକୁ ସେ ନିଜ ଖାତାକୁ ଟ୍ରାନ୍ସଫର କରିଥିଲେ। ୪୦ ହଜାର ଟଙ୍କା ଜମା କରି ସେ ଘରକୁ ଫେରିଥିବା ବେଳେ ଦିନ ପ୍ରାୟ ୨ଟା ବେଳେ ତାଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା। ତାଙ୍କ ଆକାଉଣ୍ଟ ବ୍ଲକ ହୋଇଯାଇଥିବା ସୂଚନା ଦିଆଯାଇଥିଲା। ସେଥିରେ ଦିଆଯାଇଥିବା ଲିଙ୍କ୍ ଉପରେ ସେ କ୍ଲିକ କରିଥିଲେ। ଏହାପରେ ସଙ୍ଗେ ସଙ୍ଗେ ତାଙ୍କ ଆକାଉଣ୍ଟରୁ ଦୁଇଟି ପର୍ଯ୍ୟାୟରେ ୬୪ ହଜାର ୯୮୬ ଟଙ୍କା କଟିଯାଇଥିଲା। ଏନେଇ ସେ ତୁରନ୍ତ ସାଇବର ଥାନାରେ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରିଥିବା ବେଳେ ଠକଙ୍କ ସମ୍ପର୍କରେ କୌଣସି ସୁରାକ ମିଳି ନ ଥିଲା। ଏହାସହ ସେ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୫୦/୨୩) ରୁଜୁ କରି ତଦନ୍ତ କରୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସାଇବର ଠକଙ୍କ ବିଷୟରେ କୌଣସି ସୁରାକ ମିଳିପାରି ନାହିଁ। ପୂର୍ବରୁ ଏହି ଥାନା ଅଞ୍ଚଳର ଅନେକ ବ୍ୟକ୍ତି ମଧ୍ୟ ଏମିତି ଠକାମିର ଶିକାର ହୋଇଥିବା ନଜିର ରହିଛି।

# ୪୦.୫୫% ପରିବାର ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ

**ରାଜ୍ୟର ୧୫ ଜିଲାର ସ୍ଥିତିକୁ ନେଇ ହୋଇଥିଲା ଅଧ୍ୟୟନ**

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ରାଜ୍ୟରେ ୪୦.୫୫% ପରିବାର ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆତ୍ମଶକ୍ତି ଟ୍ରଷ୍ଟ ଏବଂ ଏହାର ସହଯୋଗୀ ସଙ୍ଗଠନ ସମୂହ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ଓଡ଼ିଶା ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ୩୫୦ଜଣ କର୍ମୀଙ୍କ ଦ୍ୱାରା ଗତ ଜାନୁୟାରୀରୁ ଫେବୃୟାରୀ ମଧ୍ୟ ଭାଗ ପର୍ଯ୍ୟନ୍ତ ଏହି ଅଧ୍ୟୟନ ହୋଇଥିଲା। ଓଡ଼ିଶାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଗଜପତି, ବୌଦ୍ଧ, ନବରଙ୍ଗପୁର ଏବଂ ଦେବଗଡ଼ ଆଦି ୧୫ଟି ଜିଲାର ୮୯ ବ୍ଲକର ୮୬୬ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୯,୮୫୬ ଗାଁରେ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ୯,୩୭,୧୫୨ ପରିବାର ମଧ୍ୟରୁ ୪୦.୫୫ ପ୍ରତିଶତ ଘରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ନାହିଁ। ମୋଟ ୩୨,୯୬୦ ନଳକୂଅ ମଧ୍ୟରୁ ୧୨,୪୮୧ (୪୦.୯୩%)ଟି କାର୍ଯ୍ୟକ୍ଷମ ନାହିଁ। ମୋଟ ୧୨,୪୭୮ ଷ୍ଟାଣ୍ଡ ପୋଷ୍ଟ ମଧ୍ୟରୁ ୬,୦୬୬(୪୮.୬%)ଟି ଅଚଳ ରହିଛି। ସେହିପରି ପାଖାପାଖି ୬,୬୭୫(୫୬.୧୨%) ଗ୍ରାମବାସୀ ଦୈନନ୍ଦିନ ଦୂଷିତ ପାଣି ବ୍ୟବହାର କରନ୍ତି। ୨୮.୫୧% ଗ୍ରାମବାସୀ କାଦୁଅ ପାଣି ବ୍ୟବହାର କରୁଥିବା ବେଳେ ୨୯.୫୫% ଗ୍ରାମବାସୀ ପାନୀୟ ଜଳରେ ଲୌହ ଅଂଶ ପାଇଥାନ୍ତି। ୯,୩୭,୧୫୨ ପରିବାର ମଧ୍ୟରୁ ୧୪,୯୪୭ ପରିବାର (୬୫,୮୪୫ ଲୋକ) ନିୟମିତ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତ ଏବଂ ସମ୍ପୂର୍ଣ୍ଣ ଭାବେ ଝରଣା, ପୋଖରୀ ଓ ଚୁଆ (ଶୁଖିଲା ନଦୀ ବା ଝରଣାରେ ଖୋଳା ଯାଇଥିବା ଭୂତଳ ଜଳ) ଉପରେ ନିର୍ଭରଶୀଳ। ମୋଟାମୋଟି ଭାବେ ୩,୬୮,୬୯୪ ପରିବାରରେ ବିଶୁଦ୍ଧ ପାନୀୟ ଜଳର ଅଭାବ ରହିଛି, ଯାହାକି ସମୁଦାୟର ୪୦.୫୫% ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

ଏ ସମ୍ପର୍କରେ ଆତ୍ମଶକ୍ତି ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ରୁଚି କାଶ୍ୟପ କହିଛନ୍ତି, ଜଳ ଜୀବନ ମିଶନ ଓ ବସୁଧା ଭଳି ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବା ସତ୍ତ୍ୱେ ରାଜ୍ୟର ଅନେକ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଆଜିସୁଦ୍ଧା ପହଞ୍ଚି ପାରିନାହିଁ। ଏହି ଉଦ୍‌ବେଗଜନକ ସ୍ଥିତିକୁ ଏଡ଼ାଇବା ପାଇଁ ସରକାର ନିଜ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ପରିଚାଳନା ଟ୍ରଷ୍ଟି କୋକୋ ସିଂ କହିଛନ୍ତି, ଅଚଳ ନଳକୂପ ଓ ଷ୍ଟାଣ୍ଡ୍‌ପୋଷ୍ଟଗୁଡ଼ିକ ମରାମତି ପାଇଁ ରାଜ୍ୟ ସରକାର ତୁରନ୍ତ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଜରିଆରେ ପଦକ୍ଷେପ ନିଅନ୍ତୁ। କାଦୁଅ ଓ ଲୌହ ମିଶ୍ରିତ ପାଣିକୁ ବ୍ୟବହାର ପୂର୍ବରୁ ଭଲ ଭାବରେ ବିଶୋଧନ କରାଯିବା ଆବଶ୍ୟକ। ଏଥିସହ ପାନୀୟ ଜଳ ସମସ୍ୟାରେ ପୀଡ଼ିତ ଲୋକଙ୍କୁ ଟ୍ୟାଙ୍କର ଜରିଆରେ ପାଣି ଉପଲବ୍ଧ କରାଇବା ପାଇଁ ଶୁଖା ଅଞ୍ଚଳ ବା ପାଣି ଅଭାବ ଅଞ୍ଚଳ ଯଥା ହଟ୍‌ସ୍ପଟ୍ ଅଞ୍ଚଳଗୁଡ଼ିକୁ ତୁରନ୍ତ ଚିହ୍ନଟ କରାଯିବା ଜରୁରୀ। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହର ମୁକାବିଲା ସହ ରାଜ୍ୟର ଗ୍ରାମାଞ୍ଚଳରେ ଲାଗି ରହିଥିବା ଜଳ ସଙ୍କଟ ସମସ୍ୟାର ସମାଧାନ କରିବା ନିମନ୍ତେ ଓଡ଼ିଶା ସରକାର ସମସ୍ତଙ୍କ ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ସମୟରେ ପଦକ୍ଷେପ ନେବା ତୁରନ୍ତ ଆବଶ୍ୟକ ବୋଲି ଉକ୍ତ ଅଧ୍ୟୟନରେ ପରାମର୍ଶ ଦିଆଯାଇଛି।



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୋମବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଓସ୍କାର ପୁରସ୍କାର ବିଜେତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ମା'ଙ୍କ ସହ ସ୍କୁଲ ଗଲା ଝିଅ

**ବଳି ଭୟରେ ନାବାଳିକାଙ୍କ ସ୍କୁଲ ଯିବା ବନ୍ଦ ଘଟଣା**

**ପୋଲିସର ଛାନ୍‌ଭିନ୍**

**ରଘୁନାଥପୁର,୧୩।୩ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ସାଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଉତ ନୂଆଗାଁରେ ବଳି ଭୟରେ ନାବାଳିକାଙ୍କ ସ୍କୁଲ ଯିବା ବନ୍ଦ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସର ପରାମର୍ଶ ତଥା ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ପରିଡା ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରିଛନ୍ତି। ଏହାପରେ ମା'ଙ୍କ ସହ ସମ୍ପୃକ୍ତା ନାବାଳିକା ସୋମବାର ସ୍କୁଲକୁ ପାଠ ପଢ଼ିବାକୁ ଯାଇଛନ୍ତି। ସ୍କୁଲରେ ନାବାଳିକା ଛାତ୍ରୀଙ୍କ ଉପରେ କଡ଼ା ନଜର ରଖାଯିବା ସହ ଆବଶ୍ୟକ ସ୍ଥଳେ ନେବା ଆଣିବା କ୍ଷେତ୍ରରେ ଶିକ୍ଷକମାନେ ସହଯୋଗ କରିବେ ବୋଲି ପ୍ରଧାନ ଶିକ୍ଷକ ପରିଡା ପ୍ରକାଶ କରିଛନ୍ତି। ଶନିବାର ପରିବାର ମୁଖ୍ୟ ନାରାୟଣ ପାଣି ଏ ପ୍ରସଙ୍ଗରେ ରଘୁନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୬୮/୨୩) ରୁଜୁ କରିଛି।

ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଗତ ୨ ଦିନ ହେବ ଘଟଣାସ୍ଥଳରେ ଛାନ୍‌ଭିନ କରାଯାଇଛି। ଏଥିସହ ଜଗତ୍‌ସିଂହପୁର ପୋଲିସ ସହ ମିଶି ସମଙ୍ଗସ୍ଥିତ ମୃତ ନନ୍ଦାବ୍ରତ ନଦୀ ଶଯ୍ୟାର ପରିତ୍ୟକ୍ତ ଜଙ୍ଗଲିଆ ସ୍ଥାନରେ ତନ୍ତ୍ରପୂଜା ହେଉଥିବା ଉଇହୁଙ୍କାକୁ ଅନୁଧ୍ୟାନ କରାଯାଇଛି। ସମଙ୍ଗ ସରପଞ୍ଚ ମିନତୀ ଜେନା ମଙ୍ଗଳବାର ପ୍ରଶାସନ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏଏସଆଇ ପିକେ ମଲ୍ଲିକ ଏହି ମାମଲାର ତଦନ୍ତ କରୁଛନ୍ତି। ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ଏସ୍‌ଆଇ ଅନିଲ କୁମାର ସାହୁ ପ୍ରକାଶ କରିଛନ୍ତି।

କିଛି ଦିନ ହେବ ଜଣେ ଅଜଣା ବ୍ୟକ୍ତି କଳା ପୋଷାକ ପିନ୍ଧି ରାତିରେ ନାରାୟଣଙ୍କ ଘର ସମ୍ମୁଖରେ ଠିଆ ହେବା ସହ ଗ୍ରୀଲ୍‌କୁ ବାଡ଼ାଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗୁପ୍ତଧନପ୍ରାପ୍ତି ଆଶାରେ ତାଙ୍କ ନାବାଳିକା ଝିଅକୁ ବଳିଦେବା ଉଦ୍ଦେଶ୍ୟରେ ଏପରି କରାଯାଉଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ନନ୍ଦାବ୍ରତ ନଦୀ ଶଯ୍ୟାର ପରିତ୍ୟକ୍ତ ଜଙ୍ଗଲିଆ ସ୍ଥାନରେ ଥିବା ଉଇ ହୁଙ୍କାରେ ରାତିରେ ଏନେଇ ତନ୍ତ୍ରପୂଜା କରାଯାଉଥିବା ଗୁଜବ ହୋଇଥିଲା। ଭୟରେ ତାଙ୍କ ଝିଅ ଏକ ସପ୍ତାହ ହେବ ସ୍କୁଲ ଯିବା ବନ୍ଦ କରି ଦେଇଥିଲା।

# ହୋମିଓପାଥିକ ପ୍ରାକ୍ଟିସନର ସଂଘର ବିକ୍ଷୋଭ

**ଭୁବନେଶ୍ୱର,୧୩।୩(ବ୍ୟୁରୋ)**

ବେସରକାରୀ ହୋମିଓପାଥିକ୍ ପ୍ରାକ୍ଟିସ୍‌ନର ସଂଘ ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଜିଲାରୁ ଆସିଥିବା ୬୦୦ରୁ ଊର୍ଦ୍ଧ୍ୱ ପ୍ରାକ୍ଟିସନର ସଭ୍ୟାସଭ୍ୟ ମାଷ୍ଟରକ୍ୟାଣ୍ଟିନରୁ ଏକ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ସଂଘର ବିଭିନ୍ନ ଜିଲ୍ଲାରୁ ନେତୃତ୍ୱ ନେଉଥିବା ସଂଯୋଜକମାନେ ଅଭିଭାଷଣ ରଖିଥିଲେ। ହୋମିଓପାଥିକ୍ ଔଷଧର ସ୍ରଷ୍ଟା କ୍ରିଷ୍ଟିୟାନ୍ ଫେଡେରିକ୍ ସାମୁଏଲ୍ ହାନିମାନଙ୍କ ପୁସ୍ତକକୁ ଅଧ୍ୟୟନ କରି ଯେଉଁମାନେ ଚିକିତ୍ସା କରୁଥିଲେ ସେମାନଙ୍କୁ ହୋମିଓପାଥିକ୍ ପ୍ରାକ୍ଟିସନର କୁହାଯାଉଥିଲା। ସରକାରଙ୍କ ତରଫରୁ ସେମାନଙ୍କୁ ହୋମିଓପାଥିକ୍ ବୋର୍ଡ ଦ୍ୱାରା ଏକ ତାଲିକାଭୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ସରକାର ତାହା ଉପରେ ରହିତାଦେଶ ଜାରି କରି ତାଲିକାଭୁକ୍ତ ପ୍ରାକ୍ଟିସନରମାନେ ସେମାନଙ୍କ ସେବା ଜାରି ରଖିପାରିବେ ନାହିଁ ବୋଲି ବାରଣ କରିଥିଲେ। ଫଳରେ ଅନେକ ପ୍ରାକ୍ଟିସନର ଜୀବନ ଜୀବିକା ହରାଇ ବସିଥିଲେ। ଏହାକୁ ପୁନର୍ବାର ପ୍ରଚଳନ ପାଇଁ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନ ଥିବା ସଂଘ ଅଭିଯୋଗ କରିଛି। ସଭାପତି ନେତ୍ରାନନ୍ଦ ଭୋଇଙ୍କ କହିବାନୁସାରେ, ପୂର୍ବରୁ ପ୍ରଚଳିତ ମାନ୍ୟତା ପ୍ରଦାନ କରାଯାଉ କିମ୍ବା ରାଜ୍ୟ ଭିତରେ ଚିକିତ୍ସା ନିମିତ୍ତ ବିକଳ୍ପ ବ୍ୟବସ୍ଥା କରାଯାଉ। ସରକାର ଏକ କମିଟି ଗଠନ କରି ଗତ ୨୦୦ବର୍ଷ ଧରି ପାରମ୍ପରିକ ରୀତିରେ ବଂଶାନୁକ୍ରମିକ ଭାବରେ ଘରୋଇ ଚିକିତ୍ସା ବା ହୋମିଓପାଥିକ୍ ଚିକିତ୍ସାକୁ ରାଜ୍ୟର ଗ୍ରାମାଞ୍ଚଳ, ଉପାନ୍ତ ଅଞ୍ଚଳ ଏବଂ ଅପହଞ୍ଚ ଇଲାକାରେ ଯୋଗାଇ ଆସୁଥିବା ଅଭିଜ୍ଞ ଚିକିତ୍ସକଙ୍କର ସାମ୍ପ୍ରତିକ ପରିସ୍ଥିତିରେ ଆବଶ୍ୟକତା ଅଛିକି ନାହିଁ ତାହାର ନିରପେକ୍ଷ ତଦନ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ବା ଭତ୍ତା ଆଶା ରଖିବେ ନାହିଁ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଆନ୍ଦୋଳନରେ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ଉପସଭାପତି ଜଗନ୍ନାଥ ଦାସ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।



ବେସରକାରୀ ହୋମିଓପାଥିକ୍ ପ୍ରାକ୍ଟିସ୍‌ନର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ୨୦୨୪ରୁ ଆଦର୍ଶ ଗୁରୁକୁଳରେ ପାଠପଢ଼ା

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- ୩୨ ଏକର ଜମିରେ ନିର୍ମାଣ ହେବ, ଲେ ଆଉଟ୍ ପ୍ଲାନ୍ ଅନୁମୋଦିତ
- ସେବାୟତ ପରିବାର ପିଲାଙ୍କ ସହ ବାହାର ବିଦ୍ୟାର୍ଥୀ ପଢ଼ିବେ

**ପୁରୀ ଅଫିସ, ୧୩।୩**

ମାଟିତୋଟା ଅଞ୍ଚଳରେ ପ୍ରସ୍ତାବିତ ଆଦର୍ଶ ଗୁରୁକୁଳରେ ଖୁବ୍‌ଶୀଘ୍ର ସେବାୟତ ପରିବାରର ବିଦ୍ୟାର୍ଥୀମାନେ ପାଠ ପଢ଼ିବେ। ଏ ନେଇ ପୂର୍ବରୁ ବିର୍ଲା ଫାଉଣ୍ଡେଶନ ସହ ଏମ୍‌ଓୟୁ ସରିଥିବାବେଳେ ୨୦୨୪ ମସିହାରୁ ପାଠ୍ୟକ୍ରମ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି। ସୋମବାର ବଡ଼ଦାଣ୍ଡସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ସ୍ୱତନ୍ତ୍ର ବୈଠକରେ ଆଦର୍ଶ ଗୁରୁକୁଳ ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠରେ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଏସ୍‌ପି କନୱର ବିଶାଳ ସିଂ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ବିର୍ଲା ଫାଉଣ୍ଡେଶନର ସଦସ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇ କହିଛନ୍ତି, ସେବାୟତଙ୍କ ପାଇଁ ହେବାକୁ ଥିବା ଗୁରୁକୁଳର ଲେ-ଆଉଟ ପ୍ଲାନ ଅନୁମୋଦନ ନେଇ ଆଲୋଚନା ହୋଇଥିଲା। ଲେ ଆଉଟ ପ୍ଲାନ ଅନୁମୋଦନ କରାଯାଇଛି। ପୂର୍ବରୁ ବିର୍ଲା ଫାଉଣ୍ଡେଶନ ସହ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇସାରିଛି। ଏହି ଗୁରୁକୁଳରେ ଶ୍ରୀମନ୍ଦିର ସେବାୟତ ପରିବାରର ପିଲା ଓ ବାହାର ବିଦ୍ୟାର୍ଥୀ ପାଠ ପଢ଼ିପାରିବେ। ତେବେ ସେବାୟତ ଘରର ପିଲାଙ୍କ ପାଇଁ ୫୦ ପ୍ରତିଶତ ସିଟ୍ ଆରକ୍ଷଣ ରହିବ। ବୈଠକରେ ଏହାପରେ ପୁରା ଡ୍ରଇଁ ପ୍ରସ୍ତୁତ କରାଯିବ। ପରେ କାର୍ଯ୍ୟ ପାଇଁ ଟେଣ୍ଡର ଡକାଯିବ। ଯଥାଶୀଘ୍ର ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଚେଷ୍ଟା ଚାଲିଛି। ସମୁଦାୟ ୩୨ ଏକର ଜାଗାରେ ଗୁରୁକୁଳ ନିର୍ମାଣ କରାଯିବ ବୋଲି ଯାଦବ କହିଛନ୍ତି।

ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଆଗାମୀ ଦିନରେ ସମସ୍ତ ତଥ୍ୟ ଆସିବା ଓ ମାଟି ପରୀକ୍ଷା ପରେ ଗୁରୁକୁଳ ନିର୍ମାଣ ପାଇଁ ଟେଣ୍ଡର ଡକାଯିବ। ପରେ ପଞ୍ଜିକା ଦେଖାଯାଇ ଶୁଭତିଥି ନିର୍ଣ୍ଣୟ କରାଯାଇ ମୁଖ୍ୟମନ୍ତ୍ରୀ ଏବଂ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଗୁରୁକୁଳ ପାଇଁ ଭୂମି ପୂଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଗୁରୁକୁଳ ଚଳାଇବା ପାଇଁ ଗଠିତ ସୋସାଇଟି ସହ ଆଗକୁ ବୈଠକ ବସିବ। ସମ୍ପୃକ୍ତ ସ୍ଥାନକୁ ସୋସାଇଟିକୁ ହସ୍ତାନ୍ତର କରାଯିବ। ଆଉ କିଛି ଯାହା ପ୍ରକ୍ରିୟା ରହିଛି ତାହା ଶେଷ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ସମୁଦାୟ ୩୨ ଏକର ଜମିରେ ଏକାଡେମିକ ଭବନ, ଯଜ୍ଞଶାଳା, ଖେଳପଡ଼ିଆ ଓ ହଷ୍ଟେଲ ପ୍ରଭୃତି ନିର୍ମାଣ କରାଯିବ। ୬ ଏକର ଜାଗାରେ ହଷ୍ଟେଲ, ୮ ଏକରରେ ଖେଳପଡ଼ିଆ, ୪ ଏକରରେ ମନ୍ଦିର ନିର୍ମାଣ ହେବ। ପ୍ରଥମେ ଏକାଡେମୀ ସେକ୍ସନ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଟ୍ରକ୍ ଧକ୍କାରେ ଜଣେ ମୃତ

**କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକୋ**

**ପାଲଲହଡା,୧୩।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା କାଇଁସିରିପାଲି ଛକଠାରେ ସୋମବାର ଟ୍ରକ୍ ଧକ୍କାରେ ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳର କୁନା ବେହେରା(୩୯)ଙ୍କ ମୃତ୍ୟୁ ହୋଇଛି। କୁନା କାଇଁସିରିପାଲିଠାରେ ଥିବା ନିଜ ଦୋକାନକୁ ସାଇକେଲ ଯୋଗେ ଆସୁଥିବାବେଳେ ପଛପଟୁ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବରପାଇ ଉପଜିଲାପାଳ ସୁଶାନ୍ତ କୁମାର ପତି ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ ତରଫରୁ ୧୦ ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରୁ ୨୦୦୦ ଟଙ୍କା ସହିତ କୁନାଙ୍କ ୩ ସନ୍ତାନଙ୍କ ପାଠପଢ଼ା ପାଇଁ ସମସ୍ତ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


ଉତ୍ତମ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶାକୁ ମିଳିଥିବା ପୁରସ୍କାରକୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଏସ୍‌ଆର୍‌ସି ନିକୁଞ୍ଜ ଧଳ।

# ମୃତାହତଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା**

- ମୃତକଙ୍କ ପରିବାରକୁ ୪୦ ଲକ୍ଷ କ୍ଷତିପୂରଣ: ମୁଖ୍ୟ ବନ ସଂରକ୍ଷକ
- ହାତୀମୃତ୍ୟୁ ବୃଦ୍ଧିକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ
- ଆଗାମୀ ଶୁଣାଣି ପୂର୍ବରୁ ଦାଖଲ ହେବ ଚାର୍ଜଶିଟ୍

**କଟକ ଅଫିସ,୧୩।୩**

ହାତୀ ଆକ୍ରମଣଜନିତ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତି ପୂରଣ ଦେବା ପାଇଁ ହାଇକୋର୍ଟ ଜଙ୍ଗଲ ବିଭାଗକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟ ବନ ସଂରକ୍ଷକ ମନୋଜ ନାୟାର ହାତୀ ମଣିଷକୁ ମାରିଲେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ରାଶି ବାବଦରେ ୪୦ ଲକ୍ଷ ଟଙ୍କା ଦିଆଯିବ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ସୂଚନାରେ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ଗୌରୀ ଶଙ୍କର ଶତପଥୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୨୦ ତାରିଖକୁ ଧାର୍ଯ୍ୟ କରିଛନ୍ତି।



ସୂଚନା ଅନୁସାରେ, ହାତୀ-ମଣିଷ ଲଢ଼େଇକୁ ନେଇ ସୋମବାର ଶୁଣାଣିରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ, ହାତୀ ଆକ୍ରମଣରେ କେତେ ମୃତାହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଗତ ଶୁଣାଣି ଜାନୁୟାରୀ ୧୮ରୁ ଚଳିତ ଶୁଣାଣି ମାର୍ଚ୍ଚ ୧୩ ତାରିଖ ମଧ୍ୟରେ ରାଜ୍ୟରେ ଆହୁରି ୧୪ ହାତୀଙ୍କ ମୃତ୍ୟୁ ହୋଇଛି। କାହାକୁ କ୍ଷତିପୂରଣ ଦିଆଯାଇ ନାହିଁ। ଜିଲାସ୍ତରୀୟ କମିଟି ଏନେଇ ଚୂଡ଼ାନ୍ତ କରିବା ପରେ କ୍ଷତିପୂରଣ ରାଶି ଦେବାକୁ ଯାଉଛୁ ବୋଲି ବନବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ତୁରାମ ପୂର୍ତ୍ତି ମୃତ୍ୟୁ ମାମଲାରେ ଏତଲା ହୋଇଛି ବୋଲି ଜେଟିଏଫ୍ ଅତିରିକ୍ତ ଏସ୍‌ପି କହିଥିଲେ। ୩୦୨ରେ ଏତଲା ଦିଆଯାଇଥିବାବେଳେ ବିଭାଗୀୟ ତଦନ୍ତରୁ ତାହା ଆତ୍ମହତ୍ୟା ହୋଇଥିବାରୁ ୩୦୬ ଦଫାରେ ତଦନ୍ତ କରାଯାଉଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ଚାର୍ଜଶିଟ୍ କାହିଁକି ଦାଖଲ ହୋଇନାହିଁ ବୋଲି କୋର୍ଟ ପ୍ରଶ୍ନ କରିବା ସହ ଆଗାମୀ ଶୁଣାଣି ପୂର୍ବରୁ ତାହା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ୍ୟ ଗତ ରବିବାର ଏକ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛି। ତେଣୁ ରାଜ୍ୟର ୫ଟି ଯାକ ବିଦ୍ୟୁତ ବଣ୍ଟନ କମ୍ପାନୀକୁ ନୋଟିସ ଜାରି କରାଯାଇ ହାତୀମୃତ୍ୟୁ ରୋକିବା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ପ୍ରନୀଳ
ପରିବାରବର୍ଗ


ମନିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୪ ଓକିଲଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା ବିସିଆଇ

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଚାଲିଥିବା ଆନ୍ଦୋଳନରେ ସମ୍ବଲପୁର ଓକିଲ ସଂଘ ସାମିଲ ହୋଇଥିଲା। ଏହି ଘଟଣାରେ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରି ସମ୍ବଲପୁର ଜିଲା ଓକିଲ ସଂଘର ୫୪ ଜଣ ଓକିଲଙ୍କୁ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ସୋମବାର ସମ୍ପୃକ୍ତ ଓକିଲଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛି ବାର କାଉନସିଲ୍ ଅଫ ଇଣ୍ଡିଆ (ବିସିଆଇ)। ସେମାନେ ମଙ୍ଗଳବାରଠାରୁ କୋର୍ଟ କାର୍ଯ୍ୟରେ ସ୍ୱାଭାବିକ ଭାବେ ଯୋଗଦାନ କରିପାରିବେ। ଏହାସହ ସଂଘର ବିଭିନ୍ନ କାର୍ଯ୍ୟ କରିପାରିବେ। ହେଲେ ୧୦ ଦିନ ଭିତରେ ବାର୍ କାଉନ୍ସିଲ ଅଫ ଇଣ୍ଡିଆର ସଚିବଙ୍କ ନିକଟରେ ସତ୍ୟପାଠ ଦାଖଲ କରିବେ। ଆଗାମୀ ଦିନରେ ଏଭଳି ଆନ୍ଦୋଳନରେ ଯୋଗଦାନ କରିବେ ନାହିଁ। ଏହି ଓକିଲମାନଙ୍କ ଗତିବିଧି ଓ କାର୍ଯ୍ୟକଳାପ ଉପରେ ସମ୍ବଲପୁର ଜିଲା ଜଜ୍ ନଜର ରଖି ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ରହିଛି। ଏହି ଘଟଣାକୁ ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି) ଆବାହକ ଅଶୋକ ଦାସ କହିଛନ୍ତି ଯେ, ନିଲମ୍ବନ ହଟିଯାଇଛି। ହେଲେ ଆମ ପାଖକୁ ଏପର୍ଯ୍ୟନ୍ତ ଚିଠି ଆସିନାହିଁ।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶା

### ଓକିଲଙ୍କୁ ନିଲମ୍ବନ ଘଟଣା
### ହାଇକୋର୍ଟ ବେଞ୍ଚ ଆନ୍ଦୋଳନ

ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ହୋଇଥିଲା। ସୁପ୍ରିମକୋର୍ଟ ଆନ୍ଦୋଳନକୁ ବନ୍ଦ କରିବାକୁ କଡ଼ା ତାଗିଦା କରିଥିଲେ। ହେଲେ ଗତ ନଭେମ୍ବର ୨୯ ତାରିଖ ଓ ଡିସେମ୍ବର ୧୨ ତାରିଖ ଦିନ ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ଓକିଲ ସଂଘ ସାମିଲ ହୋଇଥିଲେ। ଏଥିରେ କ୍ଷୋଭ ପ୍ରକାଶ କରି ସୁପ୍ରିମକୋର୍ଟ ଡିସେମ୍ବର ୧୨ ତାରିଖରେ ବାର୍ କାଉନ୍ସିଲ ଅଫ ଇଣ୍ଡିଆକୁ ୫୪ ଜଣ ଓକିଲଙ୍କୁ ୧୮ ମାସ ଓ ସମସ୍ତ ଓକିଲଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବନ କରିବାକୁ କହିଥିଲେ। ଡିସେମ୍ବର ୧୭ରେ ୫୪ ଜଣ ଓକିଲଙ୍କୁ ଛାଡି ଅନ୍ୟ ସମସ୍ତ ଓକିଲଙ୍କ ନିଲମ୍ବନ ଉଠାଇ ନିଆଯାଇଥିଲା। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ ବାର୍ କାଉନସିଲ ଅଫ ଇଣ୍ଡିଆର ୩ ଜଣିଆ ସଭ୍ୟ ଡି .ପି. ଧଳ, ମାନସ ମହାପାତ୍ର, ଯଶୋବନ୍ତ ଦାସ ଫେବୃଆରୀ ୨୫ ତାରିଖରେ ସମ୍ବଲପୁର ଗସ୍ତ କରିଥିଲେ। ସେମାନେ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦିପକ କୁମାର, ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ସମ୍ବଲପୁର ଜିଲା ଜଜ୍‌ଙ୍କ ସହ ଅନ୍ୟ ବିଚାରପତି ଓ ଜିଲା ଓକିଲ ସଂଘକୁ ପୃଥକ୍ ପୃଥକ୍ ଭେଟିଥିଲେ। ଆନ୍ଦୋଳନ ସମୟରେ କେଉଁମାନେ ଉପସ୍ଥିତ ରହିଥିଲେ, ଏହାର କାରଣ କ'ଣ, ଘଟଣା ପଛରେ କେଉଁମାନେ ସଂପୃକ୍ତ ରହିଛନ୍ତି, କାହିଁକି ଏଭଳି ଅଭାବନୀୟ ଘଟଣା ଘଟିଥିଲା ତା'ର ତଦନ୍ତ କରି ସୁପ୍ରମକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଅନ୍ୟପକ୍ଷରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ଆନ୍ଦୋଳନ ସମୟରେ ଡିସେମ୍ବର ୧୨ ତାରିଖ ଦିନ କୋର୍ଟରେ ଭଙ୍ଗାରୁଜା ହୋଇଥିଲା। ଘଟଣାରେ ୨୯ ଓକିଲ, ଜଣେ ବାର କର୍ମଚାରୀ ଓ ୮ ଜଣ କିନ୍ନର ଗିରଫ ହୋଇଥିଲେ। ଓକିଲମାନଙ୍କୁ ପ୍ରାୟ ଦେଢ଼ ମାସ ପରେ ଜାମିନ ମିଳିଥିବା ବେଳେ କିନ୍ନରମାନଙ୍କୁ ପ୍ରାୟ ୨ ମାସ ପରେ ଜାମିନ ମିଳିଥିଲା ।

# ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି ହାତେଇଛନ୍ତି ୪ ଶହ ବ୍ୟକ୍ତି


ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ସମ୍ବଲପୁର ଆର୍‌ଡିସି ଅଫିସ ଘେରାଉ ।

## ଆର୍‌ଡିସି ଅଫିସ ଘେରିଲା ଆଦିବାସୀ ମହାସଂଘ

**ସମ୍ବଲପୁର, ୧୩।୩(ବ୍ୟୁରୋ)**

ଆଦିବାସୀ କହି ନକଲି ସାର୍ଟିଫିକେଟ ଦେଇ ରାଜ୍ୟର ୪ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ସରକାରୀ ଚାକରି ହାତେଇଛନ୍ତି। ସେମାନେ ଏବେ ବଡ଼ ବଡ଼ ପଦ ପଦବୀରେ କାର୍ଯ୍ୟରତ ଅଛନ୍ତି। ଏ ନେଇ ଅଭିଯୋଗ କରିବା ପରେ ମଧ୍ୟ ସରକାର ସମୟ ଗଡ଼ାଇ ଚାଲିଛନ୍ତି। ଏ ଦିଗରେ ଅଦ୍ୟାବଧି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ ଜଙ୍ଗଲ ଜମି ପଟ୍ଟା ସହିତ ଅନ୍ୟାନ୍ୟ ସୁବିଧା ପାଇବାରୁ ଆଦିବାସୀମାନେ ବଞ୍ଚିତ ହେଉଛନ୍ତି ବୋଲି ସୋମବାର ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇ ଆର୍‌ଡିସି ଅଫିସ ଘେରାଉ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ଅନୁପସ୍ଥିତିରେ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ଦିଗରେ ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଘେରାଉ ପୂର୍ବରୁ ସହରର ଲକ୍ଷ୍ମୀ ଟକିଜ ଛକରେ ଶତାଧିକ ଆଦିବାସୀ ମହିଳା ପୁରୁଷ ଏକାଠି ହୋଇଥିଲେ। ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ରାଲିରେ ବାହାରିଥିଲେ। ଜିଲା ସ୍କୁଲ ଛକ, ଜେଲ ଛକ, କଚେରି ଛକ ଦେଇ ଆର୍‌ଡିସି ଅଫିସରେ ପହଞ୍ଚିଥିଲେ। ଏହି ଅବସରରେ ଏକ ପ୍ରତିନିଧି ଦଳ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ଆଦିବାସୀ ଦଳିତ ସେନାର ସଭାପତି ପ୍ରଶାନ୍ତ କୁମାର ହାଓ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ବରଗଡ ଜିଲା ସଭାପତି ଗୋବିନ୍ଦ ବରିହା, ସମ୍ବଲପୁର ଜିଲା ସଭାପତି ଆଲବେଗ କେର୍‌କେଟା, ରାଜ୍ୟ ଉପ ସଭାପତି ଡେଭିଡ୍ ଟପ୍‌ନୋ, ମହିଳା ଶାଖାର ଆଲିସିଆ ଏକ୍କା, ସୁଚିତା ସୁରେନ, ମାତିଆସ ଟିଗା ଉପସ୍ଥିତ ରହିଥିଲେ। ପଶ୍ଚିମ ଓଡ଼ିଶାର ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ସୋନପୁର ଆଦି ଜିଲାର ଆଦିବାସୀ ସଂଘର ସଦସ୍ୟମାନେ ଘେରାଉରେ ସାମିଲ ହୋଇଥିଲେ।

# ଦଶମ ଶ୍ରେଣୀ ସଙ୍କେଟିଭ-୨ ପରୀକ୍ଷା
## ଗଞ୍ଜାମ ଜିଲାରେ ଇଂଲିଶରେ ୧୧୭୭ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବ୍ରହ୍ମପୁର ଅଫିସ/ ଛତ୍ରପୁର, ୧୩।୩(ଡି.ଏନ.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ଦଶମ ଶ୍ରେଣୀ ସେମ୍ମେଟିଭ-୨ ପରୀକ୍ଷାରେ ସୋମବାର ଦ୍ୱିତୀୟ ଭାଷା ଇଂଲିଶ ପରୀକ୍ଷା ଥିଲା। ଏଥିରେ ଗଞ୍ଜାମ ଜିଲାର ୧୧୭୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପରୀକ୍ଷା ନିମନ୍ତେ ଗଞ୍ଜାମ ଜିଲାରେ ରେଗୁଲାର,ମଧ୍ୟମା ଓ ଓଡ଼ିଶା ଷ୍ଟେଟ ଓପନ ସ୍କୁଲିଂ ସାର୍ଟିଫିକେଟରେ ମୋଟ ୪୨୮୬୪ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଏମାନଙ୍କ ମଧ୍ୟରେ ରେଗୁଲାରରେ ୪୨୪୬୭ ମଧ୍ୟରୁ ୪୧୩୪୭ ଜଣ ପରୀକ୍ଷା ଦେଇଛନ୍ତି। ମଧ୍ୟମାରେ ୮୭ରୁ ୮୨ ଜଣ ପରୀକ୍ଷାର୍ଥୀ ଓ ଓଡ଼ିଶା ଷ୍ଟେଟ ଓପନ ସ୍କୁଲିଂ ସାର୍ଟିଫିକେଟରେ ଫର୍ମ ପୂରଣ କରିଥିବା ୩୧୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୩ ପରୀକ୍ଷା ଦେଇଛନ୍ତି। ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷାରେ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୧୨୦, ମଧ୍ୟମାରେ ୫ ଓ ଓଡ଼ିଶା ଷ୍ଟେଟ ଓପନ ସ୍କୁଲିଂ ସାର୍ଟିଫିକେଟରେ ପରୀକ୍ଷା ଦେଉଥିବା ୫୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜିଲା ଶିଧା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# କଣ୍ଟାବାଞ୍ଜିରେ ରାଜ୍ୟର ପ୍ରଥମ ଗ୍ରାମୀଣ ସ୍ପେସ୍‌ଲାବ

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୧୩।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲରେ ଓଡିଶାର ପ୍ରଥମ ଗ୍ରାମୀଣ ସ୍ପେସ୍ ଏଡୁକେଶନ୍ ଲ୍ୟାବ ଖୋଲାଯିବ। ଏନେଇ ସୋମବାର ବ୍ୟୋମିକା ସ୍ପେସ୍ ଏକାଡେମୀ ଏବଂ ମୁସ୍କାନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ସାଇନିଂ ସେରିମନିରେ ବ୍ୟୋମିକା ସ୍ପେସ୍ ଏକାଡେମୀର ଡାଇରେକ୍ଟର ନୀତୀନ କୁମାର ଏବଂ ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲର ଡାଇରେକ୍ଟର ଡ. ବ୍ରଜେଶ ମିତ୍ତଲଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମୟରେ କଣ୍ଟାବାଞ୍ଜି ଏନ୍‌ଏସି ଅଧ୍ୟକ୍ଷ ବରିୟାମ୍ ସି ସାଲୁଜା ଉପସ୍ଥିତ ଥିଲେ।

ପରେ ସ୍କୁଲ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇଥିଲା। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ସ୍ପେସ୍ ଟ୍ୟୁଟର ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ବିଜ୍ଞାନ, ମହାକାଶ ବିଜ୍ଞାନ, ଅନ୍ତରୀକ୍ଷ ପ୍ରତି ସ୍କୁଲ ଛାତ୍ରୀଛାତ୍ରଙ୍କ ରୁଚି ଓ ଆଗ୍ରହ ବୃଦ୍ଧି ଲକ୍ଷ୍ୟ ରଖି ଇସ୍ରୋ ସ୍ପେସ୍ ଟ୍ୟୁଟର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଇସ୍ରୋର ଅଫିସିଆଲ ପାର୍ଟନର ବ୍ୟୋମିକା ସ୍ପେସ୍ ଏକାଡେମୀ ପକ୍ଷରୁ ପରିଚାଳନା କରାଯାଉଛି। ଏକାଡେମୀ ପକ୍ଷରୁ ଦେଶର ୧୦ଟି ଜିଲାରେ ସ୍ପେସ୍ ଏଡୁକେଶନ୍ ଲ୍ୟାବ ପ୍ରତିଷ୍ଠା କରାଯିବ। ଏହି ଲ୍ୟାବ୍‌ରେ ଦେଶର ଇସ୍ରୋ ଦ୍ୱାରା ନିର୍ମାଣ ହେଉଥିବା ରକେଟ, ଟେଲିସ୍କୋପ, ସ୍ପେସ୍ ସାଇନ୍ସ କିଟ୍ସ, ଏୟାରକ୍ରାଫ୍ଟ ଓ ଡ୍ରୋନ୍ ନିର୍ମାଣ ଭଳି ଯନ୍ତ୍ରାଂଶ ବିଷୟରେ ଶିକ୍ଷାଦାନ ଦିଆଯିବ। ପ୍ରତିଷ୍ଠା ହେବାକୁ ଥିବା ଲ୍ୟାବ୍‌ରେ ଅନ୍ତରୀକ୍ଷ, ମହାକାଶ ତଥା ମହାକାଶ ବିଜ୍ଞାନ ବିଷୟରେ ଅନେକ ତଥ୍ୟ ଉପଲବ୍ଧ ହେବ। ଏଥିରେ ଅନ୍‌ଲାଇନ୍ ଜରିଆରେ ଇସ୍ରୋର ମହାକାଶ ବୈଜ୍ଞାନିକ ଓ ପ୍ରବକ୍ତାମାନେ ଛାତ୍ରୀଛାତ୍ରଙ୍କୁ ମହାକାଶ କାର୍ଯ୍ୟକ୍ରମ ବିଷୟରେ ଶିକ୍ଷାଦାନ ଓ ତାଲିମ ପ୍ରଦାନ କରିବେ। ପ୍ରତ୍ୟେକ ତିନିମାସରେ ଇସ୍ରୋରୁ ଇଞ୍ଜିନିୟରମାନେ କଣ୍ଟାବାଞ୍ଜି ମୁସ୍କାନ୍ ଇଣ୍ଟରନାଶନାଲ ସ୍କୁଲରେ ପ୍ରତିଷ୍ଠା ହେବାକୁ ଥିବା ଲ୍ୟାବ୍‌କୁ ଆସି ଏଠାରେ କର୍ମଶାଳା କରିବେ ବୋଲି ସୂଚନା ଦେଇଛନ୍ତି। ଏହାସହିତ ଏହି କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ଇସ୍ରୋ ଏବଂ ନାଶାକୁ ଷ୍ଟଡି ଟୁରରେ ମଧ୍ୟ ଯାଇପାରିବେ ବୋଲି ସୂଚନା ଦିଆଯାଇଛି।


କଣ୍ଟାବାଞ୍ଜି ଏନ୍‌ଏସି ଅଧ୍ୟକ୍ଷ ବରିୟାମ୍ ସି ସାଲୁଜାଙ୍କ ଉପସ୍ଥିତିରେ ବ୍ୟୋମିକା ସ୍ପେସ୍ ଏକାଡେମୀର ଡାଇରେକ୍ଟର ନୀତୀନ କୁମାର ଏବଂ ମୁସ୍କାନ ଇଣ୍ଟରନ୍ୟାଶନାଲ ସ୍କୁଲର ଡାଇରେକ୍ଟର ଡ. ବ୍ରଜେଶ ମିତ୍ତଲ ଗ୍ରାମୀଣ ସ୍ପେସ୍ ଏଡୁକେଶନ୍ ଲାବ୍ ଚୁକ୍ତିନାମା ସ୍ୱାକ୍ଷର କରୁଛନ୍ତି।

# ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ୪ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

### ୮ ବର୍ଷ ପରେ ଲାଞ୍ଚ କାରବାର ମାମଲାର ରାୟ

ଏକ ଲାଞ୍ଚ କାରବାର ମାମଲାର ୮ ବର୍ଷ ପରେ ସୋମବାର ରାୟ ପ୍ରକାଶ ପାଇଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଥିବା ପୁରୀ ଜିଲା କାଟକପୁର ବ୍ଲକ୍‌ର ପୂର୍ବତନ ତଥା ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ ରଞ୍ଜନ ଶ୍ରୀଚନ୍ଦନଙ୍କୁ ୪ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାର କରି ପ୍ରତାପଙ୍କ ପେନ୍‌ଶନ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଜଣାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ନଭେମ୍ବର ୧୪ରେ କାକଟପୁର ଅଞ୍ଚଳର ବିଜୟ କାଣ୍ଡିଙ୍କ ଏକ ଗାଈର ମୃତ୍ୟୁ ହୋଇଥିଲା। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଥିବା ଡାକ୍ତର ପ୍ରତାପ ଉକ୍ତ ଗାଈର ବ୍ୟବଚ୍ଛେଦ କରିଥିଲେ। ଏହାପରେ ପ୍ରତାପଙ୍କ ପକ୍ଷରୁ ଭେରିଫିକେଶନ୍ ରିପୋର୍ଟ ଓ ପୋଷ୍ଟମର୍ଟମ ରିପୋର୍ଟ ଜିଲା ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ପଠାଇବାର ଥିଲା। ଏହାପରେ ଗାଈ ମୃତ୍ୟୁ ପାଇଁ ବିଜୟଙ୍କୁ ଇନ୍‌ସୁରାନ୍ସ ଟଙ୍କା ମିଳିବାର ଥିଲା। ହେଲେ ଏହି ରିପୋର୍ଟକୁ ପଠାଇବା ପାଇଁ ବିଜୟଙ୍କୁ ପ୍ରତାପ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବିଜୟ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ନଭେମ୍ବର ୨୨ରେ ପ୍ରତାପ କାଟକପୁରସ୍ଥିତ ତାଙ୍କ ବାସଭବନରେ ବିଜୟଙ୍କଠୁ ଲାଞ୍ଚ ଟଙ୍କା ଗ୍ରହଣ କରିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

# ଭାରତ-ସିଙ୍ଗାପୁର ହକାଥନ୍ ୨୦୨୩ର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀଠାରେ ସିଙ୍ଗାପୁରର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଗାନ୍ କିମ୍ ୟଙ୍ଗଙ୍କ ସହ ସିଙ୍ଗାପୁର-ଭାରତ ହକାଥନ୍ ୨୦୨୩ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସିଙ୍ଗାପୁରର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ଏହି ସିଙ୍ଗାପୁର-ଭାରତ ହକାଥନ୍ ୨୦୨୩ ଉଭୟ ଦେଶର ଯୁବ ଉଦ୍ଭାବକଙ୍କୁ ସହଯୋଗୀ ହୋଇ ବିଭିନ୍ନ ସମସ୍ୟାର ସମାଧାନ ଖୋଜିବାର ଏକ ବୃହତ ପ୍ଲାଟଫର୍ମ ପ୍ରଦାନ କରିବ। ଏହି ହକାଥନ୍ ୨୦୨୩ର ବିଷୟବସ୍ତୁ 'ଫିନଟେକ୍ ଓ ସଷ୍ଟେନବିଲିଟି' ବର୍ତ୍ତମାନର ବୈଷୟିକ ପ୍ରସଙ୍ଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସିଙ୍ଗାପୁର ଭାରତର ବିଶ୍ୱସ୍ତ ସହଯୋଗୀ ଏବଂ ବନ୍ଧୁ । ଉଭୟ ଦେଶର ଦୂରଦୃଷ୍ଟିକୁ ସାକାର କରିବା ସହ ଭାରତକୁ କୁଶଳୀ ମାନବ ସମ୍ବଳର ବୈଷୟିକ ପେଣ୍ଠସ୍ଥଳୀ ଭାବେ ପରିଣତ କରିବା, ବୈଶ୍ୱିକ କଲ୍ୟାଣ ଓ ଭଏସ ଅଫ ଗ୍ଲୋବାଲ ସାଉଥକୁ ସୁଦୃଢ଼ କରିବାକୁ ଆମକୁ 'କାପାସିଟି (ଦକ୍ଷତା), କ୍ୟାପିଟାଲ ଓ କାପାବିଲିଟି (ସାମର୍ଥ୍ୟ) ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ । 'ବସୁଧୈବ କୁଟୁମ୍ବକମ୍' ସୂତ୍ର ସହିତ ଭାରତର ଅଧ୍ୟକ୍ଷତାରେ ଜି -୨୦ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ସିଙ୍ଗାପୁର-ଭାରତ ହକାଥନ୍ ୨୦୨୩ ଉଭୟ ଦେଶର ସାମର୍ଥ୍ୟକୁ ବଢ଼ାଇବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଜଙ୍ଗଲ ନିଆଁ ରୋକିବାକୁ ଦୀର୍ଘମିଆଦୀ ଯୋଜନା କରାଯାଉ

**■କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

**ଭୁବନେଶ୍ୱର, ୧୩।୩(ବ୍ୟୁରୋ):** ରାଜ୍ୟରେ ବଢୁଥିବା ଜଙ୍ଗଲ ନିଆଁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏନେଇ ସେ ସୋମବାର କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସାକ୍ଷାତ କରି ଏକ ଚିଠି ଦେଇଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ବନାଗ୍ନି ସାରା ଦେଶରେ ଶୀର୍ଷରେ ଥିବା ସହ ରାଜ୍ୟର ଜଙ୍ଗଲ ସମ୍ପଦ, ଜୈବବିବିଧତା, କୃଷକ ଓ ଆଦିବାସୀଙ୍କ ଅର୍ଥନୀତି ଉପରେ କୁପ୍ରଭାବ ନେଇ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ପାଇଁ ମିଳିତ ବୈଠକ ଓ ଆଗାମୀ ଦିନରେ ମୁକାବିଲାର ଯୋଜନା ପ୍ରସ୍ତୁତ ଲାଗି ସେ ଯାଦବଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ନଭେମ୍ବର ୨୦୨୨ରୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ୮୭୧ଟି ବଡ଼ ଧରଣର ଜଙ୍ଗଲରେ ନିଆଁ ଲାଗିବା ଘଟଣା ଦୃଷ୍ଟିକୁ ଆସିଛି। ଏହା ସାରା ଦେଶରେ ବନାଗ୍ନି ମାମଲାରେ ସର୍ବାଗ୍ରେ ରହିଛି। ଓଡ଼ିଶା ପଛକୁ କର୍ଣାଟକ, ତେଲଙ୍ଗାନା ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୬୨୫ ବନାଗ୍ନିର ଖବର ସାମ୍ନାକୁ ଆସିଛି। ରାଜ୍ୟର ଏହି ଜଙ୍ଗଲ ନିଆଁ ଦେଶର ମୋଟ ଜଙ୍ଗଲ ନିଆଁର ୩୫ ପ୍ରତିଶତ ବୋଲି ଆକଳନ କରାଯାଇଛି। ଗତ ୪ ମାସରେ ରାଜ୍ୟରେ ଜଙ୍ଗଲ ନିଆଁ ଯୋଗୁ ଚାରି ହଜାର ହେକ୍ଟର ନଷ୍ଟ ହୋଇଥିବା ଆକଳନ କରାଯାଇଛି। ୨୦୨୧ରେ ଜଙ୍ଗଲ ନିଆଁ ରାଜ୍ୟରେ ବହୁତ ବଡ଼ଧରଣର ଥିଲା। ରାଜ୍ୟରେ ୫୧ ହଜାର ୯୬୮ଟି ଘଟଣା ସେହି ବର୍ଷ ଦୃଷ୍ଟିକୁ ଆସିଥିଲା। ଶିମିଳିପାଳ ଜାତୀୟ ଉଦ୍ୟାନ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଚଳିତ ବର୍ଷ ୨୦୨୧ଠାରୁ ସ୍ଥିତି ଆହୁରି ସଙ୍ଗିନ ହେବା ଭଳି ଜଣାପଡୁଛି। ରାଜ୍ୟ ଜଙ୍ଗଲ ସମେତ ଅଗ୍ନିଶମ ବିଭାଗକୁ ଜଙ୍ଗଲ ନିଆଁର ସାମ୍ନା କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲେ ମଧ୍ୟ ପରିଚାଳନାଗତ ପ୍ରଶିକ୍ଷଣ ଅଭାବରୁ ଏହାକୁ କାମରେ ଲଗାଯାଇପାରୁନାହିଁ। ଅନେକ ସ୍ଥାନକୁ ଅଗ୍ନିଶମ ଗାଡ଼ି ପହଞ୍ଚିବା ସମ୍ଭବ ହେଉ ନ ଥିବାରୁ ବନାଗ୍ନି ଲିଭାଇବା ପାଇଁ ହେଲିକପ୍ଟର ଓ ଆକାଶମାର୍ଗରୁ ଅନ୍ୟାନ୍ୟ ଉପାୟର ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଯାଦବଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟର ଜଙ୍ଗଲ ବିଭାଗ ମଧ୍ୟରେ ମିଳିତ ବୈଠକ କରି ଜଙ୍ଗଲ ନିଆଁର ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।


## Classified Everyday 0674-2580101, 2549949


REAL ESTATE

SALE

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372894441. D-74829

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଧରିତ୍ରୀ DHARITRI Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


CONSTRUCTION

Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74826

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74656

Relax, Refresh your Body, Mind at Saikrupa Spa with best therapies. 8984068077. D-2932

Newly open health benefits SPA special offer@999 Nayapalli. 7846814019. D-73693




"ଓଁ ମା' ରାମଚଣ୍ଡୀ" ଜ୍ୟୋତିଷ କାର୍ଯ୍ୟାଳୟ କଳାପାଟ ମନ୍ଦିର ଭୋଗ ଦୋକାନ ପଣ୍ଡିତ-ଲକ୍ଷ୍ମୀଧର ଦାଶ, ଏଠାରେ ବିବାହ ମେଳକ, ଖଡ଼ିପାଠ, ଜାତକ ବିଚାର, ଜାତକ ତିଆରି କରାଯାଏ। ମୋବାଇଲ ନଂ.- 9556184376. D- 2984

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ପ୍ରନୀଳ ଦାଶ
ମିଶ୍ରପଡ଼ା, ଅନୁଗୁଳ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଭବିଷ୍ୟତ ଜୀବନରେ ହସ, ଖୁସି ଭରିଦେଇ ତୋତେ ସୁସ୍ଥ ରଖି ଦୀର୍ଘାୟୁ କରନ୍ତୁ। ଜୟ ଜଗନ୍ନାଥ।
ଶୁଭେଚ୍ଛୁ: ଜୋପା, ଜେମା, ଆଈ, ବାପା, ମାମା, ଭାଇନା: ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୯୮୨

Birthday Wish

MANISHA
Happy Birthday! I hope you have a great day today and the year ahead is full of many blessings.
D-2960



ଦରଦାମ ବୃଦ୍ଧି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ସୋମବାର ରାଜଭବନ ଘେରାଉ ବେଳେ ଉପସ୍ଥିତ ନେତା ଓ କର୍ମୀ।

**ଦରଦାମ୍ ବୃଦ୍ଧି, ମୋଦି-ଆଦାନୀ ସମ୍ପର୍କକୁ ବିରୋଧ**

# ରାଜଭବନ ଘେରିଲା କଂଗ୍ରେସ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ଦରଦାମ୍ ବୃଦ୍ଧି ପ୍ରସଙ୍ଗ ଏବଂ ମୋଦି ଓ ଆଦାନୀ ସମ୍ପର୍କ ବିଷୟ ଉଠାଇ ସୋମବାର ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମୀ, ନେତା ଓ ବିଧାୟକମାନେ ରାଜଭବନ ଆଗରେ ପ୍ରତିବାଦ କରିବା ସହିତ କେନ୍ଦ୍ର ଉପରେ ବର୍ଷିଛନ୍ତି। ଏପରିକି ଗ୍ୟାସ୍ ଦର ପ୍ରତିବାଦରେ ସିଲିଣ୍ଡର ଉପରେ ଗୋବର ଘଷି ଲଗାଇ ଦଳୀୟ ନେତାମାନେ ପ୍ରତିବାଦ କରିଛନ୍ତି। ରାଜଭବନ ଆଗରେ କଂଗ୍ରେସ ନେତା ଓ କର୍ମୀମାନେ ପ୍ରତିବାଦ କରିବା ସମୟରେ ପୋଲିସ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ କଂଗ୍ରେସ କର୍ମୀମାନେ ପୋଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିବାର କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା।

ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ପଛପଟ ଏଡିଏମ୍ ଅଫିସ ପାଖରୁ ଏକ ବିରାଟ ଶୋଭାଯାତ୍ରା ରାଜଭବନ ଅଭିମୁଖେ ବାହାରିଥିଲା। ଏହି ଶୋଭାଯାତ୍ରା ପ୍ରଥମେ ରାଜଭବନ ପୂର୍ବରୁ ଥିବା ସର୍କିଟ ହାଉସଠାରେ ଅଟକିଥିଲା। ସେଠାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିବା ବେଳେ ସେଥିରେ ବହୁ ବରିଷ୍ଠ କଂଗ୍ରେସ ନେତା ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ପକ୍ଷରୁ ଆଦାନୀ ମହା ଘୋଟାଲାର ଜେପିସି ତଦନ୍ତ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ଶୁଭେନ୍ଦୁ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଯୋଗଦେଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୋଦି-ଆଦାନୀ ମେଣ୍ଟର ମହାଦୁର୍ନୀତିର ସମସ୍ତ କଥା ଗାଁକୁ ନେବାକୁ ପଡ଼ିବ। କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ କହିଛନ୍ତି, ମୋଦାନୀ ମେଣ୍ଟ ଭାରତବର୍ଷର ଏଲଆଇସି ଓ ବ୍ୟାଙ୍କର ପ୍ରଭୂତ କ୍ଷତି କରସାରିଲାଣି। ଭାରତ ବର୍ଷର ଗରିବ ଖଟିଖିଆ ଲୋକଙ୍କ ପଇସାକୁ ମୋଦାନୀ ଭିତରେ ବାଣ୍ଟି ଦିଆଯାଉଛି। ଶରତ ପଟ୍ଟନାୟକ କହିଛନ୍ତି, ମୋଦି ଏଭଳି ଜଣେ ବ୍ୟକ୍ତି ଯିଏକି କେବଳ କଥା କୁହନ୍ତି। ସେ ତାଙ୍କର ଗୋଟିଏ କଥାକୁ ରକ୍ଷା କରିପାରନ୍ତି ନାହିଁ। ୨୦୧୪ରେ ଗ୍ୟାସ୍ ଦର ୪୧୦ ଟଙ୍କା ଥିଲାବେଳେ ଏବେ ୧୧୩୦ ଟଙ୍କାରେ ପହଞ୍ଚିଛି। ସାଧାରଣ ଲୋକଙ୍କ ପାଖରୁ ଅଧିକ ପଇସା ଆଦାୟ କରି ନରେନ୍ଦ୍ର ମୋଦି ଆଦାନୀଙ୍କୁ ପୋଷୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଅସମ୍ଭବ ନୀରବତା ଏହି ସମସ୍ତ ପ୍ରକରଣ ଉପରେ କୁହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଏହାସହ ଅହେତୁକ ଦରଦାମ ବୃଦ୍ଧି, ଉତ୍କଟ ବେକାରି ସମସ୍ୟା, ଆର୍ଥିକ ବିଶୃଙ୍ଖଳା, ନିମ୍ନଗାମୀ ଅର୍ଥନୀତି ବିପର୍ଯ୍ୟୟ ପ୍ରସଙ୍ଗରେ ମଧ୍ୟ କଂଗ୍ରେସ ନେତାମାନେ ବର୍ଷିଛନ୍ତି। ୨୦୧୪ରେ ଗୌତମ ଆଦାନୀଙ୍କ ସ୍ଥାନ ବିଶ୍ୱ ଧନୀ ତାଲିକାରେ ୬୦୯ ଥିଲା। ତାଙ୍କ କମ୍ପାନୀର ସମୁଦାୟ ବ୍ୟବସାୟିକ ସମ୍ପତ୍ତି ୫୨ ହଜାର କୋଟି ଟଙ୍କା ଥିଲା କିନ୍ତୁ ଏହି ୯ ବର୍ଷରେ ସେ ବିଶ୍ୱରେ ୩ୟ ବୃହତ୍ତମ ଧନୀ ତାଲିକାରେ ସ୍ଥାନ ପାଇଥିଲେ। ଆଦାନୀ ଗ୍ରୁପର ବ୍ୟବସାୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା ବନ୍ଦର, ଜାତୀୟ ରାଜପଥ, ବିମାନ ବନ୍ଦର, ସିମେଣ୍ଟ, ରେଳ, କଣ୍ଟେନର, ବିଦ୍ୟୁତ ଆବଣ୍ଟନ, ତାପଜ ଶକ୍ତି ବିଦ୍ୟୁତ ଉତ୍ପାଦନ, ପ୍ରଦୂଷଣ ମୁକ୍ତ ଶକ୍ତି ଉତ୍ପାଦନ, ସାମରିକ ଯନ୍ତ୍ରାଂଶ ଏବଂ ଖାଦ୍ୟଦ୍ରବ୍ୟ ଇତ୍ୟାଦିକୁ ଲମ୍ବି ଯାଇଛି। ଏଭଳି ଅଭିଯୋଗ କରି କଂଗ୍ରେସ ସଭା ସାରିବା ପରେ ରାଜଭବନ ଆଡେ ଶୋଭାଯାତ୍ରାରେ ବଢ଼ିଥିଲା। ହେଲେ ପୂର୍ବରୁ ପୋଲିସ ପକ୍ଷରୁ ୩ଟି ବ୍ୟାରିକେଡ ପ୍ରସ୍ତୁତ କରାଯାଇଥିଲା। ଗୋଟିଏ ବ୍ୟାରିକେଡ ଅତିକ୍ରମ କରିବା ପରେ ବହୁ ନେତା ଓ କଂଗ୍ରେସ କର୍ମୀଙ୍କୁ ପୋଲିସ ଅଟକ ରଖିଥିଲା। ଏହାପରେ ଉପରୋକ୍ତ ଘଟଣାର ଜେପିସି ତଦନ୍ତ ଦାବିରେ ଦଳର ବିଧାୟକ ଏବଂ ଅନ୍ୟ କେତେଜଣ ନେତା ରାଜ୍ୟପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ରାହୁଲଙ୍କ ମନ୍ତବ୍ୟକୁ ନେଇ ପାର୍ଲାମେଣ୍ଟରେ ହଟ୍ଟଗୋଳ

ନୂଆଦିଲ୍ଲୀ, ୧୩।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତରେ ଗଣତନ୍ତ୍ରର ସ୍ଥିତିକୁ ନେଇ ଲଣ୍ଡନରେ ଦେଇଥିବା ମନ୍ତବ୍ୟ ଲାଗି ସୋମବାର ପାର୍ଲାମେଣ୍ଟର ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଟ୍ରେଜେରି ବେଞ୍ଚ୍ ଏବଂ ବିରୋଧୀ ସଦସ୍ୟମାନେ ଜୋର୍‌ଦାର ପ୍ରତିବାଦ କରିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଭାରତୀୟ ଗଣତନ୍ତ୍ର ବିପଦରେ ବୋଲି ରାହୁଲ କେମ୍ବ୍ରିଜ୍ ୟୁନିଭର୍ସିଟିରେ ଭାଷଣ ଦେବାବେଳେ ଅଭିଯୋଗ କରିଥିଲେ। ବିଦେଶରେ ଭାରତକୁ ବଦନାମ କରିଥିବା ରାହୁଲ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ସରକାର ଦାବି କରିଥିଲେ। କଂଗ୍ରେସ ନେତା ଲଣ୍ଡନରେ ଭାରତର ମର୍ଯ୍ୟାଦାହାନି କରିବାକୁ ଉଦ୍ୟମ କରିଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ତଥା ଲୋକ ସଭାର ଉପନେତା ରାଜନାଥ ସିଂ କହିଥିଲେ। ଗୃହ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ଉଚିତ। ଏଥିସହ ରାହୁଲ କ୍ଷମା ମାଗିବାକୁ ରାଜନାଥ ଦାବି କରିଥିଲେ। ରାହୁଲ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ବିଦେଶୀ ହସ୍ତକ୍ଷେପ ଚାହିଁଥିବାରୁ ଏହାକୁ ନିନ୍ଦା କରାଯିବା ଆବଶ୍ୟକ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ୧୯୭୫ ଏମର୍ଜେନ୍ସି ବେଳେ ମୌଳିକ ଅଧିକାରକୁ ରଦ୍ଦ କରିଦିଆଯାଇଥିବାବେଳେ ଗଣତନ୍ତ୍ର କେଉଁଠି ଥିଲା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ପ୍ରଶ୍ନ କରିଥିଲେ। ଏଭଳି ମନ୍ତବ୍ୟ ପାଇଁ ରାହୁଲ ଦେଶବାସୀଙ୍କୁ କ୍ଷମା ମାଗିବା ଆବଶ୍ୟକ ବୋଲି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଦାବି କରିଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ନରେନ୍ଦ୍ର ମୋଦି ସରକାରରେ ଦେଶରେ ଗଣତନ୍ତ୍ର କି ଆଇନର ଶାସନ ନାହିଁ। ସରକାର ସମ୍ବିଧାନ ଅନୁଯାୟୀ ଶାସନ ନ କରି ଏକଚ୍ଛତ୍ରବାଦ ଚଳାଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ବିରୋଧୀ ଦଳ ଆଦାନୀ ଷ୍ଟକ୍ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରୁଥିବାବେଳେ ଏଥିରୁ ଧ୍ୟାନ ହଟାଇବା ପାଇଁ ସରକାର ଗୃହରେ ହଟ୍ଟଗୋଳ କରାଉଛନ୍ତି ବୋଲି ଖାର୍ଗେ କହିଥିଲେ। ଗୃହ ଚାଲିବା ସରକାର ଚାହାନ୍ତି ନାହିଁ। ତେଣୁ ପାର୍ଲାମେଣ୍ଟକୁ ମୁଲତବୀ

## ଉଭୟ ଗୃହ ମୁଲତବୀ

ରଖାଯାଇଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

ହଟ୍ଟଗୋଳ ଯୋଗୁ ପ୍ରଥମେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ୨ଟାରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଲୋକ ସଭାରେ କଂଗ୍ରେସ ସଦସ୍ୟମାନେ ଆଦାନୀ ଗ୍ରୁପ୍-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବି କରିଥିଲେ। ସେମାନେ ଗୃହ ମଧ୍ୟଭାଗକୁ ଚାଲିଆସି ହୋହଲ୍ଲା କରୁଥିବାବେଳେ ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଟ୍ରେଜେରି ବେଞ୍ଚ୍‌ରୁ ସ୍ଲୋଗାନ ଦିଆଯାଇଥିଲା। ଗୃହରେ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହ ଚଳାଇବାକୁ ଦେବା ଲାଗି ଅନୁରୋଧ କରିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ ନ କରିବାରୁ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ରାଜ୍ୟ ସଭାରେ ଅନୁରୂପ ସ୍ଥିତି ଜାରି ରହିବାରୁ ଅଧ୍ୟକ୍ଷ ଜଗଦୀପ୍ ଧନକର ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ।

# କଂଗ୍ରେସ, ଭାଜପା ପାଳି କରି ଲୁଟିଛନ୍ତି: କେଜରିୱାଲ

ଜୟପୁର, ୧୩।୩

ରାଜସ୍ଥାନରେ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଯାଉଛି ବିଧାନସଭା ନିର୍ବାଚନ। ଏଥର ଭାଜପା ଓ କଂଗ୍ରେସକୁ ଟକ୍କର ଦେବାକୁ ମଇଦାନକୁ ଓହ୍ଲାଇଛି ଆମ ଆଦମୀ ପାର୍ଟି(ଏଏପି)। ଏଏପିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ସହ ରାଜସ୍ଥାନ ରାଜଧାନୀରେ ନିର୍ବାଚନୀ ପ୍ରଚାରର ଶଙ୍ଖ ଫୁଙ୍କିଛନ୍ତି। ଏହାସହ ସୋମବାର ଏଏପିର ତ୍ରିରଙ୍ଗା ଯାତ୍ରା ବି ଆରମ୍ଭ ହୋଇଛି। ଏହି ସମୟରେ କେଜରିୱାଲ ଶାସକ କଂଗ୍ରେସ ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ରାଜସ୍ଥାନରେ ଡିସେମ୍ବରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଉଭୟ କଂଗ୍ରେସ ଓ ଭାଜପା ପାଳିକରି ରାଜସ୍ଥାନକୁ ଲୁଟ୍ କରିଛନ୍ତି। ରାଜ୍ୟରେ ଶୁଶାସନର ପ୍ରତିଷ୍ଠା ପାଇଁ ଏବେ ଆମ ଆଦମୀ ପାର୍ଟି ଏଠରେ ନିର୍ବାଚନ ମଇଦାନକୁ ଓହ୍ଲାଇଛି। କେଜରିୱାଲ ରାଜସ୍ଥାନବାସୀଙ୍କୁ କହିଛନ୍ତି, କିଛି ସମୟ ଅପେକ୍ଷା କରନ୍ତୁ ସମସ୍ତ ଚେହେରା ସାମ୍ନାକୁ ଆସିଯିବ। ଆମ ଆଦମୀ ପାର୍ଟି ସହ ସବୁ ଭଲ ଲୋକ ଯୋଡି ହେଉଛନ୍ତି। ଆଉ ଏଏପି ସବୁ ଆସନରେ ନିର୍ବାଚନ ଲଢ଼ିବ।



ଏଏପି ପକ୍ଷରୁ ସୋମବାର ଜୟପୁରଠାରେ ଆରମ୍ଭ ହୋଇଥିବା ତ୍ରିରଙ୍ଗା ରାଲିରେ କେଜ୍‌ରିୱାଲ ଓ ଭଗୱନ୍ତ ମାନ୍।

**ବିଧାନସଭା ସମାଚାର**



# ରଣରେ ଓଡ଼ିଶା ତଳଆଡୁ ୧ ନମ୍ବର: ମନ୍ତ୍ରୀ

**ରାଜ୍ୟର ରଣଭାର ୯୭୨୦୪.୯୭ କୋଟି ମୁଣ୍ଡପିଛା ରଣ ୨୨ ହଜାର**

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ମୁଣ୍ଡପିଛା ରଣଭାର ୨୨,୦୪୨ ଟଙ୍କା ରହିଥିବା ବେଳେ ମୁଣ୍ଡପିଛା ଆୟ ରହିଛି ୧ ଲକ୍ଷ ୨୮ ହଜାର ୮୭୩ ଟଙ୍କା। ୧୯୯୯-୨୦୦୦ ବେଳକୁ ମୁଣ୍ଡପିଛା ରଣ ୪,୯୧୮ ଥିବା ବେଳେ ଆୟ ଥିଲା ୧୩,୦୧୨ ଟଙ୍କା। ବର୍ତ୍ତମାନ ମୁଣ୍ଡପିଛା ଆୟ ୫.୮ ଗୁଣ ରହିଛି। ରାଜ୍ୟ ସରକାର ବିତ୍ତୀୟ ଓ ବଜେଟ ପରିଚାଳନା ଆଇନ-୨୦୦୫କୁ ସଂଶୋଧନ କରି ବିଭିନ୍ନ ଯୋଜନା ବାବଦକୁ ୧୩୯.୩୬ କୋଟି ଟଙ୍କା ରଣ ପରିଶୋଧରୁ ପାଇଛନ୍ତି। ୨୦୨୧-୨୨ ସୁଦ୍ଧା ରାଜ୍ୟର ରଣଭାର ୯୭୨୦୪.୯୭ କୋଟି, ଯାହାକି ସାମଗ୍ରିକ ଘରୋଇ ଉତ୍ପାଦର ୧୪.୭% ରହିଛି। କଂଗ୍ରେସ ସଭ୍ୟ ତାରା ବାହିନୀପତିଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି। ବିଜେଡି ସଭ୍ୟ ଦେବୀ ମିଶ୍ର, ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆ ଓ ମୁକେଶ ମହାଲିଙ୍ଗ ରାଜ୍ୟର ରଣଭାର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଣ୍ଡପିଛା ଆୟ କାହାକୁ ଭିତ୍ତିକରି ମପାଯାଏ। ଯଦି ରଣ ନାହିଁ, ତେବେ ବିଭିନ୍ନ ବିଭାଗରେ ପଦବୀ କାହିଁକି ଖାଲି ପଡ଼ିଛି। ମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ରଣ କରିବାରେ ତଳ ଆଡୁ ପ୍ରଥମ। ଅର୍ଥାତ୍ ଓଡ଼ିଶା ରଣ କରିବାରେ ୨୮ତମ ସ୍ଥାନରେ ରହିଛି। ଏଫ୍‌ଆରବିଏମ୍ ଅନୁଯାୟୀ ରାଜ୍ୟର ସାମଗ୍ରିକ ଉତ୍ପାଦ (ଜିଏସ୍‌ଡିପି)ର ୨୫% ଯାଏ ରଣ କରାଯାଇ ପାରିବ। ବିକାଶ ପାଇଁ ରଣର ଆବଶ୍ୟକତା ରହିଛି। ଅଧିକ ସୁଧ ଥିବା ରଣ ସରକାର କରୁନାହାନ୍ତି। ୨୦୦୦ ପୂର୍ବରୁ ସରକାର ୩୬୪ ଦିନ ଓଭର ଡ୍ରାଫ୍ଟ କରୁଥିଲେ। ଆଜି ସେ ଅବସ୍ଥା ନାହି। ଜିଏସ୍‌ଡିପି ଆଧାରରେ କୃଷି, ଭିତ୍ତିଭୂମି ଓ ସେବା କ୍ଷେତ୍ରକୁ ନେଇ ମୁଣ୍ଡପିଛା ଆୟ ଧାର୍ଯ୍ୟ କରାଯାଏ।

# ରାଜ୍ୟରେ ୩୬ ନୂଆ ଥାନା ପ୍ରତିଷ୍ଠା ହେବ

**ଅଧିକ ଆବଶ୍ୟକ ହେଲେ ସରକାର ବିଚାର କରିବେ: ମନ୍ତ୍ରୀ**

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ୬୪୩ଟି ଥାନା ଅଛି। ଆଉ ୩୬ଟି ନୂତନ ଥାନା ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ସଭ୍ୟ ପ୍ରଣବ ବଳବନ୍ତ ରାୟଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ପ୍ରଣବ ଧର୍ମଶାଳା ଥାନାକୁ ଭାଙ୍ଗି ନୂଆ ଥାନା ଯୋଜନା, ଭାଜପା ସଭ୍ୟ ସୁକାନ୍ତ ନାୟକ ପଞ୍ଚଲିଙ୍ଗେଶ୍ୱରଠାରେ, ବିଜେଡି ସଭ୍ୟ ସତ୍ୟନାରାୟଣ ପ୍ରଧାନ ରାଜସୁନାଖଳା ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ପଚାରିଥିଲେ। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ବିଜେଡି ସଭ୍ୟ ଲତିକା ପ୍ରଧାନ, ଭାଜପା ସଭ୍ୟ ନାଉରୀ ନାୟକ ନିଜ ନିର୍ବାଚନମଣ୍ଡଳୀରେ ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଧର୍ମଶାଳା ଥାନାକୁ ଭାଙ୍ଗି ଆଉ ନୂତନ ଥାନା ପ୍ରତିଷ୍ଠା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ଅଧିକ କେସ୍ ଆସିଲେ ଆବଶ୍ୟକ ହେଲେ ନୂଆ ଥାନା କରିବାକୁ ସରକାର ବିଚାର କରିବେ।

# ୫-ଟି ଅଫିସକୁ ନେଇ ବିରୋଧୀ ଦଳ ନେତାଙ୍କ ପ୍ରଶ୍ନ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

୫-ଟି କ'ଣ ଏକ ବିଭାଗ? ଯଦି ଏହା ଏକ ବିଭାଗ, ତେବେ ଏହାର ଅଫିସ କେଉଁଠି ଅଛି। ସୋମବାର ବିଧାନସଭାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏଭଳି ପ୍ରଶ୍ନ କରି ସରକାରଙ୍କୁ ଘେରିଥିଲେ।

ସେ କହିଥିଲେ, ୫-ଟି ଅଫିସ ରାଜୀବ ଭବନରେ ଅଛି ନା ଲୋକସେବା ଭବନରେ ନା ଖାରବେଳ ଭବନରେ

## '୫-ଟି ଏକ ମହାମନ୍ତ୍ର' ଜବାବ ଦେଲେ ମୁଖ୍ୟ ସଚେତକ

ରହିଛି। ଏଥିପାଇଁ ଏକ ବିଭାଗ ସୃଷ୍ଟି ହୋଇଛି କି? ତାହା ହେଲେ ଏହାର ଅନ୍ୟ କର୍ମଚାରୀମାନେ କିଏ? ଅନ୍ୟ ବିଭାଗର କ୍ଷମତା ସଙ୍କୁଚିତ କରିବା ପାଇଁ ଏହି ବିଭାଗ କରାଯାଇଛି କି? ଯଦି ଏହା ଏକ ବିଭାଗ, ତାହାହେଲେ ବିଧାନସଭାରେ କାହିଁକି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହେଉନି। ଯଦି ଏହା ଏକ ବିଭାଗ, ତାହାହେଲେ ତା'ର କାର୍ଯ୍ୟକ୍ରମ ସମ୍ପର୍କରେ ଆମେ ବିଧାନସଭାରେ ପ୍ରଶ୍ନ କରିବାକୁ ଚାହୁଁଛୁ। ସେ ନେଇ ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଜୟନାରାୟଣ କହିଥିଲେ।

ବିରୋଧୀ ଦଳ ନେତାଙ୍କ ପ୍ରଶ୍ନର ତୁରନ୍ତ ଜବାବ ଦେଇଥିଲେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି। ସେ କହିଥିଲେ, ବିରୋଧୀ ଦଳ ନେତା ୫-ଟି କଥା ଉଠାଇଲେ। ୫-ଟି ଏକ ବିଭାଗ ହୋଇ ନ ପାରେ। ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଚିନ୍ତାଧାରା। ସାରା ଓଡ଼ିଶାରେ ଏହା ଏକ ମହାମନ୍ତ୍ର ଓ ମ୍ୟାଜିକ୍ ଭଳି କାମ କରୁଛି। ଆଗରୁ ଲୋକମାନେ କିଛି ଜଣାଇବାକୁ ଚାହୁଁଥିଲେ ଭିଜିଲାନ୍ସ କଥା ମନେପଡୁଥିଲା। ମାତ୍ର ଏବେ ପ୍ରଶାସନରେ ଦୁର୍ନୀତି କଥା ଉଠିଲେ ୫-ଟି କଥା ମନକୁ ଆସୁଛି। ବିଧାୟକମାନେ ମଧ୍ୟ ୫-ଟିରେ ଅଭିଯୋଗ କରୁଛନ୍ତି। ଏହା ଏକ ମହାମନ୍ତ୍ରରେ ପରିଣତ ହୋଇଛି। ଏହା ଆଉ ପ୍ରଶ୍ନ ହୋଇ ରହିନାହିଁ। ଶାସନ ବ୍ୟବସ୍ଥାକୁ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀଙ୍କର ଏହା ଏକ ଅଭିନବ ଚିନ୍ତାଧାରା। ୫-ଟି ସାଢ଼େ ଚାରିକୋଟି ଓଡ଼ିଆଙ୍କ ମନକୁ ଛୁଇଁଛି। ଏତିକି କହିବା ବେଳେ ଭାଜପା ସଭ୍ୟମାନେ ହୋହଲ୍ଲା କରିଥିଲେ।

# ରାଜ୍ୟରେ ୧.୫୭ ଲକ୍ଷ ବାଂଲାଦେଶୀ ବେଆଇନ ଭାବେ ରହୁଛନ୍ତି

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ବାଂଲାଦେଶୀ ଭର୍ତ୍ତି ହୋଇଗଲେଣି। ରାଜ୍ୟର ୧୧ଟି ଜିଲାରେ ୧ ଲକ୍ଷ ୫୭ ହଜାର ୪୩୨ ଜଣ ବାଂଲାଦେଶୀ ଶରଣାର୍ଥୀ ରହୁଛନ୍ତି। ଅନୁଗୋଳ ଜିଲାରେ ୧୫, ବାଲେଶ୍ୱର ୭୫, ଭଦ୍ରକ ୨୦୦, ଯାଜପୁର ୩୭୯, କଳାହାଣ୍ଡି ୯୦, କେନ୍ଦ୍ରାପଡ଼ା ୪୪୧, ଖୋର୍ଦ୍ଧା ୪,୬୫୩, କୋରାପୁଟ ୧୯୪, ମାଲକାନଗିରି ୧,୦୪,୨୩୩, ନବରଙ୍ଗପୁର ୪୬,୮୪୮ ଓ ରାୟଗଡ଼ାରେ ୩୦୪ ଜଣ ବାଂଲାଦେଶୀ ଶରଣାର୍ଥୀ ରହୁଛନ୍ତି। କେବଳ ସେତିକି ନୁହେଁ, ଓଡ଼ିଶାରେ ସରକାରୀ ଭାବେ ୩,୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ମଧ୍ୟ ରହୁଛନ୍ତି। ବରଗଡ଼ ଜିଲାରେ ୨, ଭଦ୍ରକ ୧୯୯, କେନ୍ଦ୍ରାପଡ଼ା ୧,୬୪୯, ଖୋର୍ଦ୍ଧା ୧୭, ଜଗତ୍‌ସିଂହପୁର ୧,୧୧୨, ମାଲକାନଗିରି ୬୫୫ ଓ ନବରଙ୍ଗପୁରରେ ୧୦୬ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ରହୁଛନ୍ତି। ଭାଜପା ସଭ୍ୟ ସୂର୍ଯ୍ୟବଂଶୀ ସୁରଜଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ଏସ୍‌ସି ଏସ୍‌ଟି ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

- ଉର୍ଦ୍ଦୁ ଟ୍ରେନିଂ ସ୍କୁଲରେ ଶିକ୍ଷକ ନାହାନ୍ତି:ମୋକିମ୍
- ଏସ୍‌ଡିସି ନାଁରେ ସରକାର ରାଜନୈତିକ ଥଇଥାନ କରୁଛନ୍ତି: ସନାତନ
- ପିଲାମାନଙ୍କ ଶିକ୍ଷା ବ୍ୟବସ୍ଥା ଏପରି କରାଯାଇଛି ପ୍ରଶଂସନୀୟ: ଶଶିଭୂଷଣ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ପଛୁଆ ବର୍ଗ କଲ୍ୟାଣ ବିଭାଗର ୪୬୫୧ କୋଟି ୭୭ଲକ୍ଷ ୬୯ ହଜାର ଟଙ୍କାର ବ୍ୟୟବରାଦ ସୋମବାର ବିଧାନସଭାରେ ଗୃହୀତ ହୋଇଛି। ଏହି ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଭାଗ ନେଇଛନ୍ତି। ଭାଜପା ସଦସ୍ୟ ନିତ୍ୟାନନ୍ଦ ଗଣ୍ଡ ଏହି ଆଲୋଚନାରେ ଭାଗ ନେଇ ଏହି ବିଭାଗ ପକ୍ଷରୁ ଅଣାଯାଇଥିବା ବଜେଟକୁ ସମର୍ଥନ କରୁ ନ ଥିବା କହିଛନ୍ତି। ଆଦିବାସୀଙ୍କ ପାଇଁ ରାଜ୍ୟ ସରକାର ବାସ୍ତବରେ କ'ଣ ଚିନ୍ତା କରୁଛନ୍ତି ତାହା ବଜେଟରୁ ଜଣାପଡୁ ନାହିଁ। ଏହାସହ ବିଭିନ୍ନ ଅଞ୍ଚଳର ଏସ୍‌ସି, ଏସ୍‌ଟି ଲୋକଙ୍କ ସମସ୍ୟା ସମ୍ପର୍କରେ କହି ସେ ବର୍ଷିଛନ୍ତି। ଏହାପରେ ଶାସକ ଦଳ ବିଧାୟକ ଶଶିଭୂଷଣ ବେହେରା ଭାଗ ନେଇ ସରକାର ଆଣିଥିବା ଏହି ବିଭାଗର ବଜେଟକୁ ସମର୍ଥନ କରିବା ସହ ଅନୁସୂଚିତ ଜାତି, ଜନଜାତି ପିଲାଙ୍କ ଲାଗି ସରକାର ନିର୍ମାଣ କରିଥିବା ହଷ୍ଟେଲ ଆଦିକୁ ପ୍ରଶଂସା କରିଛନ୍ତି। ଏହାସହ ସେ ବିଭାଗ ପକ୍ଷରୁ ଚଳିତ ଥର ରଖାଯାଇଥିବା ଅନେକ ଯୋଜନା ଦ୍ୱାରା ଏହି ବର୍ଗର ପିଲାଙ୍କ ପାଇଁ ବହୁତ ଭଲ ହେବ ବୋଲି ସେ କହିଛନ୍ତି। କଂଗ୍ରେସ ସଦସ୍ୟ ଦାଶରଥି ଗମାଙ୍ଗ କହିଛନ୍ତି, ଆଦିବାସୀଙ୍କ ପାଇଁ ସରକାର କିଛି କରିନାହାନ୍ତି। ଅନେକ ଆଦିବାସୀ ଅଞ୍ଚଳରେ ଏ ପର୍ଯ୍ୟନ୍ତ ମୌଳିକ ସୁବିଧା ମଧ୍ୟ ପହଞ୍ଚିପାରି ନାହିଁ। ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା କ୍ଷେତ୍ରରେ ସରକାରଙ୍କ ପ୍ରଚେଷ୍ଟା ରହିବା ଦରକାର। ୨୦ ଲକ୍ଷ ପିଲାଙ୍କୁ ବୃତ୍ତି ଦିଆଯିବା କଥା ଶାସକ ଦଳ ନେତା କହୁଛନ୍ତି ହେଲେ ସେହି ପିଲାଙ୍କ ଏବେର ସ୍ଥିତି କ'ଣ ବୋଲି ଗମାଙ୍ଗ ପ୍ରଶ୍ନ କରିଛନ୍ତି। ଶାସକ ଦଳ ସଦସ୍ୟ ରମେଶ ଚନ୍ଦ୍ର ବେହେରା ସରକାରଙ୍କ ବିଭିନ୍ନ ବ୍ୟବସ୍ଥାର ପ୍ରଶଂସା କରିଛନ୍ତି। କଂଗ୍ରେସ ସଦସ୍ୟ ସି.ଏସ୍‌ରାଜନ ଏକ୍କା ମନମୋହନ ସିଂଙ୍କ ସରକାର ସମୟରେ ଅଣାଯାଇଥିବା ପେସା ଆକ୍ଟ ୧୯୯୬ ତଳସ୍ତରରେ ଲାଗୁ ନ ହେବାରୁ ବହୁ ସମସ୍ୟା ସୃଷ୍ଟି ହେଉଥିବା ବିଷୟରେ କହିଛନ୍ତି। ସେହିପରି ସୁଦାମ ମାରାଣ୍ଡି ବଜେଟ୍‌କୁ ସମର୍ଥନ କରିଛନ୍ତି। ଭାଜପା ସଦସ୍ୟ ସନାତନ ବିଜୁଳି ରାଜ୍ୟ ସରକାର ଏହି ବଜେଟରେ ଏକ ଗୋଲାପି ଚିତ୍ର ଆଙ୍କିବାକୁ ଚେଷ୍ଟା କରିଥିବା କଥା କହିଛନ୍ତି। ଏ ପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟା ସରକାର ଦେଇପାରି ନାହାନ୍ତି। ଏସ୍‌ଡିସି ନାଁରେ ସରକାର ରାଜନୈତିକ ଥଇଥାନ କରୁଥିବା ସେ କହିଛନ୍ତି। ପ୍ରକାଶ ମାଝୀ ବଜେଟ୍‌କୁ ସମର୍ଥନ କରିଛନ୍ତି। ଭାଜପା ସଦସ୍ୟ ଗଣେଶ ରାମସିଂ ଖୁଣ୍ଟିଆ ଆଲୋଚନାରେ ଅଂଶଗ୍ରହଣ କରି ବିଭାଗର ବ୍ୟୟବରାଦ ସମୁଦ୍ରକୁ ଶଙ୍ଖେ ବୋଲି କହିଥିଲେ। କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ ଖର୍ଚ୍ଚଦାବିକୁ ବିରୋଧ କରି କହିଛନ୍ତି, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନେଇ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି। ଶିକ୍ଷାକ୍ଷେତ୍ରରେ ଏସସି/ଏସ୍‌ଟି ଛାତ୍ରୀଛାତ୍ର +୨ ଏବଂ ତଦୁର୍ଦ୍ଧ୍ୱ ପଢ଼ିବା ପାଇଁ ସୁବିଧା ନ ଥିବାରୁ ଅଧାରୁ ପାଠ ଛାଡୁଛନ୍ତି। ସଂଖ୍ୟାଲଘୁ ପୀଠ, ଚର୍ଚ୍ଚ, ଗୁରୁଦ୍ୱାର ଆଦିର ବିକାଶ ପାଇଁ କିଛି ବ୍ୟବସ୍ଥା କରାଯାଉନି। ଓଡ଼ିଶାରେ ସଂଖ୍ୟାଲଘୁ ଆୟୋଗ ଗଠନ ହୋଇପାରିଲାନି। ୱାକଫ୍ ବୋର୍ଡ, ହଜ୍ କମିଟି ଅଚଳ ହୋଇପଡ଼ିଛି। ଉର୍ଦ୍ଦୁ ଟ୍ରେନିଂ ସ୍କୁଲରେ ଶିକ୍ଷକ ନାହାନ୍ତି। ବକ୍ସି ବଜାରରେ ଥିବା ଏକମାତ୍ର ଉର୍ଦ୍ଦୁ ଲାଇବ୍ରେରି ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଏସବୁ ପ୍ରମାଣିତ କରୁଛି ଯେ ରାଜ୍ୟ ସରକାର ସଂଖ୍ୟାଲଘୁଙ୍କ ପାଇଁ ବିଗତ ବର୍ଷଗୁଡ଼ିକରେ କୌଣସି ପଦକ୍ଷେପ ନେଇନାହାନ୍ତି। ସେହିପରି ଦଳର ଅନ୍ୟତମ ସଦସ୍ୟ ନବଚରଣ ମାଝୀ, ପ୍ରକାଶ ସୋରେନ୍, କୁସୁମ ଟେଟେ ନିଜନିଜ ମତାମତ ରଖିଛନ୍ତି। ଭାଜପା ସଦସ୍ୟ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ସଂଖ୍ୟାଲଘୁ ଓ ଦଳିତଙ୍କୁ ସରକାର କେବଳ ଭୋଟବ୍ୟାଙ୍କରେ ପରିଣତ କରିଛନ୍ତି। ସଂଖ୍ୟାଲଘୁ ଓ ଦଳିତ ବହୁଳ ଭଦ୍ରକରେ ଏକ ମେଡିକାଲ କଲେଜ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ସରକାର ଶୁଣୁନାହାନ୍ତି। କେନ୍ଦ୍ରର ସହଯୋଗ ଥିଲେ ବି ରାଜ୍ୟ ସରକାର ଏଥିପ୍ରତି କୁଣ୍ଠାବୋଧ କରୁଛନ୍ତି। ତେଣୁ ମେଡିକାଲ କଲେଜ ପାଇଁ ତାଙ୍କ ଦରମା ନେଇଯାଆନ୍ତୁ ବୋଲି ସେ କହିଛନ୍ତି। ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ଓଡ଼ିଶାରେ ଯଥାଶୀଘ୍ର ଜାତିଭିତ୍ତିକ ଜନଗଣନା କରିବାକୁ ମତ ରଖିଛନ୍ତି। ତେବେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଗୃହରେ ଉତ୍ତର ରଖିବାବେଳେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଭାଜପା ଏବଂ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ।

ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି, ୨୦୧୧ ମସିହା ଜନଗଣନା ଅନୁଯାୟୀ ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅନୁସୂଚିତ ଜନଜାତି, ୧୭.୧୩ ପ୍ରତିଶତ ଅନୁସୂଚିତ ଜାତି ଏବଂ ୫.୫ ପ୍ରତିଶତ ସଂଖ୍ୟାଲଘୁ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ। ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଏହି ବିଭାଗର କାର୍ଯ୍ୟକ୍ରମ ବ୍ୟୟ ଅଟକଳ ବାବଦରେ ମୋଟ ୩୬୦୧ କୋଟି ୭୭ ଲକ୍ଷ ୬୯ ହଜାର ଟଙ୍କା, ପ୍ରଶାସନିକ ବ୍ୟୟ ବାବଦରେ ମୋଟ ୧୦୪୯ କୋଟି ୯୮ ଲକ୍ଷ ଟଙ୍କା ଏବଂ ନିର୍ଦ୍ଦେଶିତ ରାଶି ବାବଦକୁ ୨ ଲକ୍ଷ ଟଙ୍କା ଏପରି ମୋଟ ୪୬୫୧ କୋଟି ୭୭ ଲକ୍ଷ ୬୯ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟସ୍ତରୀୟ ୯ଟି ଯୋଜନା ରଖାଯାଇଥିବା ବେଳେ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ୪ଟି ଯୋଜନା ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

# ଦୀପିକାଙ୍କୁ କଙ୍ଗନାଙ୍କ ପ୍ରଶଂସା



ମୁମ୍ବାଇ

ଆମେରିକାର ଡଲ୍‌ବି ଥିଏଟରରେ ୯୫ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଦୀପିକା ପାଦୁକୋନ୍ ଉପସ୍ଥାପିକା ଭାବେ ପ୍ରତିନିଧିତ୍ୱ କରିଥିଲେ, ଯାହା ଦେଶ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଏଥିସହ ଭାରତୀୟ ୨ ଚଳଚ୍ଚିତ୍ର ଓସ୍କାର ବିଜୟୀ ହେବା ବିଶ୍ୱ ଦରବାରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦୀପିକା ଓସ୍କାର ମଞ୍ଚରେ ଦେଶକୁ ପ୍ରତିନିଧିତ୍ୱ କରୁଥିବାବେଳେ ସେ ସମସ୍ତ ହୃଦୟ ଜିଣିବାରେ ସକ୍ଷମ ହୋଇଥିଲେ। ସବୁବେଳେ ବଲିଉଡ୍ କଳାକାରଙ୍କୁ ଟାର୍ଗେଟ୍ କରୁଥିବା ଅଭିନେତ୍ରୀ କଙ୍ଗନା ରଣାୱତ୍ ଦୀପିକାଙ୍କ ପ୍ରତିନିଧିତ୍ୱକୁ ଟୁଇଟ୍ ମାଧ୍ୟମରେ ପ୍ରଶଂସା କରିଛନ୍ତି। ସେ ଓସ୍କାର ମଞ୍ଚରୁ ଦୀପିକାଙ୍କ ଭାଷଣର ଏକ ଭିଡିଓ କ୍ଲିପ୍‌କୁ ଶେୟାର କରି ଏକ ଭିନ୍ନ ଅନ୍ଦାଜରେ ତାଙ୍କୁ ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, ଦୀପିକା ଏହି ବେଶରେ ବହୁତ ସୁନ୍ଦର ଦେଖାଯାଉଛନ୍ତି। ସମଗ୍ର ଦେଶକୁ ଏକାଠି ଧରି ସେଠାରେ ଠିଆହେବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। ଦୀପିକା ନିଜକୁ ସେଠାରେ ଠିଆ କରାଇ ଭାରତୀୟ ମହିଳାମାନେ ସବୁଠୁ ଶ୍ରେଷ୍ଠ ବୋଲି ପ୍ରମାଣ କରିଛନ୍ତି। ଏଥିସହ ତାଙ୍କୁ ଅନେକ ଅଭିନେତ୍ରୀ ଓ ଅଭିନେତା ପ୍ରଶଂସା କରିଛନ୍ତି। ତେବେ ପୂର୍ବରୁ ଦୀପିକା ଏକମାତ୍ର ଅଭିନେତ୍ରୀ ଭାବେ କାତାରରେ ଆୟୋଜିତ ହୋଇଥିବା ଫୁଟବଲ୍ ମ୍ୟାଚର ଟ୍ରଫି ଉନ୍ମୋଚନ କରି ଭାରତର ନାମ ରଖିଥିଲେ। ଏଥିସହ ପ୍ୟାରିସ୍ ଫ୍ୟାଶନ୍ ୱିକ୍‌ରେ ମଧ୍ୟ ସେ ଯୋଗଦେଇଥିବାବେଳେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜୁରି ମେମ୍ବର ଭାବେ ଉପସ୍ଥିତ ଥିଲେ।

# ‘ନାଟୁ ନାଟୁ’ ଗୀତର ଲାଇଭ୍ ପରଫର୍ମାନ୍ସକୁ ଷ୍ଟାଣ୍ଡିଂ ଓଭେଶନ୍

**ମୁମ୍ବାଇ:** ଆମେରିକାର ଲସ୍‌ଏଞ୍ଜେଲ୍‌ସର ଡଲ୍‌ବି ଥିଏଟରରେ ୯୫ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାର ସମାରୋହ ଆରମ୍ଭ ହୋଇଯାଇଛି। ଏହି ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଭାରତ ଇତିହାସ ସୃଷ୍ଟି କରିଛି। ଏସ୍‌ଏସ୍ ରାଜମୌଳିଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ଆର୍‌ଆର୍‌ଆର୍’ର ନାଟୁ ନାଟୁ ଶ୍ରେଷ୍ଠ ଅରିଜିନାଲ ଗୀତ ବର୍ଗରେ ପୁରସ୍କୃତ ହୋଇଛି। ଏହି ଗୀତ ପ୍ରଥମ ଭାରତୀୟ ସଙ୍ଗୀତ ଏବଂ ‘ଆର୍‌ଆର୍‌ଆର୍’ ପ୍ରଥମ ଭାରତୀୟ ଫିଲ୍ମ ଭାବେ ଓସ୍କାର ଷ୍ଟେଜ୍‌ରେ ପୁରସ୍କୃତ ହୋଇଛି। ବ୍ରିଟିଶ୍ ସରକାରଙ୍କ କବଳରେ ଫସିଥିବା ଜଣେ ଛୋଟ ଝିଅକୁ ବଞ୍ଚାଇବାକୁ ଯାଇ ଜୁନିୟର ଏନ୍‌ଟିଆର୍ ଏବଂ ରାମଚରଣଙ୍କ ମଧ୍ୟରେ ବନ୍ଧୁତା ପରେ ରାମଚରଣ ବ୍ରିଟିଶ ସରକାରଙ୍କ ଚାପରେ ଆସି ସାଙ୍ଗକୁ ଧୋକା ଦେଇଥିଲେ। ପରେ ଛୋଟ ଝିଅକୁ ସାଙ୍ଗ ସହ ମିଳି ଉଦ୍ଧାର କରିଥିଲେ। ଅନ୍ୟପଟେ ନିଜ ଗ୍ରାମକୁ ବ୍ରିଟିଶ ସରକାରଙ୍କ କବଳରୁ ଉଦ୍ଧାର କରିବାକୁ ଜୁନିୟର ଏନ୍‌ଟିଆର୍ ତାଙ୍କ ବାପାଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଥିବା ସେଥିରେ ଦର୍ଶାଯାଇଛି।



ଓସ୍କାର ମଞ୍ଚରେ ନାଟୁ ନାଟୁ ଗୀତରେ ଗାୟକମାନେ ଡ୍ୟାନ୍ସ କରୁଛନ୍ତି।

ଅନ୍ୟପଟେ ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ ବର୍ଗରେ ୩୯ ମିନିଟ୍‌ର ଭାରତୀୟ କ୍ଷୁଦ୍ର ଚଳଚ୍ଚିତ୍ର ‘ଏଲିଫ୍ୟାଣ୍ଟ ହୁଇସ୍‌ପରର୍ସ’ ଓସ୍କାର ବିଜୟୀ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଥିବା କାର୍ତ୍ତିକି ଗୋନସାଲଭେସ୍ ଏବଂ ଗୁନିତ୍ ମୁଙ୍ଗା ପୁରସ୍କାର ଗ୍ରହଣ କରିଥିଲେ। ଜଙ୍ଗଲରେ ଏକ ପରିତ୍ୟକ୍ତ ହାତୀ ଶାବକ ଓ ଏକ ଦମ୍ପତିଙ୍କ ମଧ୍ୟରେ ଗଢ଼ି ଉଠିଥିବା ସମ୍ପର୍କକୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ତାମିଲ ଭାଷାରେ ନିର୍ମିତ ହୋଇଥିଲା। ସେଥିରେ ଭାରତୀୟ ଜଙ୍ଗଲର ମନୋରମ ପରିବେଶ ଓ ପ୍ରକୃତିର ସୌନ୍ଦର୍ଯ୍ୟତାକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ତେବେ ଫିଲ୍ମ ‘ଆର୍‌ଆର୍‌ଆର୍’ର ନାଟୁ ନାଟୁ ଗୀତକୁ ନେଇ ଓସ୍କାର ପୁରସ୍କାର ସମାରୋହରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅଭିନେତା ରାମଚରଣ ଓ ଜୁନିୟର ଏନ୍‌ଟିଆର୍ ଦୁହେ ଭାବବିହ୍ୱଳ ହୋଇ ଦୁହିଙ୍କୁ କୁଣ୍ଢାଇଥିଲେ। ପରେ ଗାୟକମାନେ ସେହି ଗୀତର ଲାଇଭ୍ ପରଫର୍ମାନ୍ସ କରି ଦର୍ଶକଙ୍କୁ ବିଭୋର କରିଥିଲେ। ଏଥିରେ ଦର୍ଶକ ଆନନ୍ଦିତ ହେବାସହ ଠିଆହୋଇ କରତାଳିରେ ସମ୍ବର୍ଦ୍ଧନା ଦେଇଥିଲେ। ଏହି ପୁରସ୍କାର ଘୋଷଣା ସମୟରେ ଉପସ୍ଥାପିକା ଦୀପିକା ପାଦୁକୋନ ଖୁସିରେ କାନ୍ଦି ପକାଇଥିଇଲେ। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମିଚେଲି ୟୋହ୍, ଶ୍ରେଷ୍ଠ ଅଭିନେତା ଭାବେ ବ୍ରେଣ୍ଡନ ଫ୍ରାସର, ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ଜାମି ଲି କର୍ଟିସ୍, ଶ୍ରେଷ୍ଠ ସହାୟକ ଅଭିନେତା ଭାବେ କେ ହ୍ୟୁ କ୍ୱାନ୍, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଡାନିଏଲ୍ କ୍ୱାନ ଏବଂ ଡାନିଏଲ୍ ସିନେରେଟ୍, ଶ୍ରେଷ୍ଠ ଆନିମେଟେଡ୍ ଫିଚର ଫିଲ୍ମ ଭାବେ ଗୁଇଲେରମୋ ଡେଲ ଟୋରୋସ୍ ପିନୋଚିଓ, ଶ୍ରେଷ୍ଠ ସିନେମାଟୋଗ୍ରାଫି ଏବଂ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଏବଂ ଶ୍ରେଷ୍ଠ ପ୍ରଡକ୍ସନ ଡିଜାଇନ୍ ଭାବେ ଅଲ୍ କୁଇଟ୍ ଅନ୍ ଦି ୱେଷ୍ଟର୍ନ ଫ୍ରଣ୍ଟ, ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଚର ଫିଲ୍ମ ଭାବେ ନାଭାଲନିକୁ ପୁରସ୍କୃତ କରାଯାଇଛି। ତେବେ କଷ୍ଟମ ଡିଜାଇନର ଭାନୁ ଆଥିଆ, କମ୍ପୋଜର ଏଆର୍ ରେହମାନ୍, ଲିରିସିଷ୍ଟ ଗୁଲଜାର, ସାଉଣ୍ଡ ଇଞ୍ଜିନିୟର ରିସୁଲ ପୋକୁଟି ଏବଂ ଲିଜେଣ୍ଡାରି ଫିଲ୍ମ ମେକର ସତ୍ୟଜିତ୍ ରାୟ ଭାରତୀୟ ଭାବେ ପୂର୍ବରୁ ଓସ୍କାର ପୁରସ୍କାର ଜିଣିଛନ୍ତି।



ଡକ୍ୟୁମେଣ୍ଟାରି ଶର୍ଟ ଫିଲ୍ମ ‘ଏଲିଫ୍ୟାଣ୍ଟ ହୁଇସ୍‌ପରର୍ସ’ର ନିର୍ଦ୍ଦେଶିକା କାର୍ତ୍ତିକି ଗୋନସାଲଭେସ୍ ଏବଂ ଗୁନିତ୍ ମୁଙ୍ଗା ଓସ୍କାର ପୁରସ୍କାର ଗ୍ରହଣ କରୁଛନ୍ତି।



(ଫିଲ୍ମ- ଦ ହ୍ୱେଲ) ଶ୍ରେଷ୍ଠ ଅଭିନେତା- ବ୍ରେଣ୍ଡନ୍ ଫ୍ରାସର



(ଫିଲ୍ମ-ଏଭ୍ରିଥିଙ୍ଗ୍ ଏଭ୍ରିହୋୟାର ଅଲ୍ ଆଟ୍ ୱାନ୍ସ) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ-ଜେମି ଲି କର୍ଟିସ୍



(ଫିଲ୍ମ-ଅଲ୍ କ୍ୱେଟ୍ ଅନ୍ ଦି ୱେଷ୍ଟର୍ନ ଫ୍ରଣ୍ଟ)
ଶ୍ରେଷ୍ଠ ସିନେମାଟୋଗ୍ରାଫି ଆୱାର୍ଡ-ଜେମ୍‌ସ ଫ୍ରେଣ୍ଡ



(ଫିଲ୍ମ-ଏଭ୍ରିଥିଙ୍ଗ୍ ଏଭ୍ରିହୋୟାର ଅଲ୍ ଆଟ୍ ୱାନ୍ସ)
ଶ୍ରେଷ୍ଠ ଅଭିନେତ୍ରୀ- ମିଶେଲ ୟେହୋ

Business

# ‘ଯୋଗ୍ୟ ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ’

ଭୁବନେଶ୍ୱର, ୧୩।୩

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏକ ବିଶେଷ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀ କର୍ମଚାରୀମାନଙ୍କ କଲ୍ୟାଣକୁ ସର୍ବଦା ପ୍ରାଥମିକତା ଦେଉଥିବା ଜଣାପଡିଛି। ଏପରିକି ସଂସ୍ଥାର ଆବଶ୍ୟକତା ଓ ନିୟାମକ(ଓଇଆର୍‌ସି)ର ଅନୁମୋଦନ ଅନୁସାରେ ସ୍ଥାନୀୟ ଯୋଗ୍ୟ ଯୁବପିଢ଼ିଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ କମ୍ପାନୀ ପ୍ରତିବଦ୍ଧ ରହିଛି। ଉଲ୍ଲେଖଯୋଗ୍ୟ ଗତ ତିନି ବର୍ଷ ମଧ୍ୟରେ କମ୍ପାନୀ ୧୮ଟି ବିଭାଗରେ ୬୩୫ ସ୍ଥାନୀୟ ଯୁବପିଢ଼ିଙ୍କୁ ନିଯୁକ୍ତି ଦେଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ କହିଛନ୍ତି, ସ୍ଥାନୀୟ ଯୋଗ୍ୟ ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଟିପିସିଓଡିଏଲ୍‌ରେ ଆମେ ପ୍ରତିବଦ୍ଧ ରହିଛୁ ଏବଂ ଏକ ସୁରକ୍ଷିତ ଓ ସଶକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଉପରେ ଆମର ବିଶ୍ୱାସ ରହିଛି। ଏକ ସଶକ୍ତ ଶ୍ରମଶକ୍ତି ସୃଷ୍ଟି କରିବା ଲାଗି ସାମାଜିକ ସୁରକ୍ଷା ବ୍ୟବସ୍ଥାର ସମ୍ପ୍ରସାରଣ ଏବଂ ଦକ୍ଷତା ବିକାଶ ଅଭିଯାନ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ୨୦୨୦ଜୁନ୍‌ରେ ଶୁଭାରମ୍ଭ ହେବା ପରଠାରୁ କମ୍ପାନୀ ବୈଧାନିକ ନିୟମଗୁଡ଼ିକୁ ପାଳନ କରିବା,ସାମାଜିକ ସୁରକ୍ଷା, ନିରାପତ୍ତା ଏବଂ ଏହାର କର୍ମଚାରୀମାନଙ୍କ କ୍ୟାରିୟରରେ ଅଭିବୃଦ୍ଧି ଲାଗି ବିଭିନ୍ନ ଅଭିଯାନ ଗ୍ରହଣ କରିଛି। ଇପିଏଫ୍ ଓ ଇଏସ୍‌ଆଇସି ଭଳି ସାମାଜିକ ସୁରକ୍ଷା ସ୍କିମ୍‌ରେ ସବୁ କର୍ମଚାରୀଙ୍କୁ ସାମିଲ କରିବା ଲାଗି କମ୍ପାନୀ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଏହାସହିତ ସମସ୍ତ କର୍ମଚାରୀଙ୍କୁ ୧୫ଲକ୍ଷ ଟଙ୍କାର ଏକ ଗ୍ରୁପ୍ ବ୍ୟକ୍ତିଗତ ଦୁର୍ଘଟଣା (ଜିପିଏ) ବୀମା ପଲିସି ଓ ମହାମାରୀ ସମୟରେ କୋଭିଡ୍‌ଜନିତ ମୃତ୍ୟୁ ଲାଗି ଏକ ୫ ଲକ୍ଷ ଟଙ୍କାର ଜୀବନ ବୀମା ପଲିସିରେ ଅନ୍ତର୍ଭୁକ୍ତ କରାଯାଇଛି। ଅପରପକ୍ଷରେ କର୍ମଚାରୀମାନଙ୍କ ଶିକ୍ଷଣୀୟ ଭାବ ଓ ବିକାଶକୁ ସୁଦୃଢ଼ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଏହାର ୫ଟି ବିଦ୍ୟୁତ୍ ସର୍କଲ ଯଥା ଭୁବନେଶ୍ୱର, କଟକ, ପୁରୀ, ଅନୁଗୋଳ ଓ ପାରାଦୀପରେ ୫ଟି ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରାଯାଇଛି, ଯାହା ଏହାର ସମସ୍ତ ଶ୍ରମଶକ୍ତି ସମେତ ବିଜନେସ୍ ଆସୋସିଏଟ୍‌ସ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବା ଲାଗି ବର୍ଷତମାମ କାର୍ଯ୍ୟ କରୁଛି।

# ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୪%

ନୂଆଦିଲ୍ଲୀ, ୧୩।୩



ଚଳିତ ବର୍ଷ ଫେବୃୟାରୀ ମାସର ଖୁଚୁରା ମୁଦ୍ରାସ୍ଫୀତି ଫଳାଫଳ ସୋମବାର ପ୍ରକାଶିତ ହୋଇଯାଇଛି। ବିଭାଗୀୟ ସୂଚନା ଅନୁସାରେ ଫେବୃୟାରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ସାମାନ୍ୟ ହ୍ରାସ ଘଟି ୬.୪୪ %ରେ ରହିଛି। ୨୦୨୩ ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୪% ରହିଛି। ଚଳିତ ବର୍ଷ ଜାନୁୟାରୀରେ ଏହାର ହାର ୬.୫୨% ରହିଥିଲା। ଅପରପକ୍ଷରେ ୨୦୨୨ ବର୍ଷର ସମାନ ଅବଧି ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୦୭% ରହିଥିଲା। ବିଶେଷ କରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଧାର୍ଯ୍ୟଲକ୍ଷ୍ୟଠାରୁ ଏହା ବେଶ ଅଧିକ ବୋଲି କୁହାଯାଉଛି। କାରଣ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାରରେ ପରିବର୍ତ୍ତନ ଦେଖାଦେଇଛି। ଉଲ୍ଲେଖଯୋଗ୍ୟ, ଫେବୃୟାରୀରେ ଖାଦ୍ୟ ଦରବୃଦ୍ଧି ହାର ୫.୯୫% ରହିଛି, ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପଛର ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ହାର କାରଣ ବୋଲି କୁହାଯାଉଛି। ଏପରିକି ଚଳିତ ବର୍ଷ ଜାନୁୟାରୀରେ ଖାଦ୍ୟ ଦରବୃଦ୍ଧି ହାର ୬% ରହିଥିଲା। ସେହିଭଳି ୨୦୨୩ ଫେବୃୟାରୀର ଖାଦ୍ୟଶସ୍ୟ ଏବଂ ଏହା ସହ ଜଡିତ ଉତ୍ପାଦର ଦରବୃଦ୍ଧି ହାର ୧୬.୭୩% ରହିଥିବା ବେଳେ ଦୁଗ୍ଧ ଏବଂ ଏହା ସହ ଜଡିତ ଉତ୍ପାଦଗୁଡିକ ଦରବୃଦ୍ଧି ହାର ୯.୬୫% ଏବଂ ମସଲା ଉତ୍ପାଦଗୁଡିକର ଦରବୃଦ୍ଧି ହାର ୨୦.୨୦%ରେ ରହିଛି। ସେହିପରି ଖୁଚୁରା ମୁଦ୍ରାସ୍ଫୀତି ହାରରୁ ଅନୁମାନ କରାଯାଉଛି ଯେ ଚଳିତ ବର୍ଷ ଏପ୍ରିଲ ମାସରେ ଆରବିଆଇ ମୁଦ୍ରାନୀତି ସମୀକ୍ଷା (ଏମପିସି) ବୈଠକରେ ପୁଣି ଥରେ ୨୫ ବିପିଏସ ରେପୋ ରେଟ୍ ବଢାଇପାରେ। ଗତ ବର୍ଷ ମେ ମାସରୁ ଆଜି ମଧ୍ୟରେ ରିଜର୍ଭ ବ୍ୟାଙ୍କ ରେପୋ ରେଟରେ ୨୫୦ବେସିସ୍ ପଏଣ୍ଟ ବଢାଇ ସାରିଛି। ବର୍ତ୍ତମାନ ସମୟରେ ରେପୋ ରେଟ୍ ୬.୭୫% ରହିଛି, ଯଦି ଆରବିଆଇ ରେପୋ ରେଟ୍ ବଢାଏ ତେବେ ହୋମ୍ ଲୋନ୍ ସହ ଅନ୍ୟ ଋଣ ଉପରେ ସୁଧ ହାର ବଢିବ ବୋଲି ଆଶା କରାଯାଉଛି।

# ଆଜି ଦାୟିତ୍ୱ ଗ୍ରହଣ କରିବେ ସିଦ୍ଧାର୍ଥ

ନୂଆଦିଲ୍ଲୀ, ୧୩।୩



ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ଅନ୍ତରୀଣ ଅଧ୍ୟକ୍ଷ ଭାବେ ବରିଷ୍ଠ ବୀମା ଅଧିକାରୀ ସିଦ୍ଧାର୍ଥ ମହାନ୍ତି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ। ଏପରିକି ସେ ଆସନ୍ତା ୩ ମାସ ପାଇଁ ଏହି ଦାୟିତ୍ୱରେ ରହିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ସେହିଭଳି ମହାନ୍ତି ବର୍ତ୍ତମାନ ଏଲଆଇସି ହାଉସିଂ ଫାଇନାନ୍ସର ଏମଡି ଏବଂ ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଏପରିକି ୨୦୨୧ଫେବୃୟାରୀ ୧ରେ ମହାନ୍ତିଙ୍କୁ ଉକ୍ତ ପଦରେ ନିଯୁକ୍ତି ଦିଆଯାଇଥିଲା। ବିଶେଷ କରି ୨୦୨୩ ଜୁନ ୩୦ ପର୍ଯ୍ୟନ୍ତ ସେ ଉକ୍ତ ପଦରେ ରହିବେ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଏଲଆଇସିର ନେତୃତ୍ୱ ଜଣେ ଅଧ୍ୟକ୍ଷ ଏବଂ ଚାରି ଜଣ ଏମଡିଙ୍କ ହାତରେ ରହିଥାଏ। ବର୍ତ୍ତମାନ ସମୟରେ ବିଷ୍ଣୁ ଚରଣ ପଟ୍ଟନାୟକ, ଇ.ପି.ମିନି, ସିଦ୍ଧାନ୍ତ ମହାନ୍ତି ଏବଂ ରାଜ କୁମାର ଏମଡି ଭାବେ ଏଲଆଇସିରେ କାର୍ଯ୍ୟ କରୁଛନ୍ତି। ଏପରିକି ବର୍ତ୍ତମାନର ଏଲଆଇସି ଅଧ୍ୟକ୍ଷ ଏମ.ଆର.କୁମାରଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯାଇ ନ ଥିବା ନିଗମ ସ୍ପଷ୍ଟ କରିଛନ୍ତି।

# ଟାଟା ଟେକ୍ନୋଲୋଜିସ୍ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ, ୧୩।୩

ଇଞ୍ଜିନିୟରିଂ ସେବା ପ୍ରଦାନକାରୀ ସଂସ୍ଥା ଟାଟା ଟେକ୍ନୋଲୋଜିସ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ବିଶେଷ କରି ଅଫର ଫର ସେଲ୍ ଜରିଆରେ କମ୍ପାନୀର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ)ରେ ୯୫,୭୦୮,୯୮୪ ଇକ୍ୱିଟି ଶେୟାର ରହିଛି, ଯାହା କମ୍ପାନୀର ପେଡ୍-ଅପ୍ ଶେୟାରର ପ୍ରାୟ ୨୪% (୨୩.୬୦%) ବୋଲି କୁହାଯାଉଛି।



ସିରିଜ ବିଜୟୀ ହେବାପରେ ବର୍ଡର-ଗାଭାସ୍କର ଟ୍ରଫି ସହ ଟିମ୍ ଇଣ୍ଡିଆ।

# ଡବ୍ଲୁଟିସି ଫାଇନାଲରେ ଭାରତ

- ଭାରତ-ଅଷ୍ଟ୍ରେଲିଆ ୪ର୍ଥ ଟେଷ୍ଟ ଡ୍ର
- ୨-୧ରେ ସିରିଜ ଜିତିଲା ଟିମ୍ ଇଣ୍ଡିଆ
- କ୍ରମାଗତ ୪ର୍ଥ ଥରପାଇଁ ଭାରତ ବର୍ଡର-ଗାଭାସ୍କର ଟ୍ରଫି ବିଜୟୀ
- ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ
- ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ସିରିଜ

**ଅହମଦାବାଦ, ୧୩।୩ (ପି.ଟି.)**

ଭାରତ କ୍ରମାଗତ ଦ୍ୱିତୀୟ ଥରପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଫାଇନାଲରେ ପ୍ରବେଶ କରିଛି। ଖ୍ରୀଷ୍ଟଚର୍ଚ୍ଚଠାରେ ଅନୁଷ୍ଠିତ ଟେଷ୍ଟରେ ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡର ରୋମାଞ୍ଚକ ବିଜୟ ପରେ ଏହା ସ୍ପଷ୍ଟ ହୋଇଯାଇଛି। ଫଳରେ ଦୀର୍ଘବର୍ଷ ପରେ ଭାରତ ପୁଣି ଆଇସିସି ଟ୍ରଫି ଜିତିବା ସମ୍ଭାବନା ଉଜ୍ଜୀବିତ ହୋଇଛି। ଅନ୍ୟପକ୍ଷରେ ଏଠାରେ ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ଚତୁର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଡ୍ର'ରେ ଶେଷ ହୋଇଛି। ଫଳରେ ୨-୧ରେ ସିରିଜ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ଏଥିସହ କ୍ରମାଗତ ୪ର୍ଥ ଥରପାଇଁ ଭାରତ ବର୍ଡର-ଗାଭାସ୍କର ଟ୍ରଫି ଜିତିବାରେ ସକ୍ଷମ ହୋଇଛି। ଏହା ପୂର୍ବରୁ ୨୦୧୭ (ଘରୋଇ), ୨୦୧୮-୧୯ (ବାହାର) ଓ ୨୦୨୦-୨୧ (ବାହାର) ସିରିଜରେ ମଧ୍ୟ ଭାରତ ବିଜୟୀ ହୋଇଥିଲା।

ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସରେ ୭୮.୧ ଓଭର ଖେଳି ୨ ଉଇକେଟରେ ୧୭୫ ରନ କରିଥିବାବେଳେ ଉଭୟ ପକ୍ଷ ମ୍ୟାଚ ଶେଷ କରିବାକୁ ରାଜି ହୋଇଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ୮୪ ରନରେ ଅଗ୍ରଣୀ ହାସଲ କରିଥିଲା। ଟ୍ରାଭିସ ହେଡ୍ ୯୦ ଓ ମାଥ୍ୟୁ କନେମନ ୬ ରନକରି ଆଉଟ ହୋଇଥିବାବେଳେ ମାର୍ନସ ଲାବୁସେନ ୬୩ ଓ ଷ୍ଟିଭ୍ ସ୍ମିଥ୍ ୧୦ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅତି ସୁନ୍ଦର ଇନିଂସ ଖେଳିଥିବା ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

କ୍ରମାଗତ ଦ୍ୱିତୀୟଥରପାଇଁ ଡବ୍ଲୁଟିସି ଫାଇନାଲରେ ପ୍ରବେଶ କରିଥିବା ଭାରତକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଅଷ୍ଟ୍ରେଲିଆ ଏକ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ ଭଲଭାବେ ଜାଣିଛନ୍ତି। ଏହା ବ୍ୟତୀତ ଇଂଲଣ୍ଡ ପିଚ୍ ଭାରତୀୟ ସ୍ପିନରଙ୍କୁ ବିଶେଷ ସୁହାଇବ ନାହିଁ। ଜୁନ ପ୍ରଥମଭାଗରେ ଇଂଲଣ୍ଡ ପିଚ୍‌ରେ ମିଚେଲ ଷ୍ଟାର୍କ, ଜୋଶ୍ ହାଜେଲଉଡ୍, ଅଧିନାୟକ ପ୍ୟାଟ୍ କମିନ୍ସ ଓ ନାଥାନ ଲିୟନଙ୍କୁ ନେଇ ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣ ବେଶ୍ ଶାଣିତ ରହିବ। ମାତ୍ର ଏହି ବୋଲିଂ ଆକ୍ରମଣ ବିରୋଧରେ ଭାରତ ବିଦେଶ ମାଟିରେ ୨ଟି ସିରିଜ ଜିତି ସାରିଥିବାରୁ ଅହି ଅଭିଜ୍ଞତା ଉପଯୋଗୀ ହେବ। ଇଂଲଣ୍ଡ ମାଟିରେ ଭାରତ ଗୋଟିଏ ସ୍ପିନରଙ୍କୁ ନେଇ ଖେଳିବାକୁ ପସନ୍ଦ କରିବ। ଫିଟ୍‌ଥିଲେ ସେହି ସ୍ଥାନ ରବୀନ୍ଦ୍ର ଜାଡେଜା ହିଁ ନେବେ। ତେବେ ଯଶପ୍ରୀତ୍ ବୁମ୍‌ରା ଓ ରିଷଭ ପନ୍ତଙ୍କ ଅନୁପସ୍ଥିତି ଅନୁଭବ କରିବ ଟିମ୍ ଇଣ୍ଡିଆ।

### ୨୦୧୧ ପରଠାରୁ ଭାରତରେ ଅନୁଷ୍ଠିତ ବର୍ଡର--ଗାଭାସ୍କର ଟ୍ରଫିରେ ପ୍ଲେୟର ଅଫ୍ ଦି ସିରିଜ

୨୦୧୩: ରବିଚନ୍ଦ୍ରନ ଅଶ୍ୱିନ (୨୯ ଉଇକେଟ, ୨୦ ରନ)
୨୦୧୭: ରବୀନ୍ଦ୍ର ଜାଡେଜା (୨୫ ଉଇକେଟ, ୧୨୭ ରନ)
୨୦୨୩: ରବିଚନ୍ଦ୍ରନ ଅଶ୍ୱିନ (୨୫ ଉଇକେଟ, ୮୬ ରନ) ଓ ରବୀନ୍ଦ୍ର ଜାଡେଜା (୨୨ ଉଇକେଟ, ୧୩୫ ରନ)।

- ଅହମଦାବାଦ ଟେଷ୍ଟରେ ମାତ୍ର ୨୧ଟି ଉଇକେଟର ପତନ ଘଟିଥିଲା। ୨୦୦୯ରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ପରଠାରୁ ଏହା ସବୁଠାରୁ କମ୍।
- **ଶେଷ ୪ ବର୍ଡର-ଗାଭାସ୍କର ଟ୍ରଫି ଫଳାଫଳ**

୨୦୧୬-୧୭ (ଭେନ୍ୟୁ-ଭାରତ): ଭାରତ ୨-୧ରେ ସିରିଜ ବିଜୟୀ
୨୦୧୮-୧୯ (ଭେନ୍ୟୁ-ଅଷ୍ଟ୍ରେଲିଆ): ଭାରତ ୨-୧ରେ ସିରିଜ ବିଜୟୀ
୨୦୨୦-୨୧ (ଭେନ୍ୟୁ-ଅଷ୍ଟ୍ରେଲିଆ): ଭାରତ ୨-୧ରେ ସିରିଜ ବିଜୟୀ
୨୦୨୨-୨୩ (ଭେନ୍ୟୁ-ଭାରତ): ଭାରତ ୨-୧ରେ ସିରିଜ ବିଜୟୀ (କ୍ରମାଗତ ୪ର୍ଥ ଥରପାଇଁ କୌଣସି ଏକ ଦଳ ବର୍ଡର-ଗାଭାସ୍କର ଟ୍ରଫି ଜିତିବା ଏହା ପ୍ରଥମ)।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୮୦। ଭାରତ ପ୍ରଥମ ଇନିଂସ: ୫୭୧। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୭୫/୨/ ଘୋଷଣା (ଟ୍ରାଭିସ ହେଡ୍-୯୦, ମାର୍ନସ ଲାବୁସେନ-୬୩*, ରବିଚନ୍ଦ୍ରନ ଅଶ୍ୱିନ-୧/୫୮, ଅକ୍ଷର ପଟେଲ-୧/୩୬)।

## ନ୍ୟୁଜିଲାଣ୍ଡ ବିଜୟରୁ ଭାରତକୁ ଫାଇଦା

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

କ୍ରମାଗତ ଦ୍ୱିତୀୟଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଫାଇନାଲରେ ପ୍ରବେଶ କରିଛି ଭାରତ। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିଥିବା ଭାରତ ୨-୧ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ତେବେ ଏହି ସିରିଜ୍ ବିଜୟ ଭାରତର ଫାଇନାଲରେ ପ୍ରବେଶ ପାଇଁ ଯଥେଷ୍ଟ ନ ଥିଲା। ଖ୍ରୀଷ୍ଟଚର୍ଚ୍ଚରେ ଅନ୍ତିମ ଦିନରେ ୨୮୬ ରନ୍ ପିଛାକରି ଜିତିବା ସହିତ ନ୍ୟୁଜିଲାଣ୍ଡ ଭାରତକୁ ଫାଇନାଲରେ ପହଞ୍ଚାଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସଂସ୍କରଣ ଚାମ୍ପିୟନ ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ପାକିସ୍ତାନ ଭଳି ଦଳ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ବେଳେ ଅଷ୍ଟ୍ରେଲିଆ, ଭାରତ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଫାଇନାଲ ଦାବିଦାର ରହିଥିଲେ। ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟୀ ହେବା ପରେ ଦକ୍ଷିଣ ଆଫ୍ରିକାର ଫାଇନାଲ ପ୍ରବେଶ ଆଶା ମଉଳି ଯାଇଥିଲା। ତୃତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୯ ଉଇକେଟରେ ଜିତିବା ସହିତ ୬୮.୫୨ ପର୍ସେଣ୍ଟେଜ୍ ପଏଣ୍ଟ ସହିତ ଆଗୁଆ ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଥିଲା। ଚତୁର୍ଥ ଟେଷ୍ଟ ଜିତିଲେ ଭାରତ ଫାଇନାଲରେ ପ୍ରବେଶ କରିଥାନ୍ତା ମାତ୍ର ଏହା ଡ୍ରରେ ଶେଷହେବା କାରଣରୁ ଭାରତର ପର୍ସେଣ୍ଟେଜ୍ ପଏଣ୍ଟ ୬୦.୨୯ରେ ରହିଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କାର ପର୍ସେଣ୍ଟେଜ୍ ପଏଣ୍ଟ ୫୩.୩୩ ରହିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ୨-୦ରେ ଜିତିଥିଲେ ୬୧.୧୧ର ପର୍ସେଣ୍ଟେଜ୍ ପଏଣ୍ଟ ସହିତ ଏହା ଫାଇନାଲରେ ପ୍ରବେଶ କରିଥାନ୍ତା। ତେବେ ନ୍ୟୁଜିଲାଣ୍ଡ ଜିତିବା ସହିତ କ୍ରମାଗତ ଦ୍ୱିତୀୟଥର ଡବ୍ଲୁଟିସି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି ଭାରତ।



ଉସମାନ ଖ୍ୱାଜାଙ୍କୁ ନିଜ ଜର୍ସି ଉପହାର ଦେଉଛନ୍ତି ବିରାଟ କୋହଲି।

## ଶେଷ ବଲ୍‌ରେ ନ୍ୟୁଜିଲାଣ୍ଡର ରୋମାଞ୍ଚକର ବିଜୟ

**ଖ୍ରୀଷ୍ଟଚର୍ଚ୍ଚ, ୧୩।୩ (ପି.ଟି.)**

ହାଗ୍‌ଲେ ଓଭାଲରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡର ରୋମାଞ୍ଚକର ବିଜୟ। ମ୍ୟାଚ୍‌ର ଅନ୍ତିମ ବଲ୍‌ରେ ବାଇରୁ ୧ ରନ୍ ସଂଗ୍ରହ କରିବା ସହିତ କେନ୍ ୱିଲିୟମସନ୍ ଓ ନୀଲ୍ ୱାଗନର ଦଳକୁ ଜିତାଇଥିଲେ। ୨ ଉଇକେଟରେ ଜିତିବା ସହିତ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ଦୁଇ ସପ୍ତାହ ମଧ୍ୟରେ ଟେଷ୍ଟରେ ନ୍ୟୁଜିଲାଣ୍ଡର ଏହା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ବିଜୟ। ପୂର୍ବରୁ ବେସିନ୍ ରିଜର୍ଭରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ମାତ୍ର ୧ ରନ୍‌ରେ ଜିତିବାରେ ସମର୍ଥ ହୋଇଥିଲା। ମେଘୁଆ ପାଗ କାରଣରୁ ୨୦ ଓଭର ଖେଳ ସମ୍ଭବ ହୋଇ ନ ଥିଲା। ୨୮୬ ରନ୍‌ର ପିଛା କରୁଥିବା ନ୍ୟୁଜିଲାଣ୍ଡକୁ ଅନ୍ତିମ ୨୦ ଓଭରରେ ୧୩୧ ରନ୍ ଆବଶ୍ୟକ ରହିଥିଲା। କେନ୍ ୱିଲିୟମ୍‌ସନ୍ ଅପରାଜିତ ୧୨୧ ରନ୍‌ର ଇନିଂସ ଖେଳିଥିବା ବେଳେ ପ୍ରଥମ ଇନିଂସର ଶତକ ହାସଲକାରୀ ଡେରିଲ୍ ମିଚେଲ୍ ଦ୍ରୁତ ୮୧ ରନ୍ କରି ଦଳ ପାଇଁ ବିଜୟର ପଥ ପ୍ରସ୍ତୁତ କରିଥିଲେ। ୧୯୪ ବଲ୍ ଖେଳି ୱିଲିୟମସନ୍ ୧୧ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ୮୬ ବଲ୍ ଖେଳିଥିବା ମିଚେଲ ୩ ଚୌକା ଓ ୪ ଛକା ମାରିଥିଲେ। ଏକଦା ୨୬୬ ରନ୍‌ରେ ୫ ଉଇକେଟ ହରାଇଥିବା ନ୍ୟୁଜିଲାଣ୍ଡ ପରବର୍ତ୍ତୀ ୧୪ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା। ୬୯.୩ ଓଭରରେ ମ୍ୟାଟ୍ ହେନ୍‌ରୀ ରନ୍‌ଆଉଟ ହେବା ପରେ ୩ ବଲ୍‌ରୁ ୬ ରନ୍ ଆବଶ୍ୟକ ଥିଲା। ପରବର୍ତ୍ତୀ ବଲ୍‌ରେ କେନ୍ ୱିଲିୟମସନ୍ ଚୌକା ମାରିଥିଲେ। ୫ ନମ୍ବର ବଲ୍‌ରୁ ୧ ରନ୍ ଆସିବା ପରେ ଅନ୍ତିମ ବଲ୍‌ରେ ବିଜୟ ପାଇଁ ୧ ରନ୍ ଆବଶ୍ୟକ ରହିଥିଲା। ୱିଲିୟମସନ୍ ଓ ୱାଗନର ବାଇରୁ ୧ ରନ୍ ନେଇ ଦଳକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଆସିଥା ଫର୍ନାଣ୍ଡୋ ୩ ଓ ପ୍ରଭାତ ଜୟସୁରିୟା ୨ ଉଇକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଇନିଂସ୍‌ରେ ଶ୍ରୀଲଙ୍କା ୩୫୫ ରନ୍ କରିଥିବା ବେଳେ ଡାରିଲ ମିଚେଲଙ୍କ ଶତକ ବଳରେ ୩୭୩ ରନ୍ କରି ନ୍ୟୁଜିଲାଣ୍ଡ ୧୮ ରନ୍‌ର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ଶ୍ରୀଲଙ୍କା ୩୦୨ ରନ୍ କରିଥିଲା। ପ୍ରଭାବୀ ବ୍ୟାଟିଂ ପାଇଁ ଡାରିଲ ମିଚେଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଭାଗୀଦାରି ଅବସରରେ କେନ୍ ୱିଲିୟମସନ ଓ ଡେରିଲ୍ ମିଚେଲ୍।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ-୩୫୫। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ-୩୭୩। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ-୩୦୨। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ-୨୮୬/୮(କେନ୍ ୱିଲିୟମ୍‌ସନ୍-୧୨୧, ଡେରିଲ୍ ମିଚେଲ୍-୮୧, ଆସିଥା ଫର୍ନାଣ୍ଡୋ-୩/୬୩, ପ୍ରଭାତ ଜୟସୁରିୟା-୨/୯୨, କସୁନ ରଜିଥା-୧/୬୧, ଲାହିରୁ କୁମାରା-୧/୬୧)।

## ଭାଗ ନେଇପାରିବେନି କୋସୋଭୋ ବକ୍ସର

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** ଭାରତୀୟ ଭିଜା ହାସଲ କରିପାରି ନ ଥିବାରୁ ଏଠାରେ ବୁଧବାରଠାରୁ ହେବାକୁଥିବା ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ନ ପାରି ଅସନ୍ତୋଷ ପ୍ରକାଶ କରିଛନ୍ତି କୋସୋଭୋ ବକ୍ସର ଡନ୍‌ଜେଟା ସାଡିକୁ। ସେ ଭାରତକୁ ଇଭେଣ୍ଟ ଆୟୋଜନ ଅଧିକାର ପ୍ରଦାନକୁ ନେଇ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ(ଆଇବା)କୁ ପ୍ରଶ୍ନ କରିଛନ୍ତି। କୋସୋଭୋ ହେଉଛି ଦକ୍ଷିଣ ପୂର୍ବ ୟୁରୋପର ଏକ ବିବାଦୀୟ ଅଞ୍ଚଳ। ସାଡିକୁ କହିଛନ୍ତି, କୋସୋଭୋର କ୍ରୀଡ଼ାମନ୍ତ୍ରୀ ଭାରତ ସରକାରଙ୍କ ସହ ଯୋଗାଯୋଗ କରୁଛନ୍ତି, ହେଲେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଅଂଶଗ୍ରହଣରୁ ସେ ପୁନର୍ବାର ବଞ୍ଚିତ ହେବାକୁ ଯାଉଛନ୍ତି। ସାଡିକୁଙ୍କ କ୍ଷେତ୍ରରେ ଏହା ପ୍ରଥମ ନୁହେଁ। ୨୦୨୨ ଲାଇଟ୍‌ୱେଟ୍ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତାଙ୍କୁ ପୂର୍ବରୁ ଦୁଇଥର ଭାରତୀୟ ଭିଜା ମନା କରାଯାଇଛି। ଫଳରେ ସେ ୨୦୧୮ରେ ଦିଲ୍ଲୀରେ ଅନୁଷ୍ଠିତ ମହିଳା ଚାମ୍ପିୟନଶିପ୍ ଏବଂ ଗୁଆହାଟୀରେ ଓମେନ୍ସ ୟୁଥ୍ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାଗନେବାରୁ ବଞ୍ଚିତ ହୋଇଥିଲେ।

## ଭାରତୀୟ କ୍ୟାମ୍ପରେ ଅର୍ଚ୍ଚନା, କାଦମ୍ବିନୀ

**ଏସିଆନ ଖୋ ଖୋ ଚାମ୍ପିୟନଶିପ୍**



ଅର୍ଚ୍ଚନା ମାଝି ଓ କାଦମ୍ବିନୀ ମାଝି।

**ଭୁବନେଶ୍ୱର, ୧୩।୩ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ୪ର୍ଥ ଏସିଆନ ଖୋ ଖୋ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଚଳିତ ମାସ ୨୦ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାପାଇଁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ୧୪ରୁ ୧୮ ପର୍ଯ୍ୟନ୍ତ ଏକ କ୍ୟାମ୍ପ ଗୁଆହାଟୀରେ ଅନୁଷ୍ଠିତ ହେବ। ଏହି ଜାତୀୟ କ୍ୟାମ୍ପରେ ଯୋଗ ଦେବାପାଇଁ କିସ୍‌ର ଅର୍ଚ୍ଚନା ମାଝି ଓ କାଦମ୍ବିନୀ ମାଝି ମନୋନୀତ ହୋଇଛନ୍ତି। ସେଠାରେ ସେମାନେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ଦୁଇ ଖେଳାଳି ପୂର୍ବରୁ ଅନେକ ଟୁର୍ନାମେଣ୍ଟରେ ଦକ୍ଷତା ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି। ୨୦୧୯ ଡିସେମ୍ବରରେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ୫୩ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ, ସେହିବର୍ଷ ଅକ୍ଟୋବରରେ ଝାଡ଼ଖଣ୍ଡର ଧାନବାଦଠାରେ ଅନୁଷ୍ଠିତ ୩୦ତମ ଜାତୀୟ ସବ୍-ଜୁନିୟର ଖୋ ଖୋରେ ସ୍ୱର୍ଣ୍ଣ, ୨୦୨୦ ଜାନୁୟାରୀରେ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ୨୦୨୧ରେ ଭୁବନେଶ୍ୱରର କିଟ୍ ପରିସରରେ ଅନୁଷ୍ଠିତ ୪୦ତମ ଜାତୀୟ ଜୁନିୟର ଖୋ ଖୋରେ ବ୍ରୋଞ୍ଜ, ଜବଲପୁରରେ ଆୟୋଜିତ ୫୪ତମ ଜାତୀୟ ସିନିୟର ଖୋ ଖୋରେ ବ୍ରୋଞ୍ଜ, ୨୦୨୨ ସେପ୍ଟେମ୍ବରରେ ଅହମଦାବାଦରେ ଅନୁଷ୍ଠିତ ୩୬ତମ ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ଏବଂ ୨୦୨୩ ଫେବୃୟାରୀରେ ମଧ୍ୟପ୍ରଦେଶର ଜବଲପୁରରେ ଆୟୋଜିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଭୟ ଅର୍ଚ୍ଚନା ଓ କାଦମ୍ବିନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କ୍ୱାର୍ଟର ଫାଇନାଲରେ ଗଙ୍ଗପଡ଼ା

**ପୁରୁଣା ଭୁବନେଶ୍ୱର, ୧୩।୩ (ଡି.ଏନ.ଏ.)**

ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ସିଆଙ୍ଗସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ୫ମ ଆଧାର କାର୍ଡ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ବିଜୟୀ ହୋଇ ଗଙ୍ଗପଡ଼ା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ବାଙ୍କୁଆଲକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଙ୍କୁଆଲ ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ଗଙ୍ଗପଡ଼ା ୬.୩ ଓଭରରେ ୫ ଉଇକେଟ ହରାଇ ୭୫ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ବିଭୁ ଭୂଷଣ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଦୁଷ୍ମନ୍ତ ବଡ଼ଜେନା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମନୋଜ ମାର୍ଥା, ଅମରଦୀପ ପରିଡ଼ା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।



ବିଭୁ ଭୂଷଣଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ଲିନେକରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

**ଟୁଇଟର ପୋଷ୍ଟ ବିବାଦ**

**ଲଣ୍ଡନ, ୧୩।୩(ପି.ଟି.)**

ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ(ବିବିସି) ଇଂଲଣ୍ଡ ଫୁଟ୍‌ବଲ କିମ୍ବଦନ୍ତୀ ଗ୍ୟାରି ଲିନେକରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛି। ଲିନେକର ବିବିସିର ଲୋକପ୍ରିୟ କ୍ରୀଡ଼ା କାର୍ଯ୍ୟକ୍ରମ 'ମ୍ୟାଚ୍ ଅଫ୍ ଦି ଡେ'ର ଉପସ୍ଥାପକ। ସେ ମଙ୍ଗଳବାର ତାଙ୍କ ଟୁଇଟର ଆକାଉଣ୍ଟରେ ବ୍ରିଟିଶ୍ ସରକାରଙ୍କ ମାଇଗ୍ରେଶନ ପଲିସିର ସମାଲୋଚନା କରିଥିଲେ। ଅତୀତରେ ନାଜି ଜର୍ମାନୀରେ ଯେଉଁ ଭାଷା ବ୍ୟବହାର କରାଯାଉଥିଲା ରୁଷି ସୁନକ ସରକାର ପ୍ରବାସୀମାନଙ୍କ କ୍ଷେତ୍ରରେ ତାହା କରୁଛନ୍ତି ବୋଲି ସେ କହିଥିଲେ। ଲିନେକର ହେଉଛନ୍ତି ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ର ଜଣେ ଅନ୍ୟତମ ପ୍ରଭାବଶାଳୀ ଗଣମାଧ୍ୟମ ବ୍ୟକ୍ତିତ୍ୱ। ତାଙ୍କର ୮.୭ ନିୟୁତ ଫଲୋଅର ରହିଛନ୍ତି। ସୋସିଆଲ ମିଡିଆରେ ଏଭଳି ପୋଷ୍ଟିଂ ଦ୍ୱାରା ଗାଇଡ୍‌ଲାଇନର ଉଲ୍ଲଂଘନ କରାଯାଇଥିବା ଦର୍ଶାଇ ବିବିସି ତାଙ୍କୁ ସାମୟିକ ଭାବେ ନିଲମ୍ବନ କରିଥିଲା। ଲିନେକରଙ୍କ ଅନୁପସ୍ଥିତିରେ ବିବିସିର ସ୍ପୋର୍ଟ୍ସ କଭରେଜ ଦୁଇଦିନ ବାଧାପ୍ରାପ୍ତ ହୋଇଥିଲା।

## ହରିୟାଣା ବିପକ୍ଷରେ ଓଡ଼ିଶାର ସହଜ ବିଜୟ

**ଭୁବନେଶ୍ୱର, ୧୩।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଦୃଷ୍ଟି ବାଧିତ ଜାତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫିର ସୁପର-୮ ପର୍ଯ୍ୟାୟରେ ହରିୟାଣା ବିପକ୍ଷ ପ୍ରଥମ ଲିଗ୍ ମ୍ୟାଚ ଓଡ଼ିଶା ୫୯ ରନରେ ଜିତି ନେଇଛି। ହାଇଦ୍ରାବାଦସ୍ଥିତ ମାଷ୍ଟର୍ସ କ୍ରିକେଟ ଗ୍ରାଉଣ୍ଡରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ବିନିମୟରେ ୨୧୨ ରନ କରିଥିଲା। ଟପ୍ ସ୍କୋରର ଅଧିନାୟକ ସୁଖରାମ ୫୧ ବଲ୍‌ରୁ ୮୬ ରନ କରିଥିଲେ। ଏହା ବ୍ୟତୀତ ଧନପତି ଗୌଡ଼ ୨୭, ଲାଲ ପ୍ରସାଦ ସୋରେନ ୨୬ ଓ ନକୁଳ ବଡ଼ନାୟକ ୨୫ ରନ ଅବଦାନ ରହିଥିଲା। ୨୧୩ ରନର ବିଜୟ ଲକ୍ଷ୍ୟ ପିଛା କରି ହରିୟାଣା ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିପାରିଥିଲା। ଓଡ଼ିଶା ତରଫରୁ ସୁଖରାମ ୨ଟି ଏବଂ ମହମ୍ମଦ ଜାଫର ଇକ୍‌ବାଲ ଓ ଦେବରାଜ ବେହେରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୁଖରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁପର-୮ରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ମଙ୍ଗଳବାର ଚଣ୍ଡିଗଡ଼ ବିପକ୍ଷରେ ଖେଳିବ। ଏହି ମ୍ୟାଚ ହାଇଦ୍ରାବାଦର ଏୱାଇଆର୍ କ୍ରିକେଟ ଗ୍ରାଉଣ୍ଡରେ ହେବ।



ପୁରସ୍କାର ଗ୍ରହଣ ଅବସରରେ ସୁଖରାମ ମାଝି (ବାମ)।

# ଜର୍ମାନୀକୁ ହରାଇ ଶୀର୍ଷରେ ଭାରତ

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୩।୩**

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପ୍ରୋଲିଗ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୬–୩ ଗୋଲରେ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଜର୍ମାନୀ ବିପକ୍ଷରେ ଭାରତର ଏହା ଦ୍ୱିତୀୟ ଏବଂ କ୍ରମାଗତ ତୃତୀୟ ବିଜୟ। ୧୦ ତାରିଖରେ ନିଜର

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

**ଭାରତ-୬, ଜର୍ମାନୀ-୩**

ପ୍ରଥମ ମ୍ୟାଚରେ ଜର୍ମାନୀକୁ ୩–୨ ଗୋଲରେ ହରାଇଥିବା ଭାରତ ରବିବାର ଅଷ୍ଟ୍ରେଲିଆକୁ ୫–୪ ଗୋଲରେ ପରାସ୍ତ କରିଥିଲା। ଏଥିସହ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଭାରତ ୭ ମ୍ୟାଚରୁ ୧୭ ଏବଂ ସ୍ପେନ୍ ୮ ମ୍ୟାଚରୁ ୧୭ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ ଭାରତ ଆଗରେ ରହିଛି। ଆର୍ଜେଣ୍ଟିନା ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

ସୋମବାର ମ୍ୟାଚରେ ଜର୍ମାନୀ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଖେଳ ଆରମ୍ଭ କରିଥିଲେ ହେଁ ପରେ ଭାରତ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ୩ୟ ମିନିଟରେ ଟମ୍ ଗ୍ରାମ୍‌ବୁଶ୍ଚ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭ୍ରମଣକାରୀ ଦଳ ଅଗ୍ରଣୀ ରହିଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨୧ତମ ମିନିଟରେ ଯୁଗରାଜ ସିଂ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୨୨ତମ ମିନିଟରେ ଅଭିଷେକ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିବାବେଳେ ୨୩ତମ ମିନିଟରେ ଗୋଞ୍ଜାଲୋ ପିଲାଟ ଗୋଲ ପରିଶୋଧ କରିବାରୁ ମ୍ୟାଚ ୨–୨ ସ୍ଥିତିକୁ ଚାଲି ଆସିଥିଲା। ତେବେ ୨୪ତମ ମିନିଟରେ ସେଲଭାମ୍ କାର୍ଥି ଓ ୨୬ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୪–୨ ଗୋଲରେ ଅଗ୍ରଣୀଲାଭ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭ ହେବା କ୍ଷଣି ଅର୍ଥାତ୍ ୩୧ତମ ମିନିଟରେ ମାଲ୍‌ଟେ ହେଲ୍‌ୱିଗ୍ ଗୋଟିଏ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ୪ର୍ଥ କ୍ୱାର୍ଟରରେ ଭାରତ ୨ଟି ଗୋଲ ଦେବା ସହ ବଡ଼ ବିଜୟ ହାସଲ କରିଥିଲା। ୪୬ତମ ମିନିଟରେ କାର୍ଥି ଏବଂ ୫୧ତମ ମିନିଟରେ ଅଭିଷେକ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।



ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଭୁବନେଶ୍ୱର, ୧୩।୩(ସ୍ପୋର୍ଟ୍ସ ବ୍ୟୁରୋ):** ପୂର୍ବାଞ୍ଚଳ ରିଲାଏନ୍ସ ଫାଉଣ୍ଡେସନ୍ ଡେଭେଲପମେଣ୍ଟ ଲିଗ୍‌ରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ସୋମବାର ଘୋଷିତ ୨୨ ଜଣିଆ ଓଏଫ୍‌ସି ଦଳରେ ୧୫ ଜଣ ଓଡ଼ିଶା ଖେଳାଳି ସ୍ଥାନ ପାଇଛନ୍ତି। ଆସନ୍ତା ମାର୍ଚ୍ଚ ୧୪ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଓଏଫ୍‌ସି ବ୍ୟତିତ ପୂର୍ବାଞ୍ଚଳ ଜୋନ୍‌ରୁ ନ୍ୟୁ ଆଲିପୋର ସୁରୁଚି ସଂଘ, ୟୁନାଇଟେଡ୍ ଏସ୍‌ସି, ଜାମସେଦପୁର୍ ଏଫ୍‌ସି, ଏଟିକେ ମୋହନ ବାଗାନ, ମହମ୍ମଡାନ ସ୍ପୋର୍ଟିଂ ଓ ଇମାମୀ ଇଷ୍ଟବେଙ୍ଗଲ ଏଫ୍‌ସି ଅଂଶଗ୍ରହଣ କରିବେ। ଓଡ଼ିଶା ଏଫ୍‌ସି ଦଳ: ଗୋଲକିପର: ବିଶାଲ ଓରାମ, ସିଦ୍ଧାନ୍ତ ପ୍ରଧାନ, ନୀରଜ କୁମାର। ଡିଫେଣ୍ଡର: ଟଙ୍କଧର ବାଗ, ପିଣ୍ଟୁ ସାମଲ, ଲକ୍ଷ୍ମୀଧର ବଡନାୟକ, ଶ୍ରୀକାନ୍ତ ଭୋଇ, ହରିଶଙ୍କର ନାୟକ, ଓଙ୍ଗଡେନ୍ ଲାମା, ଧୀରଜ ଦତ୍ତ। ଫରୱାର୍ଡ: କାର୍ତ୍ତିକ ହନ୍ତାଳ, ଅକ୍ଷୁନ୍ନା ତ୍ୟାଗୀ, ଛାଙ୍ଗଟେ ଜୁନିୟର, ରିଷଭ ଡୋବ୍ରିୟାଲ, ରାଇସେନ୍ ଟୁଡୁ, ରାହୁଲ ମୁଖୀ, ଦୀନେଶ ସିଂ। ମିଡଫିଲ୍ଡର: ସମୀର କାରକେଟ୍ଟା, ପୁଙ୍ଗଟେ ଲାପୁଙ୍ଗ, ରଘୁ ମାର୍ଣ୍ଡି, ଚନ୍ଦ୍ରକାନ୍ତ ଦାସ, ଡି. ସଞ୍ଜୟ।

## ବ୍ରୁକ୍, ଗାର୍ଡନର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ



ହ୍ୟାରି ବ୍ରୁକ



ଆଶ୍‌ଲେ ଗାର୍ଡନର

**ଦୁବାଇ, ୧୩।୩ (ପି.ଟି.)**

ଭାରତର ରବୀନ୍ଦ୍ର ଜାଡେଜା ଓ ୱେଷ୍ଟଇଣ୍ଡିଜ୍‌ର ଗୁଡାକେଶ ମୋତିଙ୍କୁ ପଛରେ ପକାଇ ଇଂଲଣ୍ଡର ହ୍ୟାରି ବ୍ରୁକ୍ ଫେବୃୟାରୀ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ଦ୍ୱାରା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ମଧ୍ୟ ଆଶ୍‌ଲେ ଗାର୍ଡନର ଏହି ପୁରସ୍କାର ଲାଭ କରିଛନ୍ତି। ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ରେ ପ୍ରଭାବୀ ପ୍ରଦର୍ଶନ ପରେ ବ୍ରୁକ୍ ଦ୍ୱିତୀୟଥର ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ହାସଲ କରିପାରିଛନ୍ତି। ଦୁଇଥର ଏହି ପୁରସ୍କାର ଜିତିବାରେ ପାକିସ୍ତାନର ବାବର ଆଜମ୍‌ଙ୍କ ପରେ ବ୍ରୁକ୍ ହେଉଛନ୍ତି ଦ୍ୱିତୀୟ ପୁରୁଷ କ୍ରିକେଟର। ନିକଟରେ ଦକ୍ଷିଣ ଆଫ୍ରିକାରେ ଅଷ୍ଟ୍ରେଲିଆର ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଗାର୍ଡନର ଆଇସିସି ପୁରସ୍କାର ହାସଲ କରିପାରିଛନ୍ତି। ଗାର୍ଡନରଙ୍କ କ୍ଷେତ୍ରରେ ମଧ୍ୟ ଏହା ଦ୍ୱିତୀୟ। ପୂର୍ବରୁ ଗତ ଡିସେମ୍ବରରେ ସେ ଏହି ପୁରସ୍କାର ପାଇଥିଲେ। କୌତୂହଳର କଥା, ସେହିମାସରେ ବ୍ରୁକ୍ସ ମଧ୍ୟ ପ୍ରଥମଥର ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଥିଲେ। ମହିଳା ଟି୨୦ ବିଶ୍ୱକପ୍‌ରେ ଗାର୍ଡନର ନିୟମିତ ଭାବେ ଉଇକେଟ୍ ଅକ୍ତିଆର କରିବା ସହ ମୂଲ୍ୟବାନ୍ ରନ୍ ମଧ୍ୟ ସଂଗ୍ରହ କରିଥିଲେ।






ସେଲଭାମ୍ କାର୍ଥିଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## କବାଟ ବନ୍ଦ କରି କାନ୍ଦୁଥିଲେ ସିରାଜ୍

**ବେଙ୍ଗାଲୁରୁ, ୧୩।୩(ପି.ଟି.)**

ପିତାଙ୍କ ମୃତ୍ୟୁ ପରେ ଅଷ୍ଟ୍ରେଲିଆରେ ରହିଥିବା ମହମ୍ମଦ ସିରାଜ କବାଟ ବନ୍ଦ କରି କାନ୍ଦୁଥିଲେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପୋଡ୍‌କାଷ୍ଟରେ ସିରାଜ ଏହା କହିଛନ୍ତି। ନଭେମ୍ବର ୨୦୨୦ରେ ସିରାଜଙ୍କ ପିତା ମହମ୍ମଦ ଘାଉସଙ୍କ ଦେହାନ୍ତ ହୋଇଥିଲା। କୋଭିଡ୍ ବାୟୋ ବବଲ କାରଣରୁ ରୁମ୍ ବାହାରକୁ ଯିବା ସମ୍ଭବ ନ ଥିବା ବେଳେ ସେ ନିଜ ରୁମ୍ ବନ୍ଦ କରି କାନ୍ଦୁଥିଲେ ବୋଲି ସିରାଜ କହିଛନ୍ତି। କରୋନା ଲାଗି ରହିଥିବା କଟକଣା କାରଣରୁ ସିରାଜ ନିଜ ପିତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇ ନ ଥିଲେ। ଏପରିକି ସାଥୀ ଖେଳାଳିଙ୍କ ରୁମ୍‌କୁ ଯିବାର ଅନୁମତି ମଧ୍ୟ ନ ଥିଲା। ତେବେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଆର. ଶ୍ରୀଧର ନିୟମିତ ଫୋନ୍ କରି ତାଙ୍କ ଅବସ୍ଥା ବୁଝୁଥିଲେ ବୋଲି କହିଛନ୍ତି ସିରଜ। ଫୋନ୍‌ରେ କାନ୍ଦୁ ନ ଥିଲେ ମଧ୍ୟ ରୁମ୍ ବନ୍ଦ କରି କାନ୍ଦୁଥିବା ସେ କହିଛନ୍ତି। ସୋମବାର ଭାରତୀୟ ଦଳର ଏହି ସ୍ପିଡ୍‌ଷ୍ଟର ୨୯ ବର୍ଷରେ ପଦାର୍ପଣ କରିଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ତାଙ୍କୁ ବେଶ୍ ସାହାଯ୍ୟ କରିଥିବା ସେ କହିଛନ୍ତି। ପିତାଙ୍କ ଆଶୀର୍ବାଦ ଅଛି ଓ ନିଶ୍ଚୟ ସଫଳତା ମିଳିବ ବୋଲି ଶାସ୍ତ୍ରୀ କହିଥିବା ବେଳେ ପରବର୍ତ୍ତୀ ବ୍ରିସ୍‌ବେନ ଟେଷ୍ଟରେ ସେ ୫ ଉଇକେଟ ଅକ୍ତିଆର କରିଥିଲେ। ବାପାଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାର ଲକ୍ଷ୍ୟ ରହିଥିବା ବେଳେ ତାହା ଅପୂରଣୀୟ ରହିଗଲା ବୋଲି ସେ କହିଛନ୍ତି। ଉକ୍ତ ସିରିଜରେ ଭାରତର ପ୍ରମୁଖ ବୋଲରମାନେ ଆହତ ଥିବାରୁ ସିରାଜ ଭାରତୀୟ ପେସ୍ ବୋଲିଂର ନେତୃତ୍ୱ ନେଇଥିଲେ।

## ଏଲିସ୍ ପେରୀଙ୍କ ଅର୍ଦ୍ଧଶତକ

**ମୁମ୍ବାଇ, ୧୩।୩**

ନଭି ମୁମ୍ବାଇର ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ୧୧ ତମ ମ୍ୟାଚରେ ଲଢୁଆ ଅର୍ଦ୍ଧଶତକହାସଲ କରିଛନ୍ତି ଏଲିସ୍ ପେରୀ। ପେରୀଙ୍କ ଅର୍ଦ୍ଧଶତକ ଓ ଯୁବ ଭାରତୀୟ ଉଇକେଟ କିପର ରିଚା ଘୋଷଙ୍କ ଦ୍ରୁତ ବ୍ୟାଟିଂ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସମ୍ମାନଜନକ ସ୍କୋର ହାସଲ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିଥିବା ବେଳେ ଆରସିବି ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୫୦ ରନ୍ ସଂଗ୍ରହ କରିଥିଲା। ଶିଖା ପାଣ୍ଡେଙ୍କ ଘାତକ ବୋଲିଂ କାରଣରୁ ଆରସିବିର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ସ୍ମୃତି ମନ୍ଧାନା(୮) ଦଳୀୟ ସ୍କୋର ୨୪ରେ ଆଉଟ ହେବା ସହିତ ରନ୍‌ଗତି ଧୀମେଇ ଯାଇଥିଲା। ୧୩ ଓଭର ସୁଦ୍ଧା ଦଳ ମାତ୍ର ୬୩ ରନ୍ କରି ୩ ଉଇକେଟ ହରାଇଥିଲା। ତେବେ ରିଚା ଘୋଷ କ୍ରିଜ୍‌ରେ ଯୋଗ ଦେବା ସହିତ ରନ୍‌ଗତି ବଢିଥିଲା। ରିଚାଙ୍କ ୧୬ ବଲ୍ ୩୭ ଓ ଏଲିସ୍ ପେରୀଙ୍କ ଅପରାଜିତ ୬୭ ରନ୍ ବଳରେ ଅନ୍ତିମ ୭ ଓଭରରୁ ୮୭ ରନ୍ କରିବାରେ ସମର୍ଥ ହୋଇଥିଲା। ପେରୀ ଓ ରିଚା ଚତୁର୍ଥ ଉଇକେଟରେ ୩୪ ବଲ୍‌ରୁ ୭୪ ରନ୍ ସଂଗ୍ରହ କରିଥିଲେ। ରିଚାଙ୍କ ଇନିଂସରେ ୩ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଶେଷ ଯାଏ ଅପରାଜିତ ରହିଥିବା ପେରୀ ୫୨ ବଲ୍ ଖେଳି ୪ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋଫି ଡିଭାଇନ୍ ୨୧ ଓ ହିଥର ନାଇଟ୍ ୧୧ ରନ୍ କରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ଭେଟେରାନ୍ ଶିଖା ପାଣ୍ଡେ ଚମତ୍କାର ବୋଲିଂ କରି ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୨୦ ଓଭରରେ ୧୫୦/୪ (ଏଲିସ୍ ପେରୀ–୬୭*, ରିଚା ଘୋଷ–୩୭, ସୋଫି ଡିଭାଇନ୍–୨୧, ଶିଖା ପାଣ୍ଡେ– ୩/୨୩, ତାରା ନୋରିସ୍–୧/୨୫)।



ଉଇକେଟ ନେବାପରେ ଶିଖା ପାଣ୍ଡେଙ୍କୁ ଜେସ୍ ଜୋନାସେନଙ୍କ ବଧେଇ।

## ଡ୍ୟୁକ୍ ବଲରେ ଅଭ୍ୟାସ କରିବେ ଦ୍ରୁତ ବୋଲର

**ଅହମଦାବାଦ, ୧୩।୩(ପି.ଟି.)**

ଆଇପିଏଲ୍ ସମୟରେ ଦ୍ରୁତ ବୋଲର ମାନେ ଡ୍ୟୁକ୍ ବଲ୍‌ରେ ଅଭ୍ୟାସ କରିବେ ବୋଲି ସୂଚନା ଦେଇଛନ୍ତି ଭାରତୀୟ ଅଧିନାୟକ ରୋହିତ ଶର୍ମା। ଯେଉଁ ଫ୍ରାଞ୍ଚାଇଜିରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଭାରତୀୟ ଦଳର ଖେଳାଳି ଥିବେ ସେମାନଙ୍କ ଅଭ୍ୟାସ ପାଇଁ ଡ୍ୟୁକ୍ ବଲ୍ ଯୋଗାଇ ଦିଆଯିବ। ଡବ୍ଲୁଟିସି ଫାଇନାଲ ଡ୍ୟୁକ୍ ବଲରେ ଖେଳା ଯାଉଥିବାରୁ ଏଭଳି ପଦକ୍ଷେପ ନିଆଯିବ। ଯେଉଁ ଖେଳାଳି ମାନେ ଆଇପିଏଲ ପ୍ଲେ ଅଫ୍‌ରେ ସାମିଲ ନ ଥିବେ ସେମାନେ ଦୁଇ ସପ୍ତାହ ପୂର୍ବରୁ ଲଣ୍ଡନରେ ଏକ କଣ୍ଡିସନିଂ କ୍ୟାମ୍ପରେ ଯୋଗ ଦେବେ। ମେ ୨୯ ତାରିଖରେ ଆଇପିଏଲ୍ ଫାଇନାଲ ଖେଳା ଯିବାକୁ ଥିବା ବେଳେ ଜୁନ୍ ୭ ତାରିଖରେ ଡବ୍ଲୁଟିସି ଫାଇନାଲ ଅନୁଷ୍ଠିତ ହେବ। କୋଭିଡ୍ ସଙ୍କଟ ନଥିବାରୁ ଆଇପିଏଲ୍ ପୁରୁଣା ଫର୍ମାଟରେ ଖେଳାଯିବ। ତେଣୁ ଖେଳାଳି ମାନଙ୍କୁ ଅଧିକ ଭ୍ରମଣ କରିବାକୁ ପଡିବ ଯାହା ଚାପ ସୃଷ୍ଟି କରିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ